# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ସେପ୍ଟେମ୍ବର ୧୩/୨୦୧୮ (୧୬ ପୃଷ୍ଠା+ମନ ମିଜାଜ) | Berhampur, Thursday, September 13 / 2018 | ★★★

୧୪ ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




### ରୋଷେଇ ପ୍ରିୟ ହ୍ରିତିକ୍
ଯେତେବେଳେ ବି ଅବସର ମିଳେ ନିଜ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରିବାକୁ କିଚେନ୍‌କୁ ମୁହାଁଇଥାନ୍ତି ବଲିଉଡ ଅଭିନେତା ହ୍ରିତିକ୍ ରୋଶନ ।
୧୨

୧୫
### ହକିରୁ ସର୍ଦ୍ଦାରଙ୍କ ସନ୍ନ୍ୟାସ
ଆନ୍ତର୍ଜାତିକ ହକିରୁ ପୂର୍ବତନ ଭାରତୀୟ ଅଧିନାୟକ ସର୍ଦ୍ଦାର ସିଂ ବୁଧବାର ଅବସର ଘୋଷଣା କରିଛନ୍ତି।






DADLS-102


## କଳିଙ୍ଗ ଶିକ୍ଷା ସାଥୀ ଯୋଜନା

ଉଚ୍ଚ ଶିକ୍ଷା ପାଇଁ ୧% ସୁଧରେ ମିଳୁଥିବା ୧୦ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପରିଶୋଧ କରିବାର ସମୟ ସୀମା ଏବେ ୧୫ ବର୍ଷକୁ ବୃଦ୍ଧି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର

'ମୁଁ ଚାହୁଁଛି ମୋ ରାଜ୍ୟର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଲାଭ କରିବାରୁ ବଞ୍ଚିତ ହେବେ ନାହିଁ କିମ୍ବା କାହାରି ପିତାମାତାଙ୍କ ମୁଣ୍ଡ ଉପରେ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଋଣ ବୋଝ ରହିବ ନାହିଁ।'

ମୁଖ୍ୟମନ୍ତ୍ରୀ, ଓଡ଼ିଶା



15001/13/0219/1819


## ବିଜେଡିରୁ ଦାମୋଦର ରାଉତ ବହିଷ୍କୃତ

ଭୁବନେଶ୍ୱର,୧୨ ।୯(ବ୍ୟୁରୋ)



### ମହଙ୍ଗା ପଡ଼ିଲା ଦଳ ବିରୋଧୀ ମନ୍ତବ୍ୟ

ପାରାଦୀପ ବିଧାୟକ ଡାକ୍ତର ଦାମୋଦର ରାଉତଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦଳରୁ ବହିଷ୍କୃତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦାମ କିଛିଦିନ ହେବ ଗଣମାଧ୍ୟମରେ ଯେଉଁଭଳି ବିବୃତି ରଖି ଦଳୀୟ ନେତା, ମନ୍ତ୍ରୀ ଏବଂ ସରକାରୀ କଳକୁ ହରଡଘଣାରେ ପକାଉଥିଲେ, ତାହା ତାଙ୍କୁ ଶେଷରେ ମହଙ୍ଗା ପଡିଛି। ଏହି ବରିଷ୍ଠ ନେତା ଜଣକ ନିଜର ବିବାଦୀୟ ମନ୍ତବ୍ୟ ପାଇଁ ସବୁବେଳେ ବିଜେଡିକୁ ଅଡୁଆରେ ପକାଇଆସୁଥିଲେ। ଦୁଇଦିନ ତଳେ ତାଙ୍କ ବିରୋଧରେ ଜଗତସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁଚରଣ ଦାସ ଏବଂ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ଶତାଧିକ କର୍ମୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ। ଦାମଙ୍କ ଆଚରଣ, ଉଚ୍ଚାରଣ ରାଜ୍ୟସ୍ତରରେ ବିଶେଷକରି ଜିଲାରେ ବିଜେଡିକୁ କ୍ଷତିଗ୍ରସ୍ତ କରୁଥିବା ଯୁକ୍ତି ବଢାଯାଇଥିଲା। ସୋମବାର ଜିଲା ସମୀକ୍ଷା ବୈଠକ ଏବଂ ମଙ୍ଗଳବାର ଦଳୀୟ ନେତା ଲଗାତର ଭାବେ ଦାମଙ୍କ ବିରୋଧରେ ବିଜେଡି ସଭାପତିଙ୍କ ନିକଟରେ ଫେରାଦ ହୋଇଥିଲେ। ☞ପୃଷ୍ଠା-୪

## ପୂର୍ବତନ ଏମ୍‌ପି ରାମଚନ୍ଦ୍ର ମଲ୍ଲିକଙ୍କ ପରଲୋକ



ଯାଜପୁରରୋଡ,୧୨।୯(ନି.ପ୍ର.)

ଯାଜପୁର ଲୋକ ସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ଏମ୍‌ପି ରାମଚନ୍ଦ୍ର ମଲ୍ଲିକଙ୍କ ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଗତ କିଛି ଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେ କୋରେଇ ବ୍ଲକ ଅନ୍ତର୍ଗତ ☞ପୃଷ୍ଠା-୪

## ବାଘୁଣୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ବନ୍ତଲା,୧୨।୯(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଟିକରାପଡ଼ା ରେଞ୍ଜରେ ବୁଧବାର ବାଘୁଣୀ ସୁନ୍ଦରୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସମ୍ପୂର୍ଣ୍ଣ ରେଞ୍ଜରେ ବ୍ୟାପକ ପୋଡ଼ାଜଳା, ହିଂସା ଦେଖିବାକୁ ମିଳିଛି। ଶହ ଶହ ଲୋକ ଟିକରପଡ଼ା ରେଞ୍ଜରେ ଥିବା ବିଟ୍ ହାଉସ, ରେଞ୍ଜ କାର୍ଯ୍ୟାଳୟ, ବନ ବିଭାଗର ବଙ୍ଗଳା, ରେଞ୍ଜରଙ୍କ ବାସଗୃହ, ଗାଡ଼ି, ଲଞ୍ଚ ଆଦି ପୋଡ଼ି ପାଉଁଶ କରିଦେଇଛନ୍ତି। ଘଟଣା ସମ୍ପର୍କରେ ବନ ବିଭାଗ ମୁହଁ ଖୋଲୁ ନ ଥିବା ବେଳେ କୌଣସି ବରିଷ୍ଠ ଅଧିକାରୀ, ଜିଲା ପ୍ରଶାସନ କିମ୍ବା ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି।

ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ଥାନା ଅଧୀନରେ ଥିବା ଟିକରପଡ଼ା ପଞ୍ଚାୟତ ହାତୀବାରୀ ଗ୍ରାମର ମହିଳା କୈଳାସ ସାଇଅ (୫୦) ସକାଳେ ମେଣ୍ଡିକା ନାଳ ନିକଟକୁ ଯାଇଥିବା ବେଳେ ବାଘୁଣୀ ସୁନ୍ଦରୀ ତାଙ୍କୁ ଆକ୍ରମଣ କରି ମାରିଦେଇଥିଲା। ଅପରାହ୍ନ ୨ଟାରେ ଗ୍ରାମବାସୀ ଖୋଜାଖୋଜି କରି ଏକ ବୁଦାମୂଳୁ ତାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଥିଲେ। ☞ପୃଷ୍ଠା-୫



୬ଟି ଲଞ୍ଚରେ ଲାଗିଥିବା ନିଆଁ ।

### ଟିକରପଡ଼ା ରେଞ୍ଜରେ ଲଙ୍କାକାଣ୍ଡ
- ପୋଡ଼ିଦେଲେ ବହୁ ବିଟ୍ ହାଉସ, ରେଞ୍ଜ କାର୍ଯ୍ୟାଳୟ
- ଜଳିଗଲା ବନ ବିଭାଗ ବଙ୍ଗଳା, ୱାଚରଙ୍କ ବାସଗୃହ
- ୬ ଲଞ୍ଚ, ୮ ବାଇକ୍, ସ୍କୁଟି ପାଉଁଶ

## ପୋଖରୀରେ ବୁଡ଼ି ଦୁଇ ଛାତ୍ର ମୃତ

ବାଲିକୁଦା,୧୨।୯(ସ୍ୱ.ପ୍ର.)

ବାଲିକୁଦା ଥାନା ଅଧୀନ ମୂଳଗାଁ ପଞ୍ଚାୟତ ସିଙ୍ଗିରି ଗ୍ରାମରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ଗାଧୋଇବା ସମୟରେ ବୁଡ଼ିଯାଇ ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗ୍ରାମର ଶରତ ବିଶ୍ୱାଳଙ୍କ ପୁଅ ଓମ ବିଶ୍ୱାଳ(୯) ଓ ପ୍ରତାପ ରାଉତଙ୍କ ପୁଅ ଆର୍ଯ୍ୟ ସୁମନ ରାଉତ(୧୦)। ଓମ୍ ଚତୁର୍ଥ ଓ ଆର୍ଯ୍ୟସୁମନ ପଞ୍ଚମ ଶ୍ରେଣୀରେ ପଢୁଥିଲେ। ଦୁଇ ଜଣ ସ୍କୁଲ ଯିବା ପୂର୍ବରୁ ଗାଁ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ☞ପୃଷ୍ଠା-୪

## ■ ନୂଆଦିଲ୍ଲୀରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍
# ଦେଶର ଷ୍ଟିଲ୍ ହବ୍ ପାଲଟିଛି ଓଡ଼ିଶା

ନୂଆଦିଲ୍ଲୀ,୧୨।୯(ପି.ଟି.)

ଦେଶର ମୋଟ ଇସ୍ପାତ୍ ଉତ୍ପାଦନର ପ୍ରାୟ ୨୫% କେବଳ ଓଡ଼ିଶାରେ ହେଉଛି। ଏଥିଯୋଗୁ ଓଡ଼ିଶା ଭାରତର ଷ୍ଟିଲ୍ ହବ୍‌ରେ ପରିଣତ ହୋଇଛି। ନୂଆଦିଲ୍ଲୀରେ ବୁଧବାର ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି।

ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ସମ୍ପର୍କରେ ଅବତାରଣା କରିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି ଦକ୍ଷିଣ ଏସିଆର ଆଲୁମିନିୟମ୍ ରାଜଧାନୀ। ଦେଶର ୫୪%ରୁ ଊର୍ଦ୍ଧ୍ୱ ଆଲୁମିନିୟମ୍ ଉତ୍ପାଦନ ଓଡ଼ିଶାରେ ହେଉଛି। ପୂର୍ବ ଭାରତର ମାନୁଫାକ୍ଚରିଂ ହବ୍ ଭାବେ ଓଡ଼ିଶା ଦ୍ରୁତଗତିରେ ଉଭାହେବାକୁ ଯାଉଛି। ବିଗତ ୧୮ ବର୍ଷରେ ରାଜ୍ୟର ବନ୍ଦର କ୍ଷମତା ୨୦.୫ ଏମ୍‌ଏମ୍‌ଟିରୁ ୧୯୦ ଏମ୍‌ଏମ୍‌ଟିକୁ ବୃଦ୍ଧି ପାଇଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ କ୍ଷମତା ତିନିଗୁଣାରୁ ଅଧିକ ବୃଦ୍ଧିପାଇ ୧୭,୬୯୦ ମେଗାୱାଟ୍‌ରେ ପହଞ୍ଚିଛି। ଏଥିସହ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇଛି। ଏହାବ୍ୟତୀତ ରାଜ୍ୟର ରୋଡ୍ ନେଟ୍‌ୱର୍କରେ ୫୦%ରୁ ଊର୍ଦ୍ଧ୍ୱ ବୃଦ୍ଧିପାଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଷ୍ଟାର୍ଟଅପ୍ ଓଡ଼ିଶା ଇନିସିଏଟିଭ୍ ଆରମ୍ଭ ହେବାର ଅଳ୍ପ କିଛିମାସ ମଧ୍ୟରେ ☞ପୃଷ୍ଠା-୪

### ପୁଞ୍ଜିନିବେଶ ପାଇ ଶିଳ୍ପପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ




### ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ
ମାନସିକ ରୋଗ ଓ ଖାଦ୍ୟ

### ଆଜିର ମନ୍ତବ୍ୟ
“ଲୁଣ୍ଠନକାରୀଙ୍କୁ ବିଦେଶରେ ଥଇଥାନ କରିବାକୁ ଟ୍ରାଭେଲ୍ ଏଜେନ୍ସି ଖୋଲିଛି ଭାଜପା।
-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର


NECC NATIONAL EGG CO-ORDINATION COMMITTEE | 12.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 58 | 103 | 113 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers


## ଡାକ୍ତରଙ୍କ କୂଅରୁ ମିଳିଲା ବ୍ୟାଙ୍କ ଏଜେଣ୍ଟଙ୍କ ମୃତଦେହ

ବ୍ରହ୍ମପୁର ଅଫିସ, ୧୨।୯



ବିଷ୍ଣୁ ପ୍ରସାଦ ଗୌଡ

- ଅଗଷ୍ଟ ୧୮ରୁ ନିଖୋଜ ଥିଲେ
- ହତ୍ୟା ସ୍ପଷ୍ଟ, ଡାକ୍ତର ଫେରାର
- ଜଣେ ଗିରଫ, ୨ ଅଟକ
- ନର୍ସିଂହୋମ୍ ସିଲ୍ କଲା ପୋଲିସ

ବ୍ରହ୍ମପୁର ଏଚଡିଏଫସି ବ୍ୟାଙ୍କ କମିଶନ ଏଜେଣ୍ଟ ବିଷ୍ଣୁ ପ୍ରସାଦ ଗୌଡଙ୍କ ନିଖୋଜ ଓ ଅପହରଣ ମାମଲାର ବୁଧବାର ପର୍ଦ୍ଦାଫାଶ ହୋଇଛି। ଏହା ଏକ ସୁପରିକଳ୍ପିତ ଏବଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ସ୍ପଷ୍ଟ କରିଛି। ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଗାୟତ୍ରୀ ନର୍ସିଂ ହୋମ୍ ଡାକ୍ତର ହୃଷୀକେଶ ତ୍ରିପାଠୀଙ୍କର ବ୍ରହ୍ମପୁର ଉପକଣ୍ଠରେ ଥିବା ବଡଗୁମୁଳା ଗ୍ରାମ ପ୍ଲଟ୍‌ର ଏକ ପରିତ୍ୟକ୍ତ କୂଅରୁ ବିଷ୍ଣୁଙ୍କ ମୃତଦେହ ମିଳିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି । ଏ ନେଇ ଗତ ୪ ତାରିଖରେ ବୈଦ୍ୟନାଥପୁର ଥାନାରେ ନଂ. ୧୮୬/୧୮ରେ ଏକ ଅପହରଣ ମାମଲା ରୁଜୁ କରାଯାଇଥିଲା । ତାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି । ☞ପୃଷ୍ଠା-୪

## ସରକାର-ଶିକ୍ଷକ ଆଲୋଚନା ବିଫଳ

ଭୁବନେଶ୍ୱର,୧୨ ।୯(ବ୍ୟୁରୋ)

- ସୁପ୍ରିମକୋର୍ଟ ଆଳ
- ଆଉ ୩ ମାସ ମାଗିଲେ ସରକାର
- ଆନ୍ଦୋଳନ ଜାରି ରଖିବାକୁ ମିଳିତ ମଞ୍ଚର ଚେତାବନୀ
- ବିଧାନସଭା ପରେ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବାକୁ ଯୋଜନା

ବିରୋଧୀ ଦଳଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ସରକାର ଶିକ୍ଷକ ସଂଗଠନ ନେତାଙ୍କ ସହ ଆଲୋଚନା କଲେ। ହେଲେ କୌଣସି ଦାବି ପୂରଣ କଲେ ନାହିଁ। କେବଳ ପ୍ରତିଶ୍ରୁତିରେ ସୀମିତ ହୋଇଗଲା ଆଲୋଚନା। ଦାବି ପୂରଣ ପାଇଁ ଆଉ ୩ ମାସ ଦିଅ। ପୁଣି ଏକ ବୈଷୟିକ କମିଟି ଗଠନ ହେବ। ଦାବିଗୁଡ଼ିକ ଉପରେ ତର୍ଜମା କରି ସରକାର ଆବଶ୍ୟକ ପଦକ୍ଷେପ ନେବେ। ବୁଧବାର ମଧ୍ୟାହ୍ନରେ ବସିଥିବା ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ସଂଗଠନର ନେତାମାନଙ୍କୁ ସରକାର ଏମିତି ଶୁଣାଇ ଦେଲେ। ୨ ଘଣ୍ଟାରୁ ଊର୍ଦ୍ଧ୍ୱ କାଳ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରିଲା ନାହିଁ। ☞ପୃଷ୍ଠା-୪


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ
## ବିଜ୍ଞାପନ

ଏତଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ସମ୍ପୃକ୍ତ ବସ୍ ମାଲିକମାନେ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍‌ଗୁଡିକର ରେଜିଷ୍ଟ୍ରେସନ୍ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା route ଏବଂ timing ପରିବହନ କମିଶନରଙ୍କ Website : - www.odishatransport.gov.in / orissatransport.nic.in ରେ ଉପଲବ୍ଧ । ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହାହେଲେ Odisha Permit Management System (OPMS) ରେ ବସ୍ ମାଲିକମାନେ ତା ୨୪.୦୯.୨୦୧୮ ରିଖ ସୁଦ୍ଧା ଆପତି ଦାଖଲ କରିପାରିବେ । ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ ।

ଉପରୋକ୍ତ ଦରଖାସ୍ତ ଗୁଡିକର ଶୁଣାଣୀ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକ ଠାରେ ନିମ୍ନମତେ କରାଯିବ ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ ରୁ ୬୦ | ୨୭.୦୯.୨୦୧୮ | ପୂର୍ବାହ୍ନ ୧୧ ଘଟିକା |
| ୬୧ ରୁ ୧୨୦ | ୨୮.୦୯.୨୦୧୮ | |
| ୧୨୧ ରୁ ୧୮୦ | ୦୩.୧୦.୨୦୧୮ | |
| ୧୮୧ ରୁ ୨୪୦ | ୦୪.୧୦.୨୦୧୮ | |
| ୨୪୧ ରୁ ୨୭୦ | ୦୫.୧୦.୨୦୧୮ | |

ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତି କରିଥିବା ବସ୍ ମାଲିକମାନେ ଉକ୍ତ ଦିନ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜର ପକ୍ଷ ଲିଖିତ ଭାବେ ଏବଂ ମୌଖିକ ଭାବେ ରଖିପାରିବେ । ଦରଖାସ୍ତ କରିଥିବା ବସ୍‌ର Operational Status ପ୍ରମାଣପତ୍ର, ଦରଖାସ୍ତ ଏବଂ ଆପତି କରିଥିବା ବ୍ୟକ୍ତି ଏବଂ କ୍ଷମତାପ୍ରାପ୍ତ ବ୍ୟକ୍ତି ନିଜର ମୂଳ ପରିଚୟପତ୍ର ଏବଂ କ୍ଷମତା ପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

ସଚିବ
ପରିବହନ କମିଶନର
ଓଡିଶା



“ଆର୍‌ଏସ୍‌ଏସ୍ ଦେଶ ଉପରେ ନିଜ ବିଚାରଧାରାର କାର୍ଯ୍ୟସୂଚୀ ଲଦିଦେଉଛି। ତାକୁ କାର୍ଯ୍ୟକାରୀ କରିବାର ସଂସ୍ଥା ହେଉଛି ଭାଜପା। ସଂଘ ବିରୋଧରେ ଲଢ଼େଇ କରିବା ଏବଂ ଭାଜପାକୁ ହରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପ୍ରତିଶ୍ରୁତିବଦ୍ଧ।
- ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା



## ସଂକ୍ଷେପରେ

### ଶରିଫ୍, ମରିୟମଙ୍କୁ ପାରୋଲ



**ଲାହୋର,୧୨।୯(ପି.ଟି.):** ପାକିସ୍ଥାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ତାଙ୍କ ଝିଅ ମରିୟମ ଏବଂ ଜ୍ୱାଇଁ କ୍ୟାପଟେନ୍(ଅବସରପ୍ରାପ୍ତ) ମହମ୍ମଦ ସଫଦରଙ୍କୁ ବୁଧବାର ୧୨ ଘଣ୍ଟିଆ ପାରୋଲ ମିଳିଛି। ଶରିଫଙ୍କ ସ୍ତ୍ରୀ କୁଲ୍‌ସୁମଙ୍କ ମଙ୍ଗଳବାର ପରଲୋକ ହୋଇଥିଲା। ତାଙ୍କର ଅନ୍ତିମ ସଂସ୍କାରରେ ଯୋଗଦେବାକୁ ଶରିଫ୍ ତାଙ୍କ ଝିଅ ଏବଂ ଜ୍ୱାଇଁ ରାୱଲପିଣ୍ଡିର ଆଦଲାଲା ଜେଲରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଅପରାହ୍ନ ୩ଟା୧୫ ମିନିଟ୍‌ରେ ଲାହୋରରେ ପହଁଞ୍ଚିଛନ୍ତି। ଶରୀଫ୍ ସାନଭାଇ ଶେହବାଜ୍ ଶରିଫ୍ ପଞ୍ଜାବ ସରକାରଙ୍କ ନିକଟରେ ଏମାନଙ୍କ ପାଇଁ ୫ ଦିନିଆ ପାରୋଲ ଆବେଦନ କରିଥିଲେ। ତେବେ ସେମାନଙ୍କୁ ୧୨ ଘଣ୍ଟାର ପାରୋଲ ଅନୁମତି ମିଳିଛି।

### ତ୍ୟାଗୀଙ୍କୁ ଜାମିନ

**ନୂଆଦିଲ୍ଲୀ,୧୨।୯(ପି.ଟି.):** ଅଗଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର ଦୁର୍ନୀତି ମାମଲାରେ ପୂର୍ବତନ ବାୟୁସେନା ମୁଖ୍ୟ ଏସ୍.ପି.ତ୍ୟାଗୀଙ୍କୁ ଦିଲ୍ଲୀର ଏକ କୋର୍ଟରୁ ବୁଧବାର ଜାମିନ ମିଳିଛି। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ତାଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ଏହା



ସହ ତ୍ୟାଗୀ ଏବଂ ତାଙ୍କର ସମ୍ପର୍କୀୟ ଭାଇ ଏହି ମାମଲାରେ ସମ୍ପୃକ୍ତ ଥିବାରୁ ବୁଧବାର ସେ ମଧ କୋର୍ଟରେ ହାଜର ହୋଇଥିଲେ। ୧ ଲକ୍ଷ ଟଙ୍କାର ବେଲ୍ ବଣ୍ଡରେ ତାଙ୍କୁ ଜାମିନ୍ ମିଳିଛି। ଜୁଲାଇ ୨୪ରେ ଏହି ମାମଲାରେ ଅଗଷ୍ଟା ୱେଷ୍ଟଲାଣ୍ଡ ଏବଂ ଫିନମେକାନିକାର ନିର୍ଦ୍ଦେଶକ ଏବଂ ତ୍ୟାଗୀଙ୍କ ସହ ଅନ୍ୟମାନଙ୍କୁ ନୋଟିସ ହୋଇଥିଲା।

### ଅନଶନ ଭାଙ୍ଗିଲେ ହାର୍ଦ୍ଦିକ

**ଅହମ୍ମଦାବାଦ,୧୨।୯(ପି.ଟି.):** ପଟିଦାର ସଂରକ୍ଷଣ ଆନ୍ଦୋଳନର ନେତା ହାର୍ଦ୍ଦିକ ପଟେଲ ୧୯ ଦିନ ପରେ ଅନଶନରୁ ଓହରିଛନ୍ତି। ତେବେ ଗୁଜରାଟ ସରକାରଙ୍କ ସହ ହାର୍ଦ୍ଦିକଙ୍କ କୌଣସି



ପ୍ରକାର ଆଲୋଚନା ହୋଇନାହିଁ। ଅନଶନ ଶେଷ କରିବା ପରେ ହାର୍ଦ୍ଦିକ କହିଛନ୍ତି, ପଟିଦାର ସମାଜ ଓ କୃଷକଙ୍କ ଋଣଛାଡ ନେଇ ଆଗାମୀ ଦିନରେ ଲଢ଼େଇ ଜାରି ରହିବ। ଉଲ୍ଲେଖଯୋଗ୍ୟ ଯେ, ହାର୍ଦ୍ଦିକ ଅଗଷ୍ଟ ୨୫ରୁ ତାଙ୍କ ବାସଭବନରେ ଅନଶନରେ ବସିଥିଲେ।

### ଫ୍ୟାକ୍ଟ୍ରିରେ ବିସ୍ଫୋରଣ
### ୬ ଶ୍ରମିକ ମୃତ

**ବିଜ୍‌ନୋର,୧୨।୯(ପି.ଟି.):** ଉତ୍ତରପ୍ରଦେଶର ବିଜ୍‌ନୋର ଅଞ୍ଚଳରେ ବୁଧବାର ଏକ ପେଟ୍ରୋ-କେମିକାଲ ଫ୍ୟାକ୍ଟ୍ରି ବଏଲର୍‌ରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୬ ଜଣ ଶ୍ରମିକ ପ୍ରାଣ ହରାଇଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଏବେ ବି ଜଣେ ଶ୍ରମିକ ନିଖୋଜ ଥିବା ସ୍ଥାନୀୟ ଏସ୍‌ପି ଉମେଶ କୁମାର ସିଂ ସୂଚନା ଦେଇଛନ୍ତି।

## ଇତିହାସର ଆଇନାରେ

### ସେପ୍ଟେମ୍ବର ୧୩ର ପ୍ରମୁଖ ଘଟଣା

୧୯୪୮ ସେପ୍ଟେମ୍ବର ୧୩ରେ ତତ୍କାଳୀନ ଭାରତର ଉପପ୍ରଧାନମନ୍ତ୍ରୀ ବଲ୍ଲଭଭାଇ ପଟେଲ ଭାରତୀୟ ସେନାକୁ ହାଇଦ୍ରାବାଦ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରେଶନ୍ ପୋଲୋ ଜରିଆରେ ହାଇଦ୍ରାବାଦର ଶେଷ ନିଜାମଙ୍କୁ କ୍ଷମତାଚ୍ୟୁତ କରି ହାଇଦ୍ରାବାଦକୁ ଭାରତରେ ମିଶାଇ ଦିଆଗଲା।

୨୦୦୮ ସେପ୍ଟେମ୍ବର ୧୩ରେ ଦିଲ୍ଲୀରେ ଏକସମୟରେ ୫ଟି ବିସ୍ଫୋରଣ ହୋଇଥିଲା। ପ୍ରଥମ ବିସ୍ଫୋରଣ କରୋଲବାଗ୍‌ରେ ଥିବା ଗଫରମାର୍କେଟରେ ସନ୍ଧ୍ୟା ୬ଟା ୭ମିନିଟ୍‌ରେ ହୋଇଥିଲା। ଏଥିରେ ୩୦ ଜଣ ନିହତ ଓ ୧୦୦ ଆହତ ହୋଇଥିଲେ।

## ପିଏଲ୍‌ଏର ଔଦ୍ଧତ୍ୟ: ମାସକ ମଧରେ ୩ ଥର ଅନୁପ୍ରବେଶ

# ମାଡ଼ିଆସିଥିଲା ଚାଇନା

**ନୂଆଦିଲ୍ଲୀ,୧୨।୯**

ମାନୁନାହିଁ ଚାଇନା ସେନା। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଔଦ୍ଧତ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଡୋକ୍‌ଲାମ୍ ବିବାଦ ପରେ କୌଣସି ନା କୌଣସି ଆଳକରି ପିଏଲ୍‌ଏ ଭାରତୀୟ ସୀମାକୁ ଅତିକ୍ରମଣ କରିବାକୁ ବାରମ୍ବାର ଉଦ୍ୟମ କରୁଛି। କେବଳ ଅଗଷ୍ଟ ମାସରେ ଉତ୍ତରାଖଣ୍ଡରେ ଚାଇନା ସେନା ତିନି ତିନିଥର ସୀମା ଲଂଘିଛି। ଭାରତ-ଚାଇନା ସୀମା ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ମୁତୟନ ଭାରତ-ତିବ୍ବତୀୟ ବର୍ଡର ପୋଲିସ (ଆଇଟିବିପି) ପକ୍ଷରୁ ବୁଧବାର ଏନେଇ ରିପୋର୍ଟ ଜାରି କରାଯିବା ପରେ ଦେଶବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି। ମିଳିଥିବା ସୂଚନାନୁସାରେ ପିଏଲ୍‌ଏ ଗତମାସ ଉତ୍ତରାଖଣ୍ଡର ଚାମୋଲି ଜିଲା ବରହୋତି ଗ୍ରାମରୁ ୪ କି.ମି. ଭିତରକୁ ମାଡ଼ିଆସିଥିଲା। ଅଗଷ୍ଟ ୬, ୧୪ ଓ ୧୫ ତାରିଖରେ ପୃଥକ୍ ଭାବେ ତିନିଥର ଏଭଳି ଦୁଃସାହସ କରିଥିଲା ଚାଇନା ସେନା। ଏହା ପୂର୍ବରୁ ପିଏଲ୍‌ଏ ସୈନ୍ୟମାନେ ପୂର୍ବ ଲଦାଖ ସୀମା ଲଂଘି



ଡେମ୍‌ଚୋକ୍ ଅଞ୍ଚଳରେ ଅନୁପ୍ରବେଶ କରିଥିଲେ। ସେମାନେ ୩୦୦ ମିଟର ଭିତରକୁ ମାଡ଼ିଆସି ସେଠାରେ ୪ଟି ତମ୍ବୁ ପକାଇଥିଲେ। ଭାରତ-ଚାଇନା ମଧରେ ଥିବା ୪,୦୫୭ କି.ମି. ବ୍ୟାପି ଏଲ୍‌ଏସିରେ ହିମବାହ, ତୁଷାର ମରୁଅଞ୍ଚଳ, ପର୍ବତ ଓ ନଦୀ ରହିଛି। ଏହାକୁ ଅତିକ୍ରମ କରି ପିଏଲ୍‌ଏ ବାରମ୍ବାର ଭାରତୀୟ ସୀମାକୁ ଆସୁଛି। ଉଭୟ ଦେଶର ସ୍ୱତନ୍ତ୍ର ପ୍ରତିନିଧିଙ୍କ ମଧରେ ଏନେଇ ଏକାଧିକ ଥର ଆଲୋଚନା ହୋଇଥିଲେ ହେଁ ତାହା ଫଳପ୍ରଦ ହେଉନାହିଁ।

## ସର୍ଜିକାଲ୍ ଷ୍ଟ୍ରାଇକ୍‌ରେ ସହାୟକ ହୋଇଥିଲା ଚିତାବାଘ ମଳମୂତ୍ର

**ପୁଣେ,୧୨।୯(ପି.ଟି.)**

ସର୍ଜିକାଲ୍ ଷ୍ଟ୍ରାଇକ୍‌ରେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ କେବଳ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୋଇ ନ ଥିଲା, ବରଂ ଚିତାବାଘର ମଳ ଓ ମୂତ୍ର ଏହି ଅପରେଶନରେ ଭାରତୀୟ ସେନାକୁ ସହାୟକ ହୋଇଥିଲା। ଏହି ସୀମାପାର ଅଭିଯାନକୁ ଦୁଇବର୍ଷ ପୂରିବାକୁ ଯାଉଥିବାବେଳେ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ବୁଧବାର ଏନେଇ ସୂଚନା ଦେଇଛନ୍ତି।



୨୦୧୬ ସେପ୍ଟେମ୍ବର ୨୮ ମଧରାତ୍ରିରେ ଭାରତୀୟ ସେନାର ପାରା କମାଣ୍ଡୋ ବାହିନୀ ପାକ୍-ଅଧିକୃତ କଶ୍ମୀର (ପିଓକେ) ଯାଇ ଆତଙ୍କବାଦୀଙ୍କ ଅନେକ ଲଞ୍ଚ୍‌ପ୍ୟାଡ୍ ଧ୍ୱଂସ କରିଥିଲେ। ଏହାସହ ଯବାନଙ୍କ ଗୁଳିବର୍ଷା ଓ ମୋର୍ଟାର ମାଡ଼ରେ ୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିବା ସେତେବେଳେ ସେନା ଓ ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏନେଇ ନଗ୍‌ରୋଟା କର୍ପସର ପୂର୍ବତନ କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆର୍.ଆର୍. ନିମ୍ଭୋରକର ପୁଣେର ଏକ କାର୍ଯ୍ୟକ୍ରମରେ ଭାଗନେଇ କହିଛନ୍ତି, ସେମାନେ ଯେଉଁ ବାଟ ଦେଇ ଯାଇଥିଲେ ସେଠାରେ କୁକୁର ଭୁକିବା ଆଶଙ୍କା ଥିଲା। କୁକୁରଙ୍କ ଶବ୍ଦ ଶୁଣିଲେ ଆତଙ୍କବାଦୀମାନେ ସଜାଗ ହୋଇଯିବେ ବୋଲି ସେମାନେ ଚିତାବାଘର ମଳ ଓ ମୂତ୍ରକୁ ସାଙ୍ଗରେ ନେଇ ଯାଇଥିଲେ। ଏଥିଯୋଗୁ ଚିତାବାଘ ଆସୁଛି ମନେକରି କୁକୁରମାନେ ଭୟରେ ଦୂରକୁ ଚାଲିଯାଇଥିଲେ। ଫଳରେ ସର୍ଜିକାଲ୍ ଷ୍ଟ୍ରାଇକ୍ ସଫଳ ହୋଇପାରିଥିଲା ବୋଲି ନିମ୍ଭୋରକର ଅପରେଶନ ବେଳର ନିଜ ଅନୁଭୂତି ବାଣ୍ଟିଛନ୍ତି।

## ଥରିଲା କଶ୍ମୀରରୁ ଆସାମ

**କୋଲକାତା,୧୨।୯(ପି.ଟି.)**

ଦେଶର ଉତ୍ତର ଏବଂ ଉତ୍ତର-ପୂର୍ବାଞ୍ଚଳରେ ବୁଧବାର ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଆସାମ, ମେଘାଳୟ, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ୫.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୂଚନା ମୁତାବକ, ପୂର୍ବାହ୍ନ ୧୦ଟା ୨୦ ମିନିଟ୍‌ରେ ୧୫ରୁ ୨୦ ସେକେଣ୍ଡ ପାଇଁ ଝଟକା ଅନୁଭୂତ ହୋଇଥିଲା। ଭୂକମ୍ପର ଉତ୍ପତ୍ତିସ୍ଥଳ ଆସାମର କୋକ୍ରାଝର ସହରଠାରୁ ୨ କି.ମି. ଦୂର ଏବଂ ଏହାର ଗଭୀରତା ୧୦ କି.ମି. ରହିଥିଲା। ତେବେ ଏଥିରେ କୌଣସି କ୍ଷୟକ୍ଷତି ରିପୋର୍ଟ ସାମ୍ନାକୁ ଆସିନାହିଁ। କିନ୍ତୁ ଭୂକମ୍ପ ଝଟକା ପରେ ଲୋକଙ୍କ ମଧରେ ଆତଙ୍କ ଖେଳିଯାଇଥିଲା। ଏହାପୂର୍ବରୁ ଭୋର ୫ଟା ୧୫ ମିନିଟ୍‌ରେ ଜମ୍ମୁ-କଶ୍ମୀରର ଲଦାଖ ଅଞ୍ଚଳରେ ମୃଦୁ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଏହାର ଉତ୍ପତ୍ତିସ୍ଥଳ କାର୍ଗିଲ ସହରଠାରୁ ୧୯୯ କି.ମି. ଦୂର ବୋଲି ଜଣାପଡ଼ିଛି।


## ୫ ରାଜ୍ୟରେ ହୋଇପାରେ ଏକସଙ୍ଗେ ନିର୍ବାଚନ

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ମଧ୍ୟପ୍ରଦେଶ, ମିଜୋରାମ, ରାଜସ୍ଥାନ, ଛତିଶଗଡ଼ ଏବଂ ତେଲେଙ୍ଗାନାରେ ଏକସଙ୍ଗେ ବିଧାନସଭା ନିର୍ବାଚନ କରିବା ଲାଗି ନିର୍ବାଚନ କମିଶନ ଯୋଜନା କରୁଥିବା ଜଣାପଡ଼ିଛି। ଏ ନେଇ ସବୁ ପ୍ରକାର ପ୍ରସ୍ତୁତି ଡିସେମ୍ବର ୧୫ ସୁଦ୍ଧା ଶେଷ ହୋଇଯିବ ବୋଲି ନିର୍ବାଚନ କମିଶନ୍‌ର ଜଣେ ଅଧିକାରୀ ବୁଧବାର ସୂଚନା ଦେଇଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ପୂର୍ବଭଳି ଛତିଶଗଡ଼ରେ ଦୁଇ ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇପାରେ। କିନ୍ତୁ ବାକି ୪ ରାଜ୍ୟରେ ଗୋଟିଏ ଲେଖାଏଁ ପର୍ଯ୍ୟାୟରେ ମତଦାନ କରାଯାଇପାରେ।

ତେଲେଙ୍ଗାନାରେ ବିଧାନସଭା ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ୮ରେ ପ୍ରକାଶିତ ହେବ ବୋଲି ଶନିବାର କମିଶନ ସୂଚନା ଦେଇଥିଲେ। ତେଲେଙ୍ଗାନା ବିଧାନସଭା ଭଙ୍ଗ ହେବା ପରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ ପୋଲ୍ ପ୍ୟାନେଲ୍ ବାତିଲ କରି ପୁନଃ ଯାଞ୍ଚ ପାଇଁ ଏକ ନୂଆ ସମୟସାରଣୀ ଘୋଷଣା କରିଥିଲେ। ଏହି ନୂଆ ସମୟ ସାରଣୀ ଅନୁସାରେ ଡ୍ରାଫ୍ଟ ଇଲେକ୍ଟୋରାଲ୍ ରୋଲ ସେପ୍ଟେମ୍ବର ୧୦ରେ ପ୍ରକାଶ ପାଇବ। ଭୋଟର ତାଲିକା ସମ୍ପର୍କିତ ଅଭିଯୋଗ ସେପ୍ଟେମ୍ବର ୧୦ରୁ ସେପ୍ଟେମ୍ବର ୨୫ ମଧରେ ହେବ। ଅକ୍ଟୋବର ୪ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଡାଟାବେସ୍ ଅପଡେଟ୍ ଏବଂ ସପ୍ଲିମେଣ୍ଟ ପ୍ରିଣ୍ଟିଂ ଅକ୍ଟୋବର ୭

### ଡିସେମ୍ବର ୧୫ ସୁଦ୍ଧା ଶେଷ ହେବ ପ୍ରସ୍ତୁତି



ସୁଦ୍ଧା ସରିବ। ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ୮ରେ ପ୍ରକାଶ ପାଇବ ଏବଂ ଏହା ପରେ ଯେକୌଣସି ସମୟରେ ନିର୍ବାଚନ ହୋଇପାରେ। କାରଣ ନୂଆ ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନ ଘୋଷଣା କରିବା ପାଇଁ ନିର୍ବାଚନ କମିଶନଙ୍କୁ ଆଇନତଃ କ୍ଷମତା ମିଳିଥାଏ।

୨୦୧୯ ଜୁନ୍‌ରେ ତେଲେଙ୍ଗାନା ବିଧାନସଭା କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ଗତ ଗୁରୁବାର ରାଜ୍ୟ କ୍ୟାବିନେଟ୍ ଏହାକୁ ଆଗତୁରା ଭଙ୍ଗ କରିଥିଲା। ଡିସେମ୍ବର ୧୫ରେ ମିଜୋରାମ ବିଧାନସଭା କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭା ମିଆଦ ଯଥାକ୍ରମେ ୨୦୧୯ ଜାନୁୟାରୀ ୫, ଜାନୁୟାରୀ ୭ ଏବଂ ଜାନୁୟାରୀ ୨୦ରେ ସମ୍ପୂର୍ଣ୍ଣ ହେବ। ମିଜୋରାମକୁ ମିଶାଇ ଏକାଠି ନିର୍ବାଚନ କରିବାକୁ ହେଲେ ଡିସେମ୍ବର ୧୫ ସୁଦ୍ଧା ସବୁ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ଫୁର୍‌ସତ

### ନିଜାମଙ୍କ ଟିଫିନ୍‌ରେ ଖାଉଥିଲେ ଚୋର

**ହାଇଦ୍ରାବାଦ:** ହାଇଦାବାଦ୍ ସ୍ଥିତ ନିଜାମୁଦ୍ଦିନ୍ ମ୍ୟୁଜିୟମରୁ ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ୨ ଅଭିଯୁକ୍ତଙ୍କଠାରୁ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ମହମ୍ମଦ ଘୋଷି ପାସା ଏବଂ ମହମ୍ମଦ ମୁବିନ୍‌ଙ୍କଠାରୁ ୭ମ ନିଜାମ ନୱାବ ମୀର ଓସମାନ ଅଲ୍ଲୀଖାନ୍ ବାହାଦୁରଙ୍କ ହୀରା ଖଚିତ ୧୯୫୦ ଗ୍ରାମର ତିନି ଥାକିଆ ଟିଫିନ, ଚା କପ୍ ଏବଂ ସୁନାର ଚାମଚ ଜବତ କରାଯାଇଛି। ଦୁଇ ଚୋର ସୁନାର ଟିଫିନରେ ଖାଦ୍ୟ ଖାଉଥିଲେ। ନିଜାମ ଏଥିରେ ଖାଦ୍ୟ ଖାଉଥିଲେ କି




ନାହିଁ କେହି ଦେଖି ନ ଥିବେ, କିନ୍ତୁ ସୁବର୍ଣ୍ଣ ଟିଫିନ୍‌ରେ ଦୁଇଚୋରଙ୍କ ଖାଦ୍ୟ ଗ୍ରହଣ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଆତ୍ମହତ୍ୟାରେ ଭାରତ ଆଗୁଆ

**ନୂଆଦିଲ୍ଲୀ:** ବିଶ୍ୱରେ ବାର୍ଷିକ ପାଖାପାଖି ୮ ଲକ୍ଷ ଲୋକ ଆତ୍ମହତ୍ୟା କରନ୍ତି। ୧୫-୨୯ ବର୍ଷ ବୟସ୍କଙ୍କ ମଧରେ ଆତ୍ମହତ୍ୟା ହିଁ ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ବୋଲି ମଙ୍ଗଳବାର ମିଳିତ ଜାତିସଂଘ ନିଜର ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା। ଏହାର ଦିନକ ପରେ ଲାନ୍‌ସେଟ୍ ପବ୍ଲିକ୍ ହେଲ୍‌ଥ ଜର୍ନାଲ୍‌ରେ ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ଆତ୍ମହତ୍ୟାର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି। 'ଦି ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ୍ ଷ୍ଟଡିଜ୍ ୧୯୯୦-୨୦୧୬' ଶୀର୍ଷକରେ ପ୍ରକାଶିତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱବ୍ୟାପୀ ଘଟୁଥିବା ଆତ୍ମହତ୍ୟାର ୩୭% ପୁରୁଷ କେବଳ ଭାରତୀୟ ଏବଂ ୨୪% ମହିଳା ଚରମ ପଦକ୍ଷେପ ନେଇଥାନ୍ତି। ଏହି ଆତ୍ମହତ୍ୟାକାରୀଙ୍କ



ବୟସ ୧୫-୩୯ ବର୍ଷ। ବିଶ୍ୱରେ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧରେ ଆଗରେ ଭାରତୀୟ। କିନ୍ତୁ ୧୫-୩୯ ବର୍ଷ ବୟସ୍କଙ୍କ ଆତ୍ମହତ୍ୟାରେ ଦେଶ ବିଶ୍ୱସ୍ତରରେ ତୃତୀୟ। ୧୯୯୦ରୁ ୨୦୧୬ ମଧରେ ଦେଶରେ ଆତ୍ମହତ୍ୟା ଜନିତ ମୃତ୍ୟୁସଂଖ୍ୟା ୪୦% ବଢ଼ିଛି। କେବଳ ୨୦୧୬ରେ ଭାରତରେ ୨,୩୦,୩୧୪ ଲୋକ ଆତ୍ମହତ୍ୟା କରିଛନ୍ତି, ଯାହା ଦେଶର ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବଡ଼ ଚିନ୍ତାର ବିଷୟ ବୋଲି ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆର ପ୍ରାଧ୍ୟାପକ ରାଖୀ ଡଣ୍ଡୋନା ପ୍ରକାଶ କରିଛନ୍ତି। ସେ କହିଛନ୍ତି, କର୍ନାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଏବଂ ତ୍ରିପୁରାରେ ଉଭୟ ପୁରୁଷ ଏବଂ ମହିଳାଙ୍କ କ୍ଷେତ୍ରରେ ଆତ୍ମହତ୍ୟା ହାର ସବୁଠାରୁ ଅଧିକ। କେରଳ, ଛତିଶଗଡ଼ରେ ଅଧିକ ପୁରୁଷ ଆମହତ୍ୟା କରିଥାନ୍ତି। ଭାରତରେ ପ୍ରତି ୧ଲକ୍ଷରେ ୧୫% ମହିଳା ଆତ୍ମହତ୍ୟା କରିଥାନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୨୪.୫ |
| ଚାନ୍ଦବାଲି | ୩୪.୪ | ୨୬.୦ |
| କଟକ | ୩୪.୨ | ୨୩.୦ |
| ପାରାଦ୍ୱୀପ | ୩୩.୯ | ୨୪.୪ |
| ଭୁବନେଶ୍ୱର | ୩୪.୨ | ୨୫.୧ |
| ଗୋପାଳପୁର | ୩୨.୦ | ୨୬.୦ |
| ପୁରୀ | ୩୪.୨ | ୨୬.୮ |
| ଅନୁଗୋଳ | ୩୪.୭ | ୨୬.୦ |
| ବାରିପଦା | ୩୪.୨ | ୨୫.୬ |
| ଝାରସୁଗୁଡ଼ା | ୩୩.୪ | ୨୫.୦ |
| କେନ୍ଦୁଝର | ୩୧.୬ | ୨୨.୮ |
| ସମ୍ବଲପୁର | ୩୩.୯ | ୨୩.୭ |
| ସୁନ୍ଦରଗଡ଼ | ୩୫.୫ | ୨୧.୦ |
| ହୀରାକୁଦ | ୩୪.୬ | ୨୪.୬ |
| ତାଳଚେର | ୩୪.୧ | ୨୫.୦ |
| ଭବାନୀପାଟଣା | --- | ୨୫.୨ |
| ବଲାଙ୍ଗୀର | ୩୪.୫ | ୨୫.୦ |
| କୋରାପୁଟ | ୨୯.୬ | ୨୦.୦ |
| ଫୁଲବାଣୀ | --- | ୧୯.୦ |
| ଟିଟିଲାଗଡ଼ | ୩୫.୦ | ୨୨.୫ |
| ମାଲକାନଗିରି | ୩୩.୦ | --- |
| ସୋନପୁର | ୩୫.୦ | ୨୩.୬ |
| ଦାରିଙ୍ଗିବାଡ଼ି | ୨୯.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ଲଭ୍‌ରାତ୍ରି' ପାଇଁ ଅଡୁଆରେ ସଲ୍‌ମାନ

**ମୁଜାଫରପୁର:** ଫିଲ୍ମ 'ଲଭ୍‌ରାତ୍ରି' ପାଇଁ ବଢ଼ିଲା ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଅଡୁଆ। ସଲ୍‌ମାନଙ୍କ ବିରୋଧରେ ଏତଲା ଦାଏର କରିବା ଲାଗି ବିହାରର ମୁଜାଫରପୁର କୋର୍ଟ ବୁଧବାର ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଫିଲ୍ମର ଟାଇଟଲ୍ ହିନ୍ଦୁ ଧର୍ମୀୟ ଭାବନାକୁ କୁଠାରାଘାତ କରୁଥିବା ଅଭିଯୋଗ ହୋଇଛି। ଏହି ଆଧାରରେ ଅଭିନେତା ଏବଂ ଏହାର ସମସ୍ତ କଳାକାରଙ୍କ ବିରୋଧରେ ମାମଲା ଦାଏର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫିଲ୍ମର ନାମ 'ଲଭରାତ୍ରି' ରଖାଯାଇ ପବିତ୍ର ହିନ୍ଦୁପର୍ବ 'ନବରାତ୍ରି'ର ବ୍ୟଙ୍ଗ କରାଯାଇଥିବା ଅଭିଯୋଗ ଆଣି ଓକିଲ ସୁଧୀର କୁମାର ଓଝା ମୁଜାଫରପୁର ସବ୍‌ଡିଭିଜନାଲ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ମାମଲା ଦାଏର କରିଥିଲେ। ଏହାପରେ ଅଦାଲତ ମିଥନ୍‌ପୁରା ପୋଲିସକୁ ମାମଲା ଦାଏର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଅକ୍ଟୋବର ୫ରେ ରିଲିଜ୍ ହେବାକୁ ଥିବା 'ଲଭ୍‌ରାତ୍ରି'ର ପ୍ରଯୋଜକ ହେଉଛନ୍ତି ସଲ୍‌ମାନ ଏବଂ ଏହା ଜରିଆରେ ସେ ନିଜ ଭିଣୋଇ ଆୟୁଷ ଶର୍ମାଙ୍କୁ ବଲିଉଡ୍‌ରେ ଲଞ୍ଚ କରିବାକୁ ଯାଉଛନ୍ତି। ଏହି ଫିଲ୍ମ ଜରିଆରେ ଅଭିନେତ୍ରୀ ୱରିନା ମଧ ବଲିଉଡ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




# ୨୨ରେ ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ

## ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ଆସନ୍ତା ୨୨ ତାରିଖରେ ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ ହେବ। ଏହି ବିମାନବନ୍ଦରକୁ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ତଥା ସେହି ମାଟିର ପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବା ପାଇଁ ରାଜ୍ୟ ସରକାର ପୂର୍ବରୁ ଅନୁରୋଧ କରିଥିଲେ। ଏ ନେଇ ପୁଣି ଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଅନୁରୋଧ କରି ଚିଠି ଲେଖିଛନ୍ତି। ଏଭଳି ନାମକରଣ ହୋଇପାରିଲେ ମାଟିର ବରପୁତ୍ରଙ୍କ ପ୍ରତି ଯଥୋଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଝାରସୁଗୁଡ଼ା ବିମାନବନ୍ଦର ଉନ୍ନତୀକରଣ ଶେଷ ହେବା ସହିତ ୨୨ତାରିଖରେ ଏହାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହେବ ଏବଂ ଜାତି ପାଇଁ ଉତ୍ସର୍ଗୀକୃତ ହେବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଚିଠିରେ ଖୁସିବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ଲେଖିଛନ୍ତି ଯେ, ଓଡ଼ିଶାର ଶିଳ୍ପାଞ୍ଚଳ ଓ ମାଇନିଂ ବେଲ୍ଟରେ ଝାରସୁଗଡ଼ା ଅବସ୍ଥିତ। ପଶ୍ଚିମ ଓଡ଼ିଶାରେ ଏହି ସହରର ଉନ୍ନତୀକରଣକୁ ନଜରରେ ରଖି ଝାରସୁଗୁଡ଼ା ବିମାନବନ୍ଦରକୁ କମର୍ସିଆଲ ବିମାନ ସେବା ପ୍ରଦାନ କରାଯାଉ। ଏହାକୁ ଆରମ୍ଭ କରିବା ପାଇଁ ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନକୁ ଝାରସୁଗୁଡ଼ା ଦେଇ ଚଳାଚଳ କରାଯାଇପାରନ୍ତା ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।




■ ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟ ବିଭାଗର ରୋଡ୍ ଶୋ’

# ପିପିପି ମୋଡ୍‌ରେ ସ୍ୱାସ୍ଥ୍ୟସେବାର ବିକାଶ ହେବ: ମନ୍ତ୍ରୀ

ଭୁବନେଶ୍ୱର, ୧୨।୯(ବ୍ୟୁରୋ)

ସରକାରୀ ଘରୋଇ ସହଭାଗିତା(ପିପିପି) ମୋଡ୍‌ରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିକାଶ କରାଯିବ। ଘରୋଇ ନିବେଶକମାନଙ୍କୁ ହସ୍ପିଟାଲ ସ୍ଥାପନ ଲାଗି ପୁଞ୍ଜିନିବେଶ କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସରକାର ୨୦୧୬ରେ ଆଣିଥିବା ରାଜ୍ୟ ସ୍ୱାସ୍ଥ୍ୟସେବା ପୁଞ୍ଜିନିବେଶ ପ୍ରୋତ୍ସାହନ ନୀତିରେ ପ୍ରତିଯୋଗିତାମୂଳକ ମୂଲ୍ୟରେ ଜମି ଯୋଗାଇ ଦେଉଛନ୍ତି। ଘରୋଇ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ରାଜ୍ୟ ସରକାର ହୃଦବୋଧ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଦିଲ୍ଲୀରେ ଚାଲିଥିବା ପୁଞ୍ଜିନିବେଶ ରୋଡ୍ ଶୋ’ରେ ଯୋଗଦେଇ କହିଛନ୍ତି।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୧୮ରେ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଘରୋଇ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ନୂଆଦିଲ୍ଲୀଠାରେ ଏକ ପୁଞ୍ଜିନିବେଶ ରୋଡ୍ ଶୋ’ର ଆୟୋଜନ କରିଛନ୍ତି। ନୂଆଦିଲ୍ଲୀରେ ମେକ୍ ଇନ୍ ଓଡ଼ିଶାର ଶିଳ୍ପ ପାର୍ଟନର ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ(ଫିକି) ସହଯୋଗିତାରେ ଏହି ରୋଡ୍ ଶୋ’ ବୁଧବାର ଅପରାହ୍ନରେ ଆୟୋଜିତ

## ନିବେଶକଙ୍କୁ ଆକୃଷ୍ଟ କରିବାକୁ ଯୋଜନା

ହୋଇଥିଲା। ଏଥିରେ ମନ୍ତ୍ରୀ ଜେନା ଯୋଗଦେଇ ଆହୁରି କହିଲେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଅଧୀନରେ ନିମ୍ନ ଆୟବର୍ଗର ଲୋକମାନେ ଅଧିକ ଦୂରକୁ ନ ଯାଇ ଆଗକୁ ସେମାନଙ୍କ ନିକଟ ଅଞ୍ଚଳରେ ସ୍ଥାପନ ହେବାକୁ ଥିବା ହସ୍ପିଟାଲ୍‌ରେ ବିନାମୂଲ୍ୟରେ ଚିକିତ୍ସା ସୁବିଧା ପାଇବେ। ଏହି ଅବସରରେ ନିବେଶକମାନଙ୍କୁ ପିପିପି ମୋଡ୍‌ରେ ଝାରସୁଗୁଡ଼ାରେ ପ୍ରସ୍ତାବିତ କ୍ୟାନ୍‌ସର ହସ୍ପିଟାଲ୍‌ର ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ଥିବା ନିବେଶ ସୁଯୋଗକୁ ପ୍ରଦର୍ଶନ କରାଯାଇଥିଲା। ଏହି ରୋଡ୍ ଶୋ’ ଅବସରରେ ନିବେଶକଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ଫର୍ଟିସ୍, ନାରାୟଣ ହୃଦୟାଳୟ, ମେଡିକା ସିନର୍ଜିକ୍, ଜିଇ, ଫିଲିପ୍‌ସ, ଏସ୍‌ଆର୍‌ଏଲ୍ ଡାଏଗ୍ନୋଷ୍ଟିକ୍ସ, ଡ. ଲାଲ୍‌ସ ପାଥୋଲାବ୍‌ସ ଲିମିଟେଡ୍ ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ଏବଂ ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଉପସ୍ଥିତ ଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ...................................


ଆକାଶ
ପରିବାରବର୍ଗ


ଅମିତା
ପରିବାରବର୍ଗ


ଜ୍ୟୋତିରଂଜନ
ପରିବାରବର୍ଗ


ସୋନାଲି
ପରିବାରବର୍ଗ


ସୁଧାଂଶୁ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

## SALE

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64153

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

One duplex and two gharabari plots sale near Patrapada and Atala near Hanspal. Ph: 9583651717, 9438567803. D-8344

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

ଘରବାରି plot sale in Bhubaneswar ନଖରା sqft.- 580/-, ଅରଗୁଳ sqft.- 170/-, ପାହାଳ sqft.- 700/- Smruti. 7749090720. D-64314

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64312


healthcare

All type of massage and good therapy full body massage Sai herbal spa. 7609005923. D-64202

## AFFIDAVIT

ମୁଁ ପ୍ରଭାସିନୀ ପରିଡା, ସ୍ୱାମୀ- ନରେନ୍ଦ୍ର କୁମାର ପରିଡା, ଗ୍ରାମ- କୋଠିଆସାହି, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର, ମୁଁ ଘୋଷଣା କରୁଅଛି କି ମୁଁ ଏକ ଶେୟାର ସାର୍ଟିଫିକେଟ ଶ୍ରୀରାମ ସିଟ୍ ୟୁନିୟନ ଫାଇନାନ୍ସ କମ୍ପାନୀରୁ ମୋର ନାମରେ ବାହାର କରିଥିଲି। ଯେଉଁଥିରେ ଭୁଲରେ ମୋର ନାମ ନମିତା ପରିଡା ବୋଲି ଲେଖା ହୋଇଅଛି। ମୁଁ ଉକ୍ତ ଘୋଷଣାନାମା ଦ୍ୱାରା ଘୋଷଣା କରୁଅଛି ନମିତା ପରିଡା ଏବଂ ପ୍ରଭାସିନୀ ପରିଡା ଏକ ସମାନ ଲୋକ। ଧ-୮୩୪୭

## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



**ଲକ୍ସିତା ପରିଡ଼ା (ଗେଲୁ)**
ନୟାସିଙ୍ଗଡ଼ା, ନାଉଗାଁ, ଜଗତସିଂହପୁର
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭ ସମସ୍ତଙ୍କର ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ।
ଶୁଭେଚ୍ଛା ସହ : ବନ୍ଧୁ ଏବଂ ପରିବାରବର୍ଗ
ଧ-୮୩୪୫

## କିଛି ତଥ୍ୟ

ଚଳିତ ବର୍ଷ ଅଗଷ୍ଟରେ ଭାରତ ବିଦେଶକୁ ୨୭.୮୪ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଛି। ଏହା ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୯.୨୧% ଅଧିକ।


**-ବିଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ




**ୱ଼ଅକ୍ଷୟ କୁମାର ମହାକୁଡ**
ଆବିର୍ଭାବ : ତା.୧୫.୦୫.୧୯୬୪
ତିରୋଧାନ : ତା.୧୩.୦୯.୨୦୧୫

ତୁମେ ଥିଲ ଜଣେ ବିଶିଷ୍ଟ କର୍ମଚାରୀ ନେତା, ଡି.ଏ.ଭି. ଆନ୍ଦୋଳନର କର୍ଣ୍ଣଧାର, ଦକ୍ଷ ତଥା ଉଚ୍ଚାଦର୍ଶବାଦୀ ସଚିବାଳୟ ଅଧିକାରୀ, ପରୋପକାରୀ ଓ ସମାଜସେବୀ। ଠିକ୍ ଆଜିର ଦିନରେ ଆମକୁ ଛାଡ଼ି ଚାଲିଗଲ, ତଥାପି ଆମର ପାଖେ ପାଖେ ଥିଲାଭଳି ଲାଗୁଛ।
ଈଶ୍ୱରଙ୍କ କୋଳରେ ଶାନ୍ତିରେ ଥାଇ ଆମମାନଙ୍କୁ ଆଶୀର୍ବାଦ କରୁଥାଅ।

: ଶୋକସନ୍ତପ୍ତ :
ଶୋକସନ୍ତପ୍ତ ହତଭାଗ୍ୟ ପିତାମାତା, ଭ୍ରାତା, ଭଗ୍ନୀ, ପତ୍ନୀ କନ୍ୟାଗଣ, ପୁତ୍ର, ପରିବାର ଓ ବନ୍ଧୁ ପରିଜନ।
ଧ-୬୨୭୯୨

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବିଳାସ କୁମାରୀ ଦେବୀ**
(ଶିକ୍ଷୟିତ୍ରୀ)
ପୁବାଶାସନ
ଆବିର୍ଭାବ: ତା.୦୬।୦୭।୧୯୪୯
ତିରୋଧାନ: ତା.୦୫।୦୯।୨୦୧୬
ଗୁରୁଦିବସ ଓ ଗଣେଶପୂଜା
ସବୁ ଦୁଃଖ ଯନ୍ତ୍ରଣାକୁ ଦେହେ ମନେ ମାରି,
ପଦିଏ ନକହି ଚାଲିଗଲ ଆରପାରି।
ସ୍ୱାମୀ, ପୁଅବୋହୂ, ଝିଅଜ୍ୱାଇଁ,
ନାତିନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୮୩୦୮


### ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ସୀତାରାମ ମିଶ୍ର**
ଚିଫ୍‌ମ୍ୟାନେଜର ଷ୍ଟେଟବ୍ୟାଙ୍କ
ଗ୍ରାମ: ଭାଗୀରଥିପୁର (ଗଞ୍ଜାମ)

ଠିକ୍ ଆଜିର ପବିତ୍ର ଦିନରେ ଆମକୁ ଛାଡି ଚାଲିଗଲ। ତଥାପି ଆମର ପାଖେ ପାଖେ ଥିଲାଭଳି ଲାଗୁଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପ୍ରତି ସବୁବେଳେ ରହିଥାଉ। ପ୍ରଭୁ ଶ୍ରୀଜଗନ୍ନାଥ ଓ ଚନ୍ଦ୍ରଶେଖରଙ୍କ ନିକଟରେ ପ୍ରାର୍ଥନା କରୁକି ତୁମେ ଯେଉଁଠାରେ ଥାଅନା କାହିଁକି ଶାନ୍ତିରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ହେଉ ଏତିକି ହିଁ ପ୍ରାର୍ଥନା।
ଶୋକସନ୍ତପ୍ତ: ଭାଇ- ହରିକୃଷ୍ଣ, ସନ୍ତୋଷ, ସୀମାଞ୍ଚଳ ମିଶ୍ର (ଲିଟୁ), ପୁଅ- ଗୁଡ୍‌ଲୁ, ଝିଅ- ତିତିଲି ଓ ମିଶ୍ର ପରିବାର। ଧ-୮୩୪୬

### ପଚିଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ପାଠୀ**
ଆର୍ବିଭାବ: ୧୯୩୭
ତିରୋଧାନ: ୧୯୯୩

ଆପଣଙ୍କର ଗଣେଶ ଚତୁର୍ଥୀରେ ପଚିଶତମ ଶ୍ରାଦ୍ଧବାର୍ଷିକୀକୁ ମନେପକାଇ ଆପଣଙ୍କର ସ୍ପଷ୍ଟବାଦିତା, ସତ୍ୟନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ସ୍ନେହବତ୍ସଳତା ଆମ ନିମନ୍ତେ ସଦା ପ୍ରେରଣା ଦେଉଥାଉ। ଏଣୁ ଆଜିର ଏହି ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କର ଅମ୍ଳାନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଠାରେ ସହୃଦୟ ପ୍ରାର୍ଥନା।
ପରିବାରବର୍ଗ ଓ ବନ୍ଧୁସ୍ୱଜନ। ଧ-୯୧୦୮୫

## ପ୍ରଥମ ପୃଷ୍ଠାରୁ...

### ପୂର୍ବତନ ଏମ୍‌ପି ରାମଚନ୍ଦ୍ର ...

ବରୁଣ୍ଡେଇ ଗ୍ରାମରେ ୧୯୩୩ ମସିହାରେ ଜନ୍ମଗ୍ରହଣ କରିଥିଲେ। ୧୯୬୨, ୧୯୬୭ ଓ ୧୯୯୮ରେ ୩ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ବୈତରଣୀ ରୋଡ଼ ରେଳଷ୍ଟେଶନ ସମେତ ଯାଜପୁର ଲୋକ ସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପୋଷ୍ଟଅଫିସ ଗୃହ ନିର୍ମାଣରେ ତାଙ୍କ ଅବଦାନ ଅବିସ୍ମରଣୀୟ। ସେ ବିଜୁ ପଟ୍ଟନାୟକଙ୍କ ଅନ୍ୟତମ ଅନୁଗାମୀ ଥିଲେ। ତାଙ୍କର ମୃତ୍ୟୁଖବର ପ୍ରଚାରିତ ହେବାପରେ ସାରା ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବୈତରଣୀ ରୋଡ଼ ବଜାର ବନ୍ଦ ରହିଛି। କୋରେଇ ବିଧାୟକ ଆକାଶଦାସ ନାୟକ, ଜିଲାପାଳ ରଞ୍ଜନ କୁମାର ଦାସ, ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ପିସିସି ସମ୍ପାଦକ ସୁଧାନିଧି ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ଶ୍ରମିକ ନେତା ମାୟାଧର ନାୟକ, ବରୁଣ୍ଡେଇ ସରପଞ୍ଚ ସୌଭାଗ୍ୟ କୁମାର ମହାନ୍ତି ପ୍ରମୁଖ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

## ଖଟିରେ ଖଟିରେ...

### ଗୁମର ଖୋଲିଲେ

ରାଜନୀତିରେ ଗୁମର ଜାଣିବା ଏକ କଳା। ହେଲେ କର୍ମ କଲା ବାଲା ନିଜ ଗୁମର ଜଣାଇଲେ, ତାହାର ଅଲଗା ମଜା। ରାଜ୍ୟ ରାଜନୀତିରେ ଦୁଇବନ୍ଧୁଙ୍କ ଗୁମର ଜଣାପଡିଛି। ଆଇନସଭାରେ ସେଦିନ ଜୋରଦାର ଆଲୋଚନା ଚାଲିଥିଲା। ଆଲୋଚନାର ଉତ୍ତର ରଖୁଥାଆନ୍ତି ଉପକୂଳିଆ ଟାଣୁଆ ମନ୍ତ୍ରୀ। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉ ଦେଉ ସୁରାପାନ କଥା ପଡ଼ିଲା। ସଙ୍ଗେ ସଙ୍ଗେ ବିରୋଧୀ ଦଳରେ ଥିବା ନିଜ ଦକ୍ଷିଣୀ ବନ୍ଧୁଙ୍କୁ ଇଙ୍ଗିତ କଲେ, କହିଲେ ସୁରାପାନ ବିଷୟରେ ସେ କହିପାରିବେ। ସେ କେଉଁ ଛାଡିବା ବିଧାୟକ। କହୁ କହୁ କହିଦେଲେ, ସମସ୍ତେ କ'ଣ ଜାଣିନାହାନ୍ତି ନା କ'ଣ, ତୋର ମୋର ଏକାଠି ପିଉ ବୋଲି। ଏପରି ଉବାଚ ଶୁଣି ମନ୍ତ୍ରୀ ମୁରୁକି ହସା ଦେଲେ। ଏହି ଦୃଶ୍ୟକୁ ସମସ୍ତେ ମନ ଭରି ଉପଭୋଗ କରୁଥିଲେ ଏବଂ କୁହାକୁହି ହେଉଥିଲେ, ପରସ୍ପରର ଗୁମର ଖୋଲିଲେ।

### ରଙ୍ଗ ରହିଲେ ହେଲା

ଏଥର ଲୋକେ ପ୍ରମାଣ କରିଦେଲେ ହୋ, ଆଗାମୀ ନିର୍ବାଚନରେ ସବୁ ଭୋଟ ଆମକୁ ମିଳିବ। ଗେରୁଆ ଆଉ ଶଙ୍ଖ ଦଳ ବାଲାଏ ଯେତେ ଗୁଡ ମୁଆଁ ଖାଇଲେ ଆଉ କିଛି ହବାର ନାହିଁ। ଦେଖିଲ କି ନାହିଁ, କେମିତି ଶାନ୍ତି ଶୃଙ୍ଖଳାରେ ଓଡିଶାରେ ଆମେ ବନ୍ଦ ପାଳନ କଲୁ। ବନ୍ଦ ଡାକରା ଦଉଦଉ ସ୍ୱତଃସ୍ଫୂର୍ତ୍ତ ଭାବେ ଲୋକେ ସମର୍ଥନ ଆଜାଡି ଦେଲେ। ଏଥିରୁ କ'ଣ କିଛି ବୁଝିପାରୁନା, ଏଇଟା ଖାଲି ବନ୍ଦ ସଫଳ ନୁହେଁ ପରିବର୍ତ୍ତନର ଆଭାସ। ସେଦିନ ଶହୀଦନଗର ଚା ଖଟିରେ, ପାପୁଲି ଦଳର କେତେଜଣ କର୍ମୀ ଏମିତି ବୋଲିବାଣୀ ଚଲାଇ ଥାଆନ୍ତି। ଆଉ ଖଟିରେ ଥିବା ଶଙ୍ଖ ଦଳ କର୍ମୀମାନେ ମଧ୍ୟ ପାପୁଲି ବାଲାଙ୍କୁ ଛିଗୁଲେଇ କି ଇଆଡୁସାଡୁ ଶୁଣାଉ ଥାଆନ୍ତି। ଜଣେ ଶଙ୍ଖ ଦଳ କର୍ମୀ ପାପୁଲି ବାଲାଙ୍କୁ ଦେଖେଇକି କହିଲେ, ଏମାନେ କ'ଣ କହିବେ ଛାଡ଼ ହୋ, ଲୋକେପରା କହୁଛନ୍ତି ଏ ପାପୁଲି ବାଲାଙ୍କର କେବଳ ହାୱା ଜୋର୍। ୨୦ବର୍ଷ ଧରି ଏମାନେ ଖାଲି କହୁଛନ୍ତି, ଲୋକେ ଏଥର ପରିବର୍ତ୍ତନ ଚାହୁଁଛନ୍ତି, ସରକାର ବଦଳିବା ନିଶ୍ଚିତ ହେଲେ ହଉଛି କ'ଣ, ଯୋଉ ଥାକୁ ସେଇ ଥା। କେବେ ଏମାନେ ସତ ମାନିବେ କେଜାଣି। ସେଇଠୁ ଜଣେ ପାପୁଲି କର୍ମୀ କହିଲେ, ହଉ ଏଥର ଏ ରଙ୍ଗ ରହିଲେ ହେଲା।

## ପ୍ରଥମ ପୃଷ୍ଠାରୁ...

### ଡାକ୍ତରଙ୍କ କୂଅରୁ ମିଳିଲା...

କେଉଁ କାରଣରୁ ହତ୍ୟାକାଣ୍ଡ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ଘଟଣାରେ ପୋଲିସ ଲୋଚାପଡା ଅଞ୍ଚଳର ଜଣେ ଝାଡୁଦାର ଗଙ୍ଗା ବେହେରାଙ୍କୁ ଗିରଫ କରିଥିବା ବେଳେ ୨ ଜଣଙ୍କୁ ଅଟକ ରଖି ପଚରା ଉଚୁରା ଜାରି ରଖିଛି। ଡାକ୍ତର ତ୍ରିପାଠୀ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ ସ୍ପଷ୍ଟ କରିବା ପରେ ତାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ତଲାସି ଜାରି ରହିଛି। ବୁଧବାର ନୂଆ ବସଷ୍ଟାଣ୍ଡସ୍ଥିତ ଡାକ୍ତରଙ୍କ ଗାୟତ୍ରୀ ନର୍ସିଂହୋମ୍‌କୁ ପୋଲିସ ସିଲ୍ କରିଛି। ନର୍ସିଂହୋମ୍‌ର ତୃତୀୟ ମହଲାରେ ହତ୍ୟାକାଣ୍ଡ ଘଟିଥିବା ସ୍ପଷ୍ଟ ହୋଇଛି। ସେହିପରି ଓଟି ରୁମ୍‌ରୁ କଟର୍ ମେଶିନ୍ ସାହାଯ୍ୟରେ ବିଷ୍ଣୁଙ୍କ ଶରୀର କଟାଯାଇ ଅଖାରେ ଭର୍ତ୍ତିକରି ଦୁଇ ଗୋଟି କାର୍‌ରେ ନିଆଯାଇ ବଡଗୁମୁଳାରେ ଥିବା ଏକ ପରିତ୍ୟକ୍ତ କୂଅରେ ପକାଯାଇଥିବା ପୋଲିସ କହିଛି। ଗତ ୯ ତାରିଖରୁ ଡାକ୍ତର ତ୍ରିପାଠୀ ଫେରାର ଥିବା ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

ପ୍ରକାଶଯେ, ଅଗଷ୍ଟ ୧୮ ତାରିଖରେ ଖଲ୍ଲିକୋଟ ଥାନା ବଣିଆ ଗ୍ରାମର ବିଷ୍ଣୁ (୪୫)ଘରୁ ବ୍ରହ୍ମପୁର ଯାଉଥିବା କହି କେଉଁଆଡେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ପତ୍ତା ନ ମିଳିବାରୁ ତାଙ୍କ ସ୍ତ୍ରୀ ନର୍ମଦା ବ୍ରହ୍ମପୁର ଆସି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଅଗଷ୍ଟ ୨୦ ରେ ଏକ ନିଖୋଜ ମାମଲା ଦାଏର କରି ତଦନ୍ତ ଚଳାଇଥିଲା। ସେପ୍ଟେମ୍ବର ୩ରେ ନର୍ମଦା ଏବଂ ବିଷ୍ଣୁଙ୍କର କେତେକ ସାଙ୍ଗଙ୍କୁ ଏକ ଫୋନ କଲ୍ ଆସିଥିଲା। ଯେଉଁ ଫୋନ କଲ୍‌ରୁ ବିଷ୍ଣୁଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ସୃଷ୍ଟି କରିଥିଲା। ଫୋନ୍ କଲ୍‌କୁ ଟ୍ୟାପିଂ କରି ସେଥିରେ ନାମ ନିଆଯାଇଥିବା କେତେକ ବ୍ୟକ୍ତିଙ୍କୁ ପୋଲିସ ଜେରା କରିଥିଲା। ଲୋଚାପଡା ଅଞ୍ଚଳର ଝାଡୁଦାର ଗଙ୍ଗାଙ୍କୁ ଜେରା କରିବା ପରେ ଡାକ୍ତରଙ୍କ ନିର୍ଦ୍ଦେଶାକ୍ରମେ ସେ ନେଇଥିବା ମୃତଦେହ ବସ୍ତାକୁ ବଡଗୁମୁଳାସ୍ଥିତ ଡାକ୍ତରଙ୍କ ପ୍ଲଟରେ ଥିବା ଏକ ପରିତ୍ୟକ୍ତ କୂଅରେ ପକାଇ ଦେଇଥିବା ଜଣାପଡିଥିଲା। ଅଗଷ୍ଟ ୧୯ ତାରିଖ ସନ୍ଧ୍ୟାରେ ଗଙ୍ଗାଙ୍କୁ ଡାକ୍ତର ଡାକିଥିଲେ। ସବୁ ଦିନ ପରି ନିଜର ନର୍ସିଂହୋମ୍‌ର ବର୍ଜ୍ୟବସ୍ତୁକୁ ବଡଗୁମୁଳାସ୍ଥିତ ନିଜ ଜାଗାରେ ଥିବା କୂଅରେ ପକାଇବାକୁ କହିଥିଲେ। ଗଙ୍ଗା କାର୍ ଡିକିରୁ ଏକ ଅଖାକୁ ନେଇ ସେହି କୂଅରେ ପକାଇବା ପରେ ଡାକ୍ତର ଏକ ବ୍ୟାଗ୍‌କୁ ନେଇ ସେଠାରେ ପକାଇଥିଲେ। ସେଥିପାଇଁ ୩୫୦ ଟଙ୍କା ମଜୁରି ଦେଇଥିଲେ ବୋଲି ଗଙ୍ଗା ପୋଲିସ ସମ୍ମୁଖରେ ବୟାନ୍ ରଖିଥିଲେ। ଗଙ୍ଗାଙ୍କ ବୟାନକୁ ଭିତ୍ତିକରି ବୁଧବାର ଏଏସ୍‌ପି ପ୍ରଭାତ ରାଉତରାୟ, ବୈଦ୍ୟନାଥପୁର ଥାନାଧିକାରୀ ଜୟ କୁମାର ପଟ୍ଟନାୟକ, ବଡବଜାର ଆଇଆଇସି ସୁରେଶ କୁମାର ତ୍ରିପାଠୀ, ଗୋଷାଣୀନୂଆଗାଁ ଆଇଆଇସି କୁଳମଣି ସେଠୀ ପ୍ରମୁଖ ସଦଳବଳେ ପହଞ୍ଚି ଖୋଳତାଡ ଆରମ୍ଭ କରିଥିଲେ। ପରିତ୍ୟକ୍ତ କୂଅ ଭିତର ମାଟି ଖୋଳାଯିବା ସମୟରେ ପ୍ରଥମେ ମୁଣ୍ଡ ଏବଂ ଗୋଡବିହୀନ ମୃତଦେହ ବାହାରିଥିଲା। ହାତରେ ଥିବା ବଳା, ମୁଦି ଏବଂ ପରେ ମୁଣ୍ଡ ଏବଂ ଗୋଡର ସନ୍ଧାନ ମିଳିବାରୁ ବିଷ୍ଣୁଙ୍କ ମୃତଦେହ ବୋଲି ସ୍ପଷ୍ଟ ହୋଇଥିଲା। ଏହା ପରେ ନର୍ମଦାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତର ଦିଗକୁ ବଢାଇ ଡାକ୍ତର ତ୍ରିପାଠୀଙ୍କ ନର୍ସିଂହୋମ୍ ଉପରେ ଚଢାଉ କରି ପ୍ରମାଣ ଖୋଜିବା ଆରମ୍ଭ କରିଥିଲା। ସେହିପରି ନର୍ସିଂହୋମ୍‌ର ସିସି ଟିଭି ଫୁଟେଜ୍ ଏବଂ ସେଠାରେ ଥିବା ନୀଳ ରଙ୍ଗର କାର୍‌କୁ ଯାଞ୍ଚ କରିବା ସମୟରେ ଡିକିରେ ରକ୍ତଛିଟା ଲାଗିଥିବା ଦେଖିବାକୁ ମିଳିଥିଲା। ଯାହା ଡାକ୍ତରଙ୍କ ଦ୍ୱାରା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ କରିଥିଲା। ସୂଚନାଯୋଗ୍ୟ, ଜନୈକା ନର୍ସଙ୍କ ସହିତ ବିଷ୍ଣୁଙ୍କର ସମ୍ପର୍କ ରହିଥିଲା। ନର୍ସିଂହୋମକୁ ଯିବା ଆସିବା ସମୟରେ ଉକ୍ତ ନର୍ସଙ୍କ ସହିତ ଡାକ୍ତର ହୃଷୀକେଶଙ୍କର ମଧ୍ୟ ସମ୍ପର୍କ ରହିଥିଲା। ହେଲେ ନର୍ସ ଏବଂ ବିଷ୍ଣୁଙ୍କ ସମ୍ପର୍କକୁ ଡାକ୍ତର ହୃଷୀକେଶ ସହ୍ୟ କରିପାରୁ ନ ଥିଲେ, ଯାହାକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଛି ବୋଲି ବିଷ୍ଣୁଙ୍କ ସ୍ତ୍ରୀ ନର୍ମଦା ଅଭିଯୋଗ କରିଛନ୍ତି।

### ସରକାର-ଶିକ୍ଷକ ଆଲୋଚନା...

ସରକାରଙ୍କ ଏଭଳି ମନୋଭାବ ଦାବି ପୂରଣ ନେଇ ଗତ ୨୭ ଦିନ ଧରି ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚଳାଇଥିବା ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀଙ୍କୁ ହତାଶ କରିଛି। ଆନ୍ଦୋଳନକୁ ଆହୁରି ଜୋରଦାର କରିବା ସହ ଗାଁ ଗଣ୍ଡାକୁ ପରିବ୍ୟାପ୍ତ କରିବା ନେଇ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ବିରୋଧୀ ଦଳ କଂଗ୍ରେସ ଓ ଭାଜପା ଶିକ୍ଷକ ସମସ୍ୟାକୁ ନେଇ ବିଧାନସଭା ହୁଲ୍‌ହୁଲ କରିବା ସହ ମଙ୍ଗଳବାର ଗୃହକୁ ଅଚଳ କରି ଦେଇଥିଲେ। ସରକାର ଶିକ୍ଷକମାନଙ୍କ ସହ ଆଲୋଚନା କରି ରାଜ୍ୟରେ ଉଜୁଡି ଯାଇଥିବା ଶିକ୍ଷା ବ୍ୟବସ୍ଥାକୁ ଫେରାଇ ଆଣିବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ମୁଲତବୀ ପ୍ରସ୍ତାବ ଆଣି ସରକାରଙ୍କୁ ହରଡ଼ ଘଣାରେ ପକାଇଥିଲେ। ସର୍ବଦଳୀୟ ବୈଠକ ପରେ ବାଚସ୍ପତି ପ୍ରଦୀପ କୁମାର ଅମାତ ଶିକ୍ଷକଙ୍କ ସହ ଆଲୋଚନା କରି ସମସ୍ୟା ତୁଟାଇବାକୁ ରୁଲିଂ ଦେଇଥିଲେ। ସରକାର ବାଧ ହୋଇ ବୁଧବାର ମଧ୍ୟାହ୍ନରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଡାକିଥିଲେ। ବୈଠକରେ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ଅର୍ଥ ବିଭାଗ, ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ସହ ମଞ୍ଚର ୧୧ ଜଣ ସଦସ୍ୟ ଭାଗ ନେଇଥିଲେ। ନିଯୁକ୍ତି ସମୟରୁ ଚାକିରି ସର୍ତ୍ତାବଳୀ ଲାଗୁ କରି ପୂର୍ଣ୍ଣ ଅନୁଦାନ ଦେବାକୁ ମଞ୍ଚ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ମାତ୍ର ଶିକ୍ଷକଙ୍କ ଏହି ଦାବିକୁ ସରକାର ଗ୍ରହଣ କରିବାକୁ ରାଜି ହୋଇନାହାନ୍ତି। ସୁପ୍ରିମକୋର୍ଟ ଆଳ ଦେଖାଇ ଦାବି ପୂରଣ କରିବା ସମ୍ଭବ ନୁହେଁ ବୋଲି ରୋକ୍‌ଠୋକ ଶୁଣାଇ ଦେଇଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୨୦୧୮ ନୂତନ ଅନୁଦାନ ନୀତି ଅନୁଯାୟୀ ଦରମା ନେବା ପରେ ଅନ୍ୟ ଦାବି ପୂରଣ ଉପରେ ବିଚାର କରାଯିବ। ଆଉ ୩ ମାସ ସମୟ ଦେବା ସହ ଆନ୍ଦୋଳନରୁ ନିବୃତ୍ତ ରହିବାକୁ ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ମଞ୍ଚ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ମାତ୍ର ସରକାରଙ୍କ ଏଭଳି ଟାଳଟୁଳ ନୀତିକୁ ମଞ୍ଚ ଆଉ ବିଶ୍ୱାସକୁ ନେବାକୁ ପ୍ରସ୍ତୁତ ନୁହେଁ। ଦାବି ପୂରଣ ନେଇ ଶିକ୍ଷକମାନେ ଏହି ଆନ୍ଦୋଳନକୁ ମିଶାଇ ୪ ଥର ରାସ୍ତାକୁ ଓହ୍ଲାଇଛନ୍ତି। ଗତ ମାର୍ଚ୍ଚ ୧୯ ତାରିଖରେ ମୁଖ୍ୟ ଶାସନ ସଚିବ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ ଓ ୩ ମାସ ସମୟ ନେଇଥିଲେ। ସମୟ ବିତିବା ପରେ ଶିକ୍ଷକ ଓ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାରଙ୍କୁ ମଞ୍ଚ ପକ୍ଷରୁ ଆଉ ୭ ଦିନ ମହଲତ ଦିଆଯାଇଛି। ଏହି ସମୟ ମଧ୍ୟରେ ସରକାର କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନ ରାଜଧାନୀ ସମେତ ଗାଁ ଗଣ୍ଡାକୁ ବ୍ୟାପିବ ବୋଲି ମଞ୍ଚର ଆବାହକ ପବିତ୍ର ମହଲା, ଗୋଲକ ନାୟକ କହିଛନ୍ତି। ଶିକ୍ଷକମାନେ ଆନ୍ଦୋଳନରୁ ଓହରୁ ନ ଥିବାରୁ ପୋଲିସ ପ୍ରଶାସନ ପାଇଁ ମଧ୍ୟ ଚିନ୍ତା ବଢି ଯାଇଛି। ଗାନ୍ଧୀ ମାର୍ଗକୁ ଶିକ୍ଷକମାନେ ଗତ ୨୮ ଦିନ ହେବ ସମ୍ପୂର୍ଣ୍ଣ କବ୍‌ଜାରେ ରଖିଛନ୍ତି। ଯାତାୟାତରେ ବାଧା ସୃଷ୍ଟି ହେବା ସହ ଏହି ରାସ୍ତାର ଉଭୟ ପାର୍ଶ୍ୱ କ୍ୱାର୍ଟର୍ସରେ ରହୁଥିବା ବାସିନ୍ଦା ମଧ୍ୟ କ୍ଷୁବ୍ଧ ହେଲେଣି। ବିଧାନସଭା ଶେଷ ହେବା ପରେ ଆନ୍ଦୋଳନକାରୀଙ୍କୁ ସେଠାରୁ ଘଉଡାଇବା ପାଇଁ ପୋଲିସ ପ୍ରଶାସନକୁ ମଧ୍ୟ ନିର୍ଦ୍ଦେଶ ମିଳିଗଲାଣି। ଅନ୍ୟ ପକ୍ଷରେ ଶିକ୍ଷକମାନେ ମାଡ ଖାଇବେ ପଛେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଅଡିବସିଛନ୍ତି।

### ଦେଶର ଷ୍ଟିଲ୍ ହବ୍....

ରାଜ୍ୟରେ ୨୫୦ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛନ୍ତି। ଏଥିସହ ୨୦୨୦ ସୁଦ୍ଧା ଭାରତର ପ୍ରମୁଖ ୩ ଷ୍ଟାର୍ଟଅପ୍ ହବ୍ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବାକୁ ଯାଉଛି। ଏହାବ୍ୟତୀତ ଜାପାନର ସହଭାଗିତାରେ ଭୁବନେଶ୍ୱରରେ ଆସନ୍ତା ନଭେମ୍ବର ୧୧ରୁ ୧୫ ଯାଏ ହେବାକୁ ଥିବା 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ର ଦ୍ୱିତୀୟ ସଂସ୍କରଣରେ ଯୋଗଦେବା ପାଇଁ ନିବେଶକମାନଙ୍କୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ସେ କହିଛନ୍ତି, 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ର ବିଷୟବସ୍ତୁ 'ମୁଁ ଓଡ଼ିଶା' ରାଜ୍ୟରେ ସଫଳ ହୋଇଛି। ରାଜ୍ୟବାସୀ ଓଡ଼ିଶାରେ ବ୍ୟବସାୟ ପାଇଁ ଏକ ଉନ୍ନତ ଓ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଲାଗିଛନ୍ତି। ଏହି କାର୍ଯ୍ୟକ୍ରମ ନିବେଶକମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ସୁଯୋଗ ସମ୍ପର୍କରେ ଅଧିକ ଜାଣିବାରେ ସହାୟକ ହେବ। ବିଭିନ୍ନ ପ୍ରକଳ୍ପର ସଫଳତା ପାଇଁ ରାଜ୍ୟ ପ୍ରଶାସନ ଥ୍ରୀ-ଟି ଉପରେ ଗୁରୁତ୍ୱ ଦେଉଛି। ସେଗୁଡ଼ିକ ହେଲା ଟିମ୍‌ୱାର୍କ, ଟେକ୍ନୋଲୋଜି ଓ ଟ୍ରାନ୍ସପେରେନ୍ସି। ଗତ ୬ ମାସ ମଧ୍ୟରେ ୧୭,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ କରାଯାଇ ୫୦ଟି ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇନ୍‌ଭେଷ୍ଟ ଓଡ଼ିଶା ୱେବ୍‌ସାଇଟ୍‌ର ଉନ୍ମୋଚନ କରିଛନ୍ତି। ନିବେଶକମାନେ ଏଥିରୁ ରାଜ୍ୟରେ ବ୍ୟବସାୟ ପାଇଁ ଖର୍ଚ୍ଚ, ଭିତ୍ତିଭୂମି ଓ ନୀତି ସମ୍ପର୍କିତ ସୂଚନା ଏହି ୱେବ୍‌ସାଇଟ୍‌ରୁ ପାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଓ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଓୟୋ ରୁମ୍ ପ୍ରତିଷ୍ଠାତା ସିଇଓ ରିତେଶ ଅଗ୍ରୱାଲଙ୍କ ସମେତ ଅନେକ ଶିଳ୍ପପତି ଏଥିରେ ଉପସ୍ଥିତ ରହି ଓଡ଼ିଶାରେ ବ୍ୟବସାୟ କରିବା ନେଇ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ।

### ପୋଖରୀରେ ବୁଡ଼ି ...

ଜଣଙ୍କ ଗୋଡ଼ ଖସି ଯିବାରୁ ଅନ୍ୟ ଜଣେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି। ପୋଖରୀ ନିକଟରେ କେହି ନ ଥିବାରୁ ସେମାନଙ୍କୁ ବୁଡ଼ିଯିବା ସମୟରେ ଉଦ୍ଧାର କରାଯାଇ ପାରି ନ ଥିଲା। ତେବେ ଫେରିବା ବିଳମ୍ବ ହେବାରୁ ଘର ଲୋକ ପୋଖରୀ ନିକଟକୁ ଖୋଜିବାକୁ ଯାଇଥିଲେ। ଏତିକିବେଳେ ସେମାନେ ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ଉଦ୍ଧାର କରି ସଙ୍ଗେସଙ୍ଗେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରଥିଲେ। ଉଭୟ ସିଙ୍ଗିରି ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲେ।

### ବିଜେଡିରୁ ଦାମୋଦର ...

ମୁଖ୍ୟମନ୍ତ୍ରୀ ଦିଲ୍ଲୀଗସ୍ତ ପୂର୍ବରୁ ଦାମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ପରୋକ୍ଷରେ ସୂଚନା ଦେଇଥିଲେ। ଦାମଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଛି। ସେଗୁଡିକୁ ଅନୁଧାନ କରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ। ବୁଧବାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ନୂଆଦିଲ୍ଲୀରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରୁ ମୁଖ୍ୟମନ୍ତ୍ରୀ ନ ଫେରୁଣୁ ଦାମଙ୍କ ଉପରେ ହୋଇଛି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ତାଙ୍କୁ ଦଳରୁ ବିଦା କରାଯାଉଥିବା ନେଇ ବିଜେଡି ରାଜ୍ୟ ସମ୍ପାଦକ ବିଜୟ କୁମାର ନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଅନ୍ୟପକ୍ଷରେ ଦଳରୁ ବହିଷ୍କାର ନେଇ ଦାମ ରାଉତଙ୍କୁ ପୂର୍ବରୁ କୌଣସି କାରଣ ଦର୍ଶାଅ ନୋଟିସ ଦିଆଯାଇ ନ ଥିବା ଜଣାପଡିଛି। ବହିଷ୍କୃତ ହେବା ପରେ ଦାମ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଁ ଦଳରେ ଥିଲି ବୋଲି ଭାବୁନାହିଁ। ଏଣୁ ଦୁଃଖ କରିବାର କିଛି ନାହିଁ।

ବିଭିନ୍ନ ସମୟରେ ବିବାଦୀୟ ମନ୍ତବ୍ୟ ହିଁ ଦାମଙ୍କୁ କାଳ ହୋଇଛି। ରାଜ୍ୟ ସରକାର ଚତୁର୍ଥଥର କ୍ଷମତାକୁ ଆସିବା ପରେ ତାଙ୍କୁ ମନ୍ତ୍ରୀ କରାଯାଇଥିଲା। ନିଜ ନିର୍ବାଚନମଣ୍ଡଳୀରେ ପଞ୍ଚାୟତ ନିର୍ବାଚନ ଫଳାଫଳ ଖରାପ ହୋଇଥିଲେ ମଧ୍ୟ ତାଙ୍କୁ ମନ୍ତ୍ରୀ ପଦରୁ ହଟାଯାଇ ନ ଥିଲା। ଏମିତି କି ଚାଷୀ ଆତ୍ମହତ୍ୟା ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିଥିଲେ ମଧ୍ୟ ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇ ନ ଥିଲା। ହେଲେ ଏକ ଜନସଭାରେ ବ୍ରାହ୍ମଣ ବିରୋଧୀ ମନ୍ତବ୍ୟ ଦେବା ତାଙ୍କ ପାଇଁ ମହଙ୍ଗା ପଡିଥିଲା। ତାଙ୍କୁ ସେ ସମୟରେ ମନ୍ତ୍ରୀ ପଦ ତଥା ଦଳର ଉପସଭାପତି ଏବଂ ଢେଙ୍କାନାଳ ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ମଧ୍ୟ ହଟାଯାଇଥିଲା। ଏହାପରେ ମଧ୍ୟ ସେ ଅନେକ ସମୟରେ ଦଳବିରୋଧୀ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଆସିଥିଲେ। ଏହାକୁ ନେଇ ଦାମଙ୍କୁ ବିଜେଡିରୁ ବାହାର ବାଟ ଦେଖାଇ ଦିଆଗଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁଭଗ୍ରହ ସଂଯୁକ୍ତ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେବେ। ଆଶା କରିଥିବା ଦିଗରୁ ଅର୍ଥ ପାଇବାରେ କୌଣସି ଅସୁବିଧା ହେବନାହିଁ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ରପ୍ତାନି ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉପକୃତ ହେବେ।

**ବୃଷ** ବ୍ୟୟାଧିପତିଙ୍କ ଦ୍ୱାଦଶଭାବକୁ ଦୃଷ୍ଟିଜନିତ ଜୀବନଯାତ୍ରା ବ୍ୟୟବହୁଳ ହେବ। ଗୃହସୀମା, ଗାଡି ମୋଟର, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ମାନସିକ ସ୍ତରରେ ଆଶଙ୍କା ଓ ଉଦ୍‌ବେଗ ସୃଷ୍ଟି କରିପାରେ। ଆନୁଷ୍ଠାନିକ କ୍ଷେତ୍ରରେ, ପ୍ରତିଯୋଗିତାରେ, ବନ୍ଧୁମିଳନରେ ବ୍ୟସ୍ତତା ବୃଦ୍ଧି ପାଇପାରେ। କଳା, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ।

**ମିଥୁନ** ଆଶାନୁଯାୟୀ ସଫଳତା ହାସଲ କରି ଏକପ୍ରକାର ଆନନ୍ଦ ଅନୁଭବ କରିବେ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀମାନେ ଆପଣଙ୍କୁ ପ୍ରଶଂସା କରିପାରନ୍ତି। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ ଓ କହିବା ପରେ ମନସ୍ତାପ କରିବେ।

**କର୍କଟ** ଅନ୍ୟମାନେ ଆପଣଙ୍କ ତ୍ୟାଗପୂତ ମନୋଭାବକୁ ସହଜରେ ବୁଝି ପାରିବେ ନାହିଁ। ଅଟକି ରହିଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବାରେ ଆପଣଙ୍କ ଭୂମିକା ସର୍ବାଗ୍ରେ ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ। ସାଧାରଣ ସମସ୍ୟାକୁ ବୃହାଦାକାରରେ ଚିନ୍ତା କରି ମନକୁ ଚିନ୍ତାଗ୍ରସ୍ତ କରିପାରନ୍ତି।

**ସିଂହ** ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ୱଚ୍ଛଳତା ଊଣା ନ ହେଲେ ମଧ୍ୟ ବନ୍ଧୁବର୍ଗଙ୍କ କଟୁକ୍ତିରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ସହକର୍ମୀ କର୍ମ କ୍ଷେତ୍ରରେ ସହଯୋଗ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ଲାଗିରହିବ।

**କନ୍ୟା** ସୁଖଭାବରେ ଶୁଭଗ୍ରହ ଆପଣଙ୍କ ସାଧୁତା, ସଙ୍କୋଚତା ଓ ଆର୍ଥିକ ଅନୁଦାନରେ ପ୍ରଶଂସାର ମାଧ୍ୟମ ପାଲଟିପାରେ। ଫଳତଃ ଆଜିର ପ୍ରତ୍ୟେକ କାମ ସାଧନ କରିବାରେ କିଛି ଅସୁବିଧା ହେବ ନାହିଁ। ପାରିବାରିକ ସ୍ତରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡିବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପାଇଁ ଚିନ୍ତା କରିପାରନ୍ତି।

**ତୁଳା** ସ୍ୱରାଶିସ୍ଥ ଶୁକ୍ର ପ୍ରଭାବରୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ବନ୍ଧୁମିଳନ ସହ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ। ପ୍ରିୟ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବ। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କିତ କଥା ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ। ପାରିବାରିକ କ୍ଷେତ୍ରକୁ ସଜାଡିବାର ପ୍ରଯତ୍ନ କରିବେ।

**ବିଛା** କର୍ମକ୍ଷେତ୍ରରେ ଅଟକି ରହିଥିବା କାମଟି ଉପରିସ୍ଥଙ୍କର ସୌଜନ୍ୟରୁ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟ ଓ ସମର୍ଥନ ହାସଲ କରି ବକେୟା ଅର୍ଥ ହାସଲ କରିବେ। ବ୍ୟବସାୟୀମାନଙ୍କ ଆର୍ଥିକ ସ୍ଥିତିରେ ଅବନତି ଆସିପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଜିର ଆନୁଷ୍ଠାନିକ କାର୍ଯ୍ୟ ଯଥାବିଧି ସମ୍ପନ୍ନ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ଧନୁ** ସକାଳୁ ସକାଳୁ ଜଣେ ବନ୍ଧୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ କଥା କହି ପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ପ୍ରିୟଜନଙ୍କର ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ର ବିବାଦୀୟ ହୋଇଉଠିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ।

**ମକର** କୌଣସି କାମ ନ ଅଟକିଲେ ମଧ୍ୟ ଆଜି ଯାହା କିଛି କରିବେ ସେଥିରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେଇ ପାରେ। ମୁହଁ ଖୋଲିଲେ ପାଖ ପଡୋଶୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ କଳହ ପରେ। କୌଣସି ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**କୁମ୍ଭ** ଆନୁଷଙ୍ଗିକ ସହଯୋଗ ଲାଭକରି ମନୋବଳ ବୃଦ୍ଧି ପାଇବା କାରଣରୁ କର୍ମକ୍ଷେତ୍ରରେ ଅଗ୍ରଗାମୀ ହେବେ। ଶିଳ୍ପ, ବ୍ୟବସାୟ, ପରିବହନ, କଚେରି ମାମଲାରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ଭିତରେ ବସନ ଭୂଷଣ ପ୍ରଭୃତି କ୍ରୟ କରିବା ନେଇ ସମସ୍ୟା ଦେଖା ଦେଇପାରେ। ବନ୍ଧୁଙ୍କ ସହ ପାରସ୍ପରିକ ଅସହଯୋଗ କେତେକ ସାଧାରଣ ସମସ୍ୟା ସୃଷ୍ଟି କରିବ।

**ମୀନ** ଆପଣଙ୍କ ନେତୃତ୍ୱ ସାମାଜିକ କାର୍ଯ୍ୟରେ ବିଶେଷ ସହାୟକ ହେବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତାରୁ ଯେତିକି ପ୍ରଶଂସିତ ହେବେ ସେହି ଅନୁପାତରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଗାତ୍ରଦାହ ବୃଦ୍ଧି ପାଇବ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢ଼ିଯିବ।

ଆଜି ଶ୍ରୀଗଣେଶ ଚତୁର୍ଥୀ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ସେପ୍ଟେମ୍ବର ୧୩ ତାରିଖ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ ୧୧।୧୨ମି. ଗତେ ଘ ୧୨।୫୧ମି. ମଧ୍ୟେ, ଘ ୨।୩୦ମି. ଗତେ ଘ ୪।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ ୬।୫୪ମି. ମଧ୍ୟେ ଘ ୨।୩୦ମି. ଗତେ ଘ ୩।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ ୧।୧୪ମି. ଗତେ ଘ ୨।୪୫ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ୧୬ ତାରିଖ ପରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୦ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ସ୍ୱରୂପ କିଭଳି ହେବ ସେନେଇ ଆସନ୍ତା ସପ୍ତାହରେ ଜଣାପଡ଼ିବ। ଗତ ୨୪ ଘଣ୍ଟା ମଧ୍ୟରେ ଦେବଗଡ଼ରେ ୧୭.୬ ମିଲିମିଟର ବର୍ଷା ହୋଇଥିବାବେଳେ ଜଗତ୍‌ସିଂହପୁର ୧୪.୪ ଏବଂ ବାଲେଶ୍ୱରରେ ୧୨.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୧୮ଟି ଜିଲାରେ ୧୦ ମିଲିମିଟରରୁ କମ ବର୍ଷା ହୋଇଛି। କଳାହାଣ୍ଡି, ଗଜପତି, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡା ଏବଂ ସୁବର୍ଣ୍ଣପୁର ଜିଲାରେ ଆଦୌ ବର୍ଷା ହୋଇନାହିଁ।

### ସରକାରଙ୍କ ସହ ଓଡ଼ିଶା ପ୍ରାଥମିକ ଶିକ୍ଷକ ମହାସଂଘର ଆଲୋଚନା

ଧାରଣା ଅବ୍ୟାହତ

**ଭୁବନେଶ୍ୱର, ୧୨।୯(ବ୍ୟୁରୋ):** ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଗଣଧାରଣା ବୁଧବାର ଅଷ୍ଟମ ଦିନରେ ପହଞ୍ଚିଛି। ୬ ଦଫା ଦାବି ନେଇ ଧାରଣାସ୍ଥଳରେ ମହାସଂଘର ଆବାହକ ବଙ୍କିମ ଚନ୍ଦ୍ର ସାଗରଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଚାଲିଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ସରକାରଙ୍କ ସହ ଆଲୋଚନା ପାଇଁ ଡାକରା ଆସିଥିଲା। ମହାସଂଘର ୮ ଜଣିଆ ପ୍ରତିନିଧି ମଣ୍ଡଳୀ ଓଡ଼ିଶା ପ୍ରାଥମିକ ଶିକ୍ଷା ସୌଧ ସମ୍ମିଳନୀ କକ୍ଷରେ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ଅନ୍ୟ ୨୦ଜଣ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ୬ଟି ଦାବି ଉପରେ ଆଲୋଚନା କରିଥିଲେ। କିନ୍ତୁ ବିଭାଗ ପକ୍ଷରୁ ଦାବି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ଏବଂ ବିଭିନ୍ନ ଦିଗ ଉପରେ କୌଣସି ସ୍ପଷ୍ଟ ମତ ଦିଆଯାଇ ନ ଥିଲା। ଫଳରେ ଏହାକୁ ନେଇ ମହାସଂଘ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ମୁଖ୍ୟ ଆବାହକ ସାଗର ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଆଲୋଚନା ସମୟରେ ପ୍ରତିନିଧି ମଣ୍ଡଳୀର ବଙ୍କିମ ଚନ୍ଦ୍ର ସାଗର, ମଳୟ କୁମାର ଜେନା, ସୁଶାନ୍ତ ବେହେରା, ଜାମିନୀକାନ୍ତ ପଣ୍ଡା, ଜ୍ଞାନରଞ୍ଜନ ମହାନ୍ତି, ଜ୍ୟୋତି ଦାସ, ମାଳବିକା ଦାସ, ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବାଲିମେଳା ଜଳଭଣ୍ଡାର ଡଙ୍ଗାବୁଡ଼ି ଘଟଣା

### ନିଖୋଜ ୪ ଜଣଙ୍କ ମୃତଦେହ ଉଦ୍ଧାର

୪ଲକ୍ଷ ଟଙ୍କା ସହାୟତା ଘୋଷଣା

**ମାଲକାନଗିରି,୧୨।୯(ଡି.ଏନ୍.ଏ.):** ଗତ ସୋମବାର ରାତିରେ ଡଙ୍ଗା ବୁଡି ବାଲିମେଳା ଜଳଭଣ୍ଡାରରେ ନିଖୋଜ ହୋଇଥିବା ୪ ଜଣଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। ଅଗ୍ନିଶମବାହିନୀ, ଗ୍ରାମବାସୀ ଏବଂ ଓଡ୍ରାଫ ଟିମ୍ ମିଳିତ ଭାବେ ମଙ୍ଗଳବାରଠାରୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ବୁଧବାର ସକାଳୁ ଏହି ୪ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଏନେଇ ମୃତ ବ୍ୟକ୍ତିଙ୍କ ପରିବାର ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ଜିଲା ପ୍ରଶାସନ ସହାୟତା ଘୋଷଣା କରିଛି। ପ୍ରତି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବାକୁ ଜିଲାପାଳ ମନୀଷ ଅଗ୍ରୱାଲ ଘୋଷଣା କରିଛନ୍ତି। ସୋମବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ୭ଜଣ ବ୍ୟକ୍ତି ଏକ ଦେଶୀ ଡଙ୍ଗାରେ ବାଲିମେଳା ଜଳଭଣ୍ଡାର ମଧ୍ୟରେ ଥିବା ଏକ ପାହାଡରେ ସେମାନେ ଚାଷ କରିଥିବା ଜମିରୁ ଘାସ ବାଛିବା ପାଇଁ ଯାଇ ରାତିରେ ଫେରୁଥିଲେ। ହେଲେ ଡଙ୍ଗା ତଳ ପଟୁ ପାଣି ପଶିଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଡଙ୍ଗା ବୁଡ଼ିଯାଇଥିଲା।

# ୧୫,୦୫୩ କୋଟିର ନୂଆ ଫସଲ କ୍ରୟ ନୀତି

**ନୂଆଦିଲ୍ଲୀ,୧୨।୯**

**କେନ୍ଦ୍ର କ୍ୟାବିନେଟ ମୋହର**
- ଏମ୍ଏସ୍‌ପି ପ୍ରଦାନ ଉପରେ ଗୁରୁତ୍ୱ
- ଇଥାନଲ ଦର ୨୫% ବୃଦ୍ଧି

ଲୋକ ସଭା ନିର୍ବାଚନର ବର୍ଷକ ପୂର୍ବରୁ କେନ୍ଦ୍ର ସରକାର ୧୫,୦୫୩ କୋଟି ଟଙ୍କାର ଫସଲ କ୍ରୟ ନୀତି ଘୋଷଣା କରିଛନ୍ତି। ଏହି ନୀତିରେ ରାଜ୍ୟଗୁଡିକୁ କ୍ଷତିପୂରଣ ଯୋଜନା ବାଛିବାର ଅଧିକାର ପ୍ରଦାନ କରାଯାଇଛି। ଏହାଛଡା ଏମ୍ଏସ୍‌ପିରେ ଚାଷୀଙ୍କ ଠାରୁ ଫସଲ କ୍ରୟ ଲାଗି ଘରୋଇ ଏଜେନ୍ସିକୁ ନିୟୋଜିତ କରିବାକୁ ଅନୁମତି ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୈଠକରେ ନୂଆ ଫସଲ ନୀତି 'ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ'କୁ ଅନୁମୋଦନ କରାଯାଇଛି। ବଜେଟର ଘୋଷଣା ଅନୁଯାୟୀ ଚାଷୀ ଯେପରି ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ପାଇବେ ସେ ନେଇ କ୍ୟାବିନେଟ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। କ୍ୟାବିନେଟ ବୈଠକ ପରେ କୃଷି ମନ୍ତ୍ରୀ ରାଧାମୋହନ ସିଂହ ଏଠାରେ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, କ୍ୟାବିନେଟ ବୁଧବାର ଏକ ଐତିହାସିକ ନିଷ୍ପତ୍ତି ନେଇଛି। ସେ କହିଛନ୍ତି ଯେ, ଚାଷୀ ଯେପରି ଏମ୍ଏସ୍‌ପିରେ ନିଜର ଫସଲ ବିକ୍ରି କରିପାରିବ ସେନେଇ ରାଜ୍ୟଗୁଡିକ ୩ଟି ଯୋଜନା ପ୍ରାଇସ୍ ସର୍ପୋଟ ସ୍କିମ୍ ବା ମୂଲ୍ୟ ସହାୟକ ଯୋଜନା, ନୂଆ ପ୍ରାଇସ ଡେଫିସିଏନ୍ସି ପେମେଣ୍ଟ ସ୍କିମ ବା ଦର ପାର୍ଥକ୍ୟ ଦେୟ ଯୋଜନା ଏବଂ ପାଇଲଟ ଭିତ୍ତିରେ ପ୍ରାଇଭେଟ ପ୍ରୋକିଓରମେଣ୍ଟ ଷ୍ଟକିଷ୍ଟ ସ୍କିମ ବା ଘରୋଇ କ୍ରୟ ଷ୍ଟକିଷ୍ଟ ଯୋଜନା ମଧ୍ୟରୁ ଯେକୌଣସି ଗୋଟିକୁ ବାଛିପାରିବେ। ଆସନ୍ତା ୨ ବର୍ଷ ମଧ୍ୟରେ ଏହି ନୂଆ ନୀତି ପ୍ରଣୟନ ଲାଗି କେନ୍ଦ୍ର କ୍ୟାବିନେଟ ୧୫,୦୫୩ କୋଟି ଟଙ୍କାର ପାଣ୍ଠି ଗଠନକୁ ଅନୁମୋଦନ କରିଛନ୍ତି। ଏଥିମଧ୍ୟରୁ ଚଳିତ ବର୍ଷ ୬,୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଛଡା କ୍ରୟ ଲାଗି ଋଣ ପ୍ରଦାନ ବାବଦରେ କେନ୍ଦ୍ର ସରକାର ୧୬,୫୫୦ କୋଟି ଟଙ୍କାର ଅତିରିକ୍ତ ଗ୍ୟାରେଣ୍ଟି ଦେବେ। ଫଳରେ ଏହା ୪୫,୫୫୦ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଚାଷୀ ଯେପରି ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ପାଇବେ ସେସଂକ୍ରାନ୍ତରେ ନୀତିରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ସରକାର ୨୨ପ୍ରକାର ଫସଲର ଏମ୍ଏସ୍‌ପି ବୃଦ୍ଧି ଘୋଷଣା କରିବା ପରେ ଜୁଲାଇରେ ପ୍ରଧାନମନ୍ତ୍ରୀ ନୂଆ ଫସଲ ନୀତି ଆସିବ ବୋଲି କହିଥିଲେ। ଏମ୍ଏସ୍‌ପି ଠାରୁ କମ ଦରରେ ତୈଳବୀଜ ବିକ୍ରି କ୍ଷେତ୍ରରେ ସ୍ୱତନ୍ତ୍ର ଯୋଜନା ଲାଗୁ କରାଯିବ। ଏମ୍ଏସପି ନୀତିରେ ଉଭୟ ଖରିଫ ଓ ରବି ଋତୁରେ ଚାଷ ହେଉଥିବା ୨୩ ପ୍ରକାର ଶସ୍ୟ ଉପରେ ସରକାର ଦର ଧାର୍ଯ୍ୟ କରନ୍ତି। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ଲକ୍ଷ୍ୟରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସିଂହ ପ୍ରକାଶ କରିଛନ୍ତି। ସେହିଭଳି କେନ୍ଦ୍ର କ୍ୟାବିନେଟ ଇଥାନଲ ଦରରେ ୨୫% ବୃଦ୍ଧି ନିଷ୍ପତ୍ତି ନେଇଛନ୍ତି। ଆଖୁ ଓ ଇଣ୍ଟରମିଡିୟରି ମୋଲାସେସ୍(ବି-ହେଭି ମୋଲାସେସ୍)ରୁ ଉତ୍ପାଦିତ ଇଥାନଲ ଦରକୁ ଲିଟର ପିଛା ୪୭.୧୩ ଟଙ୍କାରୁ ୫୨.୪୩ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଶତପ୍ରତିଶତ ଆଖୁ ରସରୁ ଉତ୍ପାଦିତ ଇଥାନଲ ପାଇଁ ଲିଟର ପିଛା ଦରକୁ ୪୭.୧୩ ଟଙ୍କାରୁ ୫୯.୧୩ ଟଙ୍କାକୁ ବୃଦ୍ଧି କରାଯାଇଛି। ଡିସେମ୍ବରରୁ ଇଥାନଲ ଉତ୍ପାଦନ ଆରମ୍ଭ ହୋଇଥାଏ। ଚଳିତ ଆର୍ଥିକ ବର୍ଷରେ ଦେଶରେ ୨ରୁ ଅଢ଼େଇ ବିଲିୟନ ଲିଟର ଇଥାନଲ ଉତ୍ପାଦନ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ନିଷ୍ପତ୍ତି ଫଳରେ ବିଭିନ୍ନ କାମରେ ଆଖୁ ରସର ଅଧିକ ଖର୍ଚ୍ଚ କମିବ ଓ ଚାଷୀମାନଙ୍କୁ ସେମାନଙ୍କର ବକେୟା ମୂଲ୍ୟ ଦେବାରେ ଚିନି ମିଲଗୁଡିକର ତରଳତା ବଢ଼ିବ ଓ ଇଥାନଲ ମିଶ୍ରିତ ପେଟ୍ରୋଲ କାର୍ଯ୍ୟକ୍ରମ ପାଇଁ ଅଧିକ ଇଥାନଲ ଉପଲବ୍ଧ ହୋଇପାରିବ। ଅନୁରୂପ ଭାବେ ତୈଳ ଓ ଗ୍ୟାସ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିନ ଦେବା ପାଇଁ ହାଇଡ୍ରୋ କାର୍ବନ ଭଣ୍ଡାରରୁ ରିକଭରିରେ ସୁଧାର ପାଇଁ ଏନହାନ୍ସଡ ରିକୋଭରି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ନୀତିଗତ ଢ଼ାଞ୍ଚାକୁ ମଧ୍ୟ ଅନୁମୋଦନ କରାଯାଇଛି।

## ଦେଶ ଛାଡ଼ିବା ପୂର୍ବରୁ ଜେଟ୍‌ଲୀଙ୍କୁ ଭେଟିଥିଲି: ମାଲ୍ୟା

**ଲଣ୍ଡନ/ନୂଆଦିଲ୍ଲୀ,୧୨।୯**



ଭାରତ ଛାଡିବା ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଭେଟିଥିଲେ ଓ ଋଣ ବିବାଦର ସମାଧାନ ଲାଗି ଅନୁରୋଧ କରିଥିଲେ ବୋଲି ମଦ ବ୍ୟବସାୟୀ ବିଜୟ ମାଲ୍ୟା ବୁଧବାର ଦାବି କରିଛନ୍ତି। ତେବେ ଏହାକୁ ଜେଟ୍‌ଲୀ ଖଣ୍ଡନ କରିଛନ୍ତି। ମାଲ୍ୟାଙ୍କ ବକ୍ତବ୍ୟ ପରେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳଗୁଡିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଦୁର୍ନୀତିଗ୍ରସ୍ତ ବ୍ୟବସାୟୀ ମାନେ ସରକାରଙ୍କ ସହ ଷଡଯନ୍ତ୍ର କରି ପଳାଇଛନ୍ତି ବୋଲି ପ୍ରମାଣିତ ହୋଇଛି ବୋଲି ସେମାନେ କହିଛନ୍ତି। ବୁଧବାର ସକାଳେ ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ କୋର୍ଟରେ ହାଜର ହେବାବେଳେ ଖବରଦାତାଙ୍କୁ ମାଲ୍ୟା କହିଥିଲେ ଯେ, ଜେନିଭାରେ ଏକ ବୈଠକରେ ଯୋଗ ଦେବା ଲାଗି ସେ ଭାରତ ଛାଡି ଥିଲେ। ତେବେ ଭାରତ ଛାଡିବା ପୂର୍ବରୁ ସେ ଜେଟ୍‌ଲୀଙ୍କୁ ଭେଟିଥିଲେ ବୋଲି କହିଛନ୍ତି। ବ୍ୟାଙ୍କ ବିବାଦ ସମାଧାନ ଲାଗି ସେ ବାରମ୍ବାର ଅଫର ଦେଇଥିଲେ ବୋଲି ମଦ ବ୍ୟବସାୟୀ କହିଛନ୍ତି। ବୈଠକରେ ହୋଇଥିବା ଆଲୋଚନାର ବିସ୍ତାରିତ ତଥ୍ୟ ଦେବାକୁ ସେ ମନା କରିଦେଇଥିଲେ। ଏଥିସହ ସେ କହିଛନ୍ତି ଯେ, ସମସ୍ତେ ଯେପରି ଅର୍ଥ ଫେରି ପାଇବେ ସେ ନେଇ କର୍ନାଟକ ହାଇକୋର୍ଟରେ ଏକ ବିସ୍ତାରିତ ତଥା ସମନ୍ୱିତ ପ୍ରସ୍ତାବ ସେ ଦେଇଛନ୍ତି। ଅନ୍ୟପକ୍ଷରେ ଜେଟ୍‌ଲୀ ଏହାକୁ ଖଣ୍ଡନ କରିଛନ୍ତି। ସେ ତାଙ୍କ ଫେସବୁକ ପୋଷ୍ଟରେ ଲେଖିଛନ୍ତି ଯେ, ମାଲ୍ୟାଙ୍କୁ ସାକ୍ଷାତ ଲାଗି ସମୟ ଦେଇ ନ ଥିବାରୁ ତାଙ୍କୁ ଭେଟିବାର ପ୍ରଶ୍ନ ହିଁ ଉଠୁନାହିଁ। ରାଜ୍ୟସଭାର ସାଂସଦ ଭାବେ ସେ ଏହାର ଫାଇଦା ଉଠାଇ ସଂସଦ ବାହାରେ ତାଙ୍କୁ ଭେଟିଥିଲେ ଏବଂ ବିବାଦର ସମାଧାନ ଲାଗି କହିଥିଲେ। ଏହାର ଉତ୍ତରରେ ସେ କହିଥିଲେ ଯେ, ମାଲ୍ୟା ବ୍ୟାଙ୍କକୁ ନିଜର ପ୍ରସ୍ତାବ ଦେବା ଉଚିତ୍। ତଥ୍ୟାତ୍ମକ ଭାବେ ଦେଖିଲେ ମାଲ୍ୟା ମିଛ କହୁଛନ୍ତି।



ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୋଭାଯାତ୍ରା।

## ଏକାଧିକ ବିଭାଗର ଖର୍ଚ୍ଚଦାବି ଗୃହୀତ

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ଗିଲୋଟିନ୍ ମାଧ୍ୟମରେ ଏକାଧିକ ବିଭାଗର ଖର୍ଚ୍ଚଦାବି ବୁଧବାର ବିଧାନସଭାରେ ଗୃହୀତ ହୋଇଯାଇଛି। ଏହା ମଧ୍ୟରେ ରହିଛି ଗୃହ ବିଭାଗର ପ୍ରଶାସନିକ ବ୍ୟୟ ୧୬୧,୯୧,୭୭,୦୦୦ କୋଟି ଟଙ୍କା, ସାଧାରଣ ପ୍ରଶାସନ ବିଭାଗର ୩,୦୩,୨୩,୦୦୦ କୋଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୮,୭୩,୦୦୦ କୋଟି, ସ୍ୱାସ୍ଥ୍ୟ ବିଭାଗର ୪୮,୬୬,୭୦,୦୦୦ ଟଙ୍କା। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ବିଭାଗର ମଧ୍ୟ ଖର୍ଚ୍ଚ ଦାବି ମଧ୍ୟ ବୁଧବାର ଏକକାଳୀନ ଆଗତ କରାଯାଇ ଗୃହୀତ କରାଯାଇଥିଲା। ବୁଧବାର ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ରାଜ୍ୟ ସରକାର ଅଙ୍ଗନୱାଡି, ଆଶା କର୍ମୀମାନଙ୍କ ଦରମା ବୃଦ୍ଧି କରିବା ପାଇଁ ବାଚସ୍ପତିଙ୍କ ଜରିଆରେ ପ୍ରସ୍ତାବ ରଖିଥିଲେ। ଏହାପରେ ଶାସକ ସଭ୍ୟ ମହେଶ ସାହୁ ରେଙ୍ଗାଲି ଡ୍ୟାମରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମିଳିବା ନେଇ ଦାବି ଉପସ୍ଥାପନ କରିଥିଲେ। ଦୀର୍ଘଦିନର ଦାବି ହୋଇଥିଲେ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆ ନ ଯିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

# ଆଜି ବି ପ୍ରଶ୍ନକାଳ ବାତିଲ

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**



- ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିରେ ବିରୋଧୀଙ୍କ ହଟ୍ଟଗୋଳ, ଗୃହ ମୁଲତବୀ

ଗତ ୬ ଦିନ ହେବ ବିଧାନସଭା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବରବାଦ ହୋଇ ଯାଇଛି। କେତେବେଳେ ବିରୋଧୀ ତ ଆଉ କେତେବେଳେ ଶାସକ ଦଳ ବିଧାନସଭାକୁ ଅଚଳ କରୁଛନ୍ତି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ବିଧାନସଭା ମଧ୍ୟଭାଗକୁ ମାଡ଼ି ଆସି ହଟ୍ଟଗୋଳ କରୁଛନ୍ତି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ଶିକ୍ଷକ ଆନ୍ଦୋଳନ, ଚାରା ଦୁର୍ନୀତି ଆଦି ପ୍ରସଙ୍ଗ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଆରମ୍ଭରୁ ପ୍ରତିବାଦ କରି ଗୃହକୁ ଅଚଳ କରି ଦେଉଛନ୍ତି। ସେପ୍ଟେମ୍ବର ୪ ତାରିଖରୁ ଆରମ୍ଭ ହୋଇଥିବା ବିଧାନସଭାରେ ପ୍ରଶ୍ନକାଳ ବେଳେ ଏଭଳି ଅଚଳାବସ୍ଥା ଲାଗି ରହିଛି। ବୁଧବାର ବିଧାନସଭାରେ ମଧ୍ୟ ସେଇ ଏକା ଅବସ୍ଥା ଦେଖିବାକୁ ମିଳିଥିଲା।

୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଦୀପ କୁମାର ଅମାତ ସଭା କାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ମୟୂରଭଞ୍ଜ ଜିଲାରେ ହୋଇଥିବା ଚାରା ଦୁର୍ନୀତି କୃଷି ମନ୍ତ୍ରୀ ସ୍ୱୀକାର କରିଥିବା ଅଭିଯୋଗ ଆଣି କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ବିଭୂତି ଭୂଷଣ ହରିଚନ୍ଦନ, ଗୋବିନ୍ଦ ଦାସ ପ୍ରମୁଖ କଂଗ୍ରେସ ସହ ତାଳ ମିଳାଇବା ସହ ଓମ୍‌ଫେଡ ଓ ଅନ୍ୟାନ୍ୟ ଦୁର୍ନୀତିର ସିବିଆଇ ତଦନ୍ତ ଦାବି କରି ପାଟିତୁଣ୍ଡ କରିଥିଲେ। ଫଳରେ ଗୃହରେ କିଛି ସମୟ ପାଇଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ମାତ୍ର ଅଧ ମିନିଟ ପରେ ବାଚସ୍ପତି ଗୃହକୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ। ୧୧ଟା ୩୦ ମିନିଟରେ ଶୂନ୍ୟକାଳ ଆରମ୍ଭ ହୋଇଥିଲା। ପୁଣି କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ଚାରା ଦୁର୍ନୀତିକୁ ନେଇ ସରକାରଙ୍କ ବିରୋଧରେ ନାରାବାଜି କଲେ। ଚାରା ଘୋଟାଲା କଲା କିଏ... ନବୀନ ସରକାର ଆଉ କିଏ... ସ୍ଲୋଗାନ ଦେଇ ବିଧାନସଭାକୁ କମ୍ପାଇ ଦେଲେ। ଭାଜପା ସଦସ୍ୟମାନେ ମଧ୍ୟ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କଲେ। ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବାଚସ୍ପତି ବିଜେଡି ସଭ୍ୟ ସଞ୍ଜୟ ଦାସବର୍ମାଙ୍କୁ କହିବାକୁ ଡାକିଲେ। ଶିଳ୍ପ କରିଡରରେ ଓଡିଶାକୁ ସାମିଲ କରି ନ ଥିବା ନେଇ ସେ କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରିଥିଲେ। ହଟ୍ଟଗୋଳ ପ୍ରବଳ ହେବାରୁ ବାଚସ୍ପତି ୧୧ଟା ୩୫ ମିନିଟରେ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

ପ୍ରଥମ ପୃଷ୍ଠାରୁ

### ବାଘୁଣୀ ଆକ୍ରମଣରେ ...

ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ସେମାନେ ପୁରୁଣାକୋଟ-ଟିକରପଡ଼ା ରାସ୍ତା ଅବରୋଧ କରିବା ସହ ହାତୀବାରୀ ବିଟ୍ ହାଉସରେ ନିଆଁ ଲଗାଇ ଦେଇଥିଲେ। ସେଠାରେ ଥିବା ଜଣେ ଫରେଷ୍ଟ ଗାର୍ଡ ବିଜୟ ବେହେରାଙ୍କୁ ମାଡ଼ ମାରିଥିଲେ। ତାଙ୍କ ବାଇକ୍‌କୁ ମଧ୍ୟ ପୋଡ଼ି ଦେଇଥିଲେ। ଅପରାହ୍ନ ୫ଟାରେ ପଞ୍ଚାୟତବାସୀ ଟିକରପଡ଼ା ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ ଭଙ୍ଗାରୁଜା କରିଥିଲେ। ପରେ ପେଟ୍ରୋଲ, ଡିଜେଲ ପକାଇ ଅଫିସ ସହ ରେଞ୍ଜରଙ୍କ ବାସଗୃହ, ବିଟ୍ ହାଉସ, ଜିପ୍, ୫ଟି ବାଇକ୍, ୩ଟି ସ୍କୁଟି, ଫରେଷ୍ଟଗାର୍ଡଙ୍କ ପାଇଁ ଉଦ୍ଦିଷ୍ଟ ଗୃହକୁ ପୋଡ଼ି ଦେଇଥିଲେ। ଏତେ କାଣ୍ଡ ପରେ ବି ଉତ୍ତେଜନା ଥମି ନ ଥିଲା। ଶତାଧିକ ଲୋକ ଟିକରପଡ଼ା ମହାନଦୀ ଗଣ୍ଡ ନିକଟରେ ପହଞ୍ଚି ବନ ବିଭାଗର ୩ଟି ବଙ୍ଗଳା, ଗାର୍ଡ ଏବଂ ୱାଚରଙ୍କ ବାସଗୃହରେ ନିଆଁ ଲଗାଇ ଦେଇଥିଲେ। କ୍ରୋକୋଡାଇଲ କଞ୍ଜରଭେଶନ ଆୱାରନେସ ସେଣ୍ଟରରେ ଭଙ୍ଗାରୁଜା ସହ କୁମ୍ଭୀର ପ୍ରଜନନ ସମ୍ପର୍କିତ ଆଲୋଚନା ପାଇଁ ଥିବା ମିଟିଂ ଗୃହକୁ ପୋଡ଼ି ଦେଇଥିଲେ। ପରେ ନଦୀ ଭିତରେ ପର୍ଯ୍ୟଟକଙ୍କ ପାଇଁ ରଖାଯାଇଥିବା ୬ଟି ଲଞ୍ଚକୁ ମଧ୍ୟ ଜାଳି ଦେଇଥିଲେ। ସେହିପରି ସନ୍ଧ୍ୟାରେ କନ୍ଧଅଇଡ଼ା ଓ ମଝିପଡ଼ା ବିଟ୍ ହାଉସକୁ ପୋଡ଼ି ଦେଇଥିଲେ। ଘଟଣାସ୍ଥଳରେ ପୁରୁଣାକୋଟ ଥାନା ଆଇଆଇସି ବିଜୟ କୁମାର ହାଇବ୍ରୋ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ବି କେବଳ ଦେଖଣାହାରୀ ସାଜିଥିଲେ। ପଞ୍ଚାୟତବାସୀଙ୍କ ରୋଷରୁ ରକ୍ଷା ପାଇବା ପାଇଁ ସ୍ଥାନୀୟ ରେଞ୍ଜର ଜୟନ୍ତ କୁମାର ପଟ୍ଟନାୟକଙ୍କ ସମେତ ୭ଜଣ ଗାର୍ଡ, ୧୦ ୱାଚର ଓ ବାଘୁଣୀକୁ ମନିଟରିଂ କରୁଥିବା କର୍ମଚାରୀ ଟିମ୍ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ଜଣାପଡ଼ିଛି। ଏପରି ଖବର ପାଇ ସନ୍ଧ୍ୟା ୬ଟାରେ ପୁରୁଣାକୋଟରେ ଅବସ୍ଥାପିତ ୩୦ରୁ ଊର୍ଦ୍ଧ୍ୱ ସିଆରପିଏଫ୍ ଯବାନ ପହଞ୍ଚିଥିଲେ ହେଁ ସେତେବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା।

# ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚଦାବି ଗୃହୀତ
- ବିଭିନ୍ନ ଅନିୟମିତତା ନେଇ ବିରୋଧୀ ସଦସ୍ୟଙ୍କ ଉଦ୍‌ବେଗ

**ଭୁବନେଶ୍ୱର,୧୨।୯(ବ୍ୟୁରୋ)**

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗକୁ ନେଇ ଆସିଥିବା ଆପତ୍ତି ଅଭିଯୋଗର ତଦନ୍ତ କରାଯିବ। ତଦନ୍ତ ପରେ ଖିଲାପ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁ ଅଧିକାରୀମାନେ ଏଥିରେ ଅବହେଳା କରିଥିବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି। ବିଧାନସଭାରେ ବୁଧବାର ହୋଇଥିବା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତରରେ ମନ୍ତ୍ରୀ ପ୍ରଦୀପ ମହାରଥୀ ଏହି କଥା କହିଛନ୍ତି। ମୋଟ ୩୧୨୬,୭୪,୨୭,୦୦୦ ଟଙ୍କାର ଅତିରିକ୍ତ ବଜେଟ୍‌କୁ ଗୃହର ଅନୁମୋଦନ ମିଳିଛି। ପ୍ରଦୀପ କହିଛନ୍ତି ଯେ, ୨୦୧୪-୧୫ ବର୍ଷ ପର୍ଯ୍ୟନ୍ତ ୧୯,୧୬,୬୪୮ ଗ୍ରାମୀଣ ପରିବାରଙ୍କ ପକ୍କାଗୃହ ନିର୍ମାଣ କରାଯାଇଛି। ୨୦୧୮-୧୯ ଆର୍ଥିକବର୍ଷରେ ଏଯାବତ୍ ୨,୫୧,୧୭୨ଟିଗୃହ ସମ୍ପୂର୍ଣ୍ଣ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ୩୫୯୨.୩୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ୨୪୪୩.୦୫କୋଟି ଖର୍ଚ୍ଚ ହୋଇଛି। ଏଥିସହିତ ଅତିରିକ୍ତ ବ୍ୟୟ ଅଟକଳରେ ୧୫୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଜାତୀୟ ଜୀବିକା ମିଶନ୍ ଯୋଜନା ବାବଦରେ ୩୩୦.୪୯ କୋଟି ଟଙ୍କା ରହିଛି। ତନ୍ମଧ୍ୟରୁ ୪୩ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ୨୧୦.୮୨ କୋଟି ଟଙ୍କାର ଅତିରିକ୍ତ ବଜେଟ ଅଟକଳର ବ୍ୟବସ୍ଥା କରାଯାଇଛି। ବସୁଧା ଯୋଜନାରେ ପୂର୍ବ ଅଟକଳରେ ଥିବା ଟଙ୍କାର ୪୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଅତିରିକ୍ତ ବଜେଟରେ ୨୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳରେ ବସୁଧା ଯୋଜନା ବାବଦକୁ ଅତିରିକ୍ତ ୧୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ମହାରଥୀ ଗୃହରେ ଉତ୍ତର ରଖିଛନ୍ତି।

ରାଜ୍ୟର ୨୦ ବ୍ଲକ ଓ ୨ ଜିଲା ଖୋଲା ମଳମୁକ୍ତ ଅଞ୍ଚଳ(ଓଡିଏଫ୍) ହୋଇସାରିଛି। ପୂର୍ବରୁ ଅଟକଳ କରାଯାଇଥିବା ୧୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏଥିସହ ଅତିରିକ୍ତ ୧୦୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ୍ୟ କରାଯାଇଛି। ସେଥିପାଇଁ କଣ୍ଟିଜେଣ୍ଟ ଫଣ୍ଡରୁ ୭୫୬.୯୦ କୋଟି ଟଙ୍କା ଭରଣା କରାଯିବ ବୋଲି ଜଣାପଡିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟୟବରାଦ ହୋଇଥିବା ୯୯୯.୪୧ କୋଟିରୁ ୮୧୦.୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୩,୩୬,୦୪୦ ଗୋଟି ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହୋଇଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ୯୫୦ ଲକ୍ଷ ମାନବ ଦିବସ ସୃଷ୍ଟି କରାଯିବା ସହ ୧୨୮୧.୮୪ କୋଟି ଟଙ୍କା ବ୍ୟୟବରାଦ କରାଯିବା ନିମନ୍ତେ ମନ୍ତ୍ରୀ ମହାରଥୀ ପ୍ରସ୍ତାବ ରଖିଥିଲେ। ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦେବେନ୍ଦ୍ର ଶର୍ମା କହିଥିଲେ ଯେ, ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଦଳୀୟ କର୍ମୀଙ୍କୁ ଗୁରୁତ୍ୱ ଦିଆଯାଉଛି। ପଲ୍ଲିସଭାର ଗୁରୁତ୍ୱ ରହୁନାହିଁ, ବିରୋଧୀ ଦଳର ପଞ୍ଚାୟତ ପ୍ରତିନିଧିଙ୍କୁ ଡକାଯାଉନାହିଁ। ବିଭିନ୍ନ ଅଭିଯୋଗ ନେଇ ସଚିବଙ୍କୁ ଅବଗତ କରାଯାଇଛି, ସଚିବ ରିପୋର୍ଟ ମାଗୁଥିଲେ ତାହା ତାଙ୍କ ପାଖରେ ପହଞ୍ଚୁ ନ ଥିବା ଦେବେନ୍ଦ୍ର କହିଥିଲେ। ଶାସକ ସଭ୍ୟ ପଦ୍ମନାଭ ବେହେରା କହିଥିଲେ ଯେ, ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥା ଅଧିକ ମଜଭୁତ ହୋଇଛି। ଗାଁ ଲୋକେ ସିଧାସଳଖ ପ୍ରଶାସନ ସହ ଯୋଡି ହୋଇପାରୁଛନ୍ତି।

ନିମାପଡା ବିଧାୟକ ସମୀର ରଞ୍ଜନ ଦାସ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି। ରାଜ୍ୟରେ ପଞ୍ଚାୟତିରାଜ ବିଭାଗକୁ ବିଗତ ଦିନରେ ସମୃଦ୍ଧ କରାଯାଇଛି। ଭାଜପା ବିଧାୟକ ରବି ନାଏକ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ପଲ୍ଲିସଭା ଦ୍ୱାରା ନିୟମଗିରି ବେଦାନ୍ତକୁ ଦିଆଯିବ କି ନାହିଁ ବିଚାର ହୋଇଥିଲା। ବର୍ତ୍ତମାନ ପଲ୍ଲିସଭାର କୌଣସି ଗୁରୁତ୍ୱ ନାହିଁ। ସରକାର ଗ୍ରାମସଭାକୁ ଡରୁଛନ୍ତି। ପଞ୍ଚାୟତିରାଜକୁ ନେଇ ବିଜୁବାବୁ ଦେଖିଥିବା ସ୍ୱପ୍ନ ରାଜ୍ୟ ସରକାର ସାକାର କରି ନ ଥିବା ରବି କହିଛନ୍ତି। କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି ରାଜନଗର ବ୍ଲକରେ ହୋଇଥିବା ଅନିୟମିତତା ପ୍ରସଙ୍ଗରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବରୁ ଘୋଷିତ ବିଧାୟକଙ୍କ କୋଟାରେ ଥିବା ୨୦୦ ପକ୍କାଘର ବିରୋଧୀ ବିଧାୟକଙ୍କୁ ଦିଆଯାଉନାହିଁ। ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିଆଇ)ରେ ବିରୋଧୀ ବିଧାୟକଙ୍କ ପ୍ରସ୍ତାବ ରହୁ ନ ଥିବାରୁ କମିଟିରୁ ବାଦ୍ ଦିଆଯାଉ ବୋଲି ଅଂଶୁମାନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନାତନ ମହାକୁଡ ଓ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ତାରାପ୍ରସାଦ ବାହିନୀପତି, କେ.ଭି. ସିଂଦେଓ ପ୍ରମୁଖ ଦୃଷ୍ଟି ଆକର୍ଷଣ କରିଥିବା ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ମନ୍ତ୍ରୀ ମହାରଥୀ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ।

> ମାତଃ ଦୁର୍ଗେ ! ଜୀବନ ସଂଗ୍ରାମରେ , ଭାରତ ସଂଗ୍ରାମରେ ତୋର ପ୍ରେରିତ ଯୋଦ୍ଧା ଆମ୍ଭେମାନେ। ଦିଅ ମା ! ମନେ ପ୍ରାଣେ ଅସୁରର ଶକ୍ତି- ଅସୁରର ଉଦ୍ୟମ। ଦିଅ ମା, ହୃଦୟରେ ବୁଦ୍ଧିରେ ଦେବ ଚରିତ୍ର, ଦିବ୍ୟଜ୍ଞାନ !!
> -ଶ୍ରୀଅରବିନ୍ଦ



# ମାନସିକ ରୋଗ ଓ ଖାଦ୍ୟ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଆପଣଙ୍କ ଜାଣିବାରେ କେହି ପାଗଳ ପରି, ସନ୍ଦେହଜନକ, ଉଦାସ, ଅତି ସକ୍ରିୟ, ନିଦ୍ରାହୀନତାଗ୍ରସ୍ତ ଓ ବିନା କାରଣରେ ରାଗିବା ପରି ଲକ୍ଷଣମାନ ପ୍ରକାଶ କରୁଛନ୍ତି କି? ଦେଖନ୍ତୁ ସେ କେତେ ମାଂସ ଖାଉଛନ୍ତି। ବିଶେଷତଃ ପୂର୍ବରୁ ପ୍ୟାକେଜ୍ ହୋଇଥିବା ବା ହୋଟେଲର ମାଂସ ଯଥା ହାମ୍, ସସେଜ୍, ହଟ୍ ଡଗ୍, ଶୁଷ୍କ ଗୋମାଂସ ବା ତୁର୍କୀ ଜର୍କୀ, ସାଲାମି ପ୍ରଭୃତି ସେ କେତେ ଖାଉଛନ୍ତି ଦେଖନ୍ତୁ। ସମାନ ବୟସର ବିଭିନ୍ନ ଗ୍ରୁପ୍‌ର ଲୋକଙ୍କ ଉପରେ କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏପରି ସମସ୍ୟା ସହ ମାଂସାହାର, ବିଶେଷତଃ ପ୍ରକ୍ରିୟାକୃତ ମାଂସାହାରର ସମ୍ପର୍କ ଅଛି।

୧୮୭୬ ମସିହାରେ ଜନ୍ ହପ୍‌କିନ୍ସ ବାଲ୍‌ଟିମୋର୍‌ରେ ଆମେରିକାର ପ୍ରଥମ ରିସର୍ଚ୍ଚ ୟୁନିଭର୍ସିଟି ପ୍ରତିଷ୍ଠା କରିଥିଲେ, ଯାହାର ଗବେଷଣା ବିଶ୍ୱମାନର ବୋଲି ବିବେଚନା କରାଯାଏ। ଖାଦ୍ୟାଭ୍ୟାସ ସହ ଉପରୋକ୍ତ ମାନସିକ ରୋଗର ସମ୍ପର୍କ ଉପରେ ସେ ଯେଉଁ ଗବେଷଣା କରିଥିଲେ ତାହା ମଲିକ୍ୟୁଲାର ସାଇକିଆଟ୍ରି ପତ୍ରିକାରେ ପ୍ରକାଶ ପାଇଛି। ପୂର୍ବରୁ ଏ ରୋଗର କାରଣ ଭାବେ ଜେନିଟିକ୍ସ, ଡ୍ରଗ୍ସ ଏବଂ ମଲ୍ଟିପ୍‌ଲ ସ୍କ୍ଲେରୋସିସ୍ ଓ ହର୍ମୋନ୍ ଅସନ୍ତୁଳନ ପରି ରୋଗକୁ ଦାୟୀ କରାଯାଉଥିଲା। କିନ୍ତୁ ଏହା ସହ ଯେ ଖାଦ୍ୟର ସମ୍ପର୍କ ଅଛି ତାହା ନୂତନ ଗବେଷଣାରୁ ଜଣାପଡ଼ିଛି। ଗବେଷକମାନେ ଦେଖିଲେ ଯେ, ଯେଉଁମାନେ ବେଶି ନାଇଟ୍ରେଟେଡ୍ ଶୁଷ୍କ ମାଂସ ଖାଇଛନ୍ତି, ସେମାନଙ୍କଠାରେ ଏଭଳି ମାନସିକ ରୋଗ ଦେଖାଯିବାର ସମ୍ଭାବନା ଅଧିକ ଥାଏ। ନ୍ୟୁରୋଭାଇରୋଲୋଜିର ପ୍ରଫେସର ଡ. ରବର୍ଟ ୟୋଲ୍‌କେନଙ୍କ ନେତୃତ୍ୱରେ ଜନ୍ ହପ୍‌କିନ୍ସ ମେଡିସିନ୍‌ର ବୈଜ୍ଞାନିକମାନେ ଏହି ଗବେଷଣା କରିଥିଲେ। ସେମାନେ ୨୦୦୭ରୁ ୨୦୧୭ ମଧ୍ୟରେ ମାନସିକ ରୋଗ ଥିବା ଓ ଏହି ରୋଗ ନ ଥିବା ୧,୧୦୧ ଜଣ ଲୋକଙ୍କୁ ଗବେଷଣାରେ ସାମିଲ କରିଥିଲେ। ମାନସିକ ରୋଗ ନ ଥିବା ଲୋକଙ୍କ ତୁଳନାରେ ମାନସିକ ରୋଗ ଥିବା ଲୋକମାନେ ପ୍ରାୟ ସାଢ଼େ ତିନିଗୁଣ ନାଇଟ୍ରେଟ୍‌ଯୁକ୍ତ ମାଂସ ଖାଇଥିଲେ। ପ୍ରକ୍ରିୟାକୃତ ମାଂସକୁ ସଂରକ୍ଷଣ କରି ଅଧିକ ଦିନ ରଖିବା ଲାଗି ସୋଡିୟମ୍ ନାଇଟ୍ରେଟ୍ ବା ପୋଟାସିୟମ୍ ନାଇଟ୍ରେଟ୍ ଆଦି ନାଇଟ୍ରୋଜେନ୍ ଯୌଗିକ ବ୍ୟବହାର କରାଯାଏ। ଏହାକୁ କୁହାଯାଏ କିଓରିଂ ମିଟ୍। ଏହା ହାମ୍, ସସେଜ୍, ହଟ୍ ଡଗ୍, ଶୁଷ୍କ ଗୋମାଂସ ବା ତୁର୍କୀ ଜର୍କୀ, ସାଲାମି ଆଦି ପ୍ରିୟାକୃତ ମାଂସରେ ଦେଖିବାକୁ ମିଳେ। ଉକ୍ତ ନାଇଟ୍ରେଟ୍‌ଯୁକ୍ତ ଖାଦ୍ୟର କ୍ୟାନ୍‌ସର ଓ ସ୍ନାୟୁରୋଗ ସହ ମଧ୍ୟ ସମ୍ବନ୍ଧ ରହିଛି।

ବୈଜ୍ଞାନିକମାନେ ମୂଷା ଉପରେ ମଧ୍ୟ ନାଇଟ୍ରେଟ୍‌ର ପ୍ରୟୋଗ କରି ସମାନ ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ମୂଷାମାନଙ୍କୁ ନାଇଟ୍ରେଟ୍‌ଯୁକ୍ତ ମାଂସ ଖାଇବାକୁ ଦେବାରୁ ଦୁଇ ସପ୍ତାହ ଭିତରେ ସେମାନଙ୍କଠାରେ ଅତିଶୟ କ୍ରିୟାଶୀଳତା, ଅନିଦ୍ରା, ପାଗଳାମି ଆଦି ଦେଖିବାକୁ ମିଳିଥିଲା। ଏହି ମୂଷାମାନଙ୍କର ଖାଦ୍ୟନଳୀରେ ଥିବା ଅଣୁଜୀବଙ୍କଠାରେ ମଧ୍ୟ ପରିବର୍ତ୍ତନ ଦେଖାଯିବା ସହ ସେମାନଙ୍କ ମସ୍ତିଷ୍କର ପାଥ୍‌ୱେ (ପଥ)ରେ ମଧ୍ୟ ପରିବର୍ତ୍ତନ ଦେଖାଗଲା, ଯାହା ମଣିଷଙ୍କ ଦ୍ୱିଧ୍ରୁବୀୟ ବିଶୃଙ୍ଖଳା କ୍ଷେତ୍ରରେ ଘଟିଥାଏ। ଯେଉଁ ମୂଷାଙ୍କୁ ନାଇଟ୍ରେଟ୍‌ଯୁକ୍ତ ମାଂସ ଖାଇବାକୁ ଦିଆଯାଇ ନ ଥିଲା, ସେମାନଙ୍କଠାରେ ଏପରି ବିଶୃଙ୍ଖଳା ଦେଖିବାକୁ ମିଳି ନ ଥିଲା।

ଜିନୀୟ କାରଣ ଛଡ଼ା ମାନସିକ ସ୍ୱାସ୍ଥ୍ୟ ଲାଗି ଖାଦ୍ୟର ମଧ୍ୟ ଭୂମିକା ରହିଛି ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରିବାକୁ ଆରମ୍ଭ କରିଛନ୍ତି। ଜନ୍ ହପ୍‌କିନ୍ସ ଗବେଷକମାନଙ୍କ ମତରେ ପାଗଳାମି ଓ ଅନ୍ୟ ମସ୍ତିଷ୍କ ବିଭ୍ରାଟ ପାଇଁ ଖାଦ୍ୟନଳୀରେ ଥିବା ଅଣୁଜୀବମାନେ ଦାୟୀ ହୋଇପାରନ୍ତି। କାରଣ ସେମାନେ ଉଦର ପ୍ରଦାହ ସୃଷ୍ଟି କରନ୍ତି। ତେଣୁ ଯେଉଁମାନଙ୍କଠାରେ ଏଭଳି ପାଗଳାମି ଦେଖାଯାଉଛି, ସେମାନେ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ଗବେଷକମାନେ ମତ ଦେଇଛନ୍ତି।

ଖାଦ୍ୟରେ ନାଇଟ୍ରେଟ୍ ରହିଲେ ତାହା କ୍ୟାନ୍‌ସର ସୃଷ୍ଟି କରିପାରେ, ଯାହାର ଉଦର ପ୍ରଦାହ ସହ ସମ୍ବନ୍ଧ ଅଛି। ଅନ୍ୟ ଗବେଷଣାରୁ ମଧ୍ୟ ଜଣାପଡ଼ିଛି ଯେ, ପାଗଳାମିର ଲକ୍ଷଣ ଥିବା ଲୋକମାନଙ୍କ ଶରୀରରେ ପ୍ରଦାହ ଦେଖିବାକୁ ମିଳେ। ୟୋଲ୍‌କେନଙ୍କ ଦଳ ପୂର୍ବରୁ କରିଥିବା ଅନ୍ୟ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁ ମାନିଆ (ଉନ୍ମାଦ) ରୋଗୀମାନଙ୍କୁ ପ୍ରୋବାୟୋଟିକ୍ସ (ଉପକାରୀ ବୀଜାଣୁଯୁକ୍ତ ଔଷଧ) ଦିଆଯାଏ, ସେମାନେ ପୁନଶ୍ଚ ହସ୍ପିଟାଲ ଆସିବାର ଆବଶ୍ୟକତା ପଡ଼େ ନାହିଁ କାରଣ ଏହା ପେଟରେ ଥିବା ଅଣୁଜୀବଙ୍କ ଉପରେ ପ୍ରଭାବ ପକାଏ। ପେଟରେ ଥିବା ଅଣୁଜୀବ ମସ୍ତିଷ୍କକୁ ପ୍ରଭାବିତ କରୁଥିବାର ଦିନକୁ ଦିନ ନୂଆ ନୂଆ ପ୍ରମାଣ ମିଳିବାରେ ଲାଗିଛି ବୋଲି ୟୋଲ୍‌କେନ୍ ପ୍ରକାଶ କରିଛନ୍ତି। ୨୦୧୬ର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମାଇଗ୍ରେନ୍ ମୁଣ୍ଡବିନ୍ଧା ଥିବା ଲୋକଙ୍କ ପାକସ୍ଥଳୀରେ ନାଇଟ୍ରେଟ୍ ଅବଶୋଷଣ କରୁଥିବା ବୀଜାଣୁ ସଂଖ୍ୟା ଅଧିକ ଥାଏ। ନାଇଟ୍ରୋଜେନ୍ ଯୌଗିକ ହିଁ ପାକସ୍ଥଳୀରେ ଜୀବାଣୁଙ୍କୁ ପ୍ରଭାବିତ କରେ। ପରିବର୍ତ୍ତିତ ବୀଜାଣୁ ଅଧିକ ନାଇଟ୍ରେଟ୍ ହଜମ କରିବାରେ ସାହାଯ୍ୟ କରନ୍ତି। ତାହା ଅଧିକ ରକ୍ତ ଛାଣିବା କାମ କରିବାରୁ ମାଇଗ୍ରେନ୍ ମୁଣ୍ଡବିନ୍ଧା ହୋଇଥାଏ।

ଆଉ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦ୍ୱିଧ୍ରୁବୀୟ ସମସ୍ୟା ଥିବା ଲୋକମାନଙ୍କୁ ଆଣ୍ଟିବାୟୋଟିକ୍ସ ଦିଆଯିବାରୁ ସେମାନଙ୍କ ସମସ୍ୟାରେ ସୁଧାର ଆସିଛି। ଏହି ଆଣ୍ଟିବାୟୋଟିକ୍ସ ପେଟରେ ଥିବା ବୀଜାଣୁଙ୍କୁ ମାରିଦେବା ଫଳରେ ଏହା ସମ୍ଭବ ହୋଇଛି। ଏଥିରୁ ମାନସିକ ସ୍ୱାସ୍ଥ୍ୟ ସହ ଯେ ବୀଜାଣୁମାନଙ୍କର ସମ୍ପର୍କ ଅଛି ତାହା ପ୍ରମାଣିତ ହୋଇଛି।

ଜନ୍ସ ହପ୍‌କିନ୍ସ ବୈଜ୍ଞାନକ ଗବେଷଣାରୁ ଯାହା ପ୍ରମାଣ କରିଛନ୍ତି, ତାହା ମାତାପିତାମାନେ ସ୍ୱାଭାବିକ ଭାବେ ଜାଣିପାରନ୍ତି। ପିଲାଙ୍କୁ ସେମାନେ ଦେଉଥିବା ଖାଦ୍ୟ ପିଲାଙ୍କ ମନୋଭାବରେ ପରିବର୍ତ୍ତନ ଆଣୁଥିବା ସେମାନେ ଜାଣିଥାନ୍ତି। ପିଲାମାନଙ୍କୁ ଅଧିକ ମିଠା ଖାଇବାକୁ ଦେଲେ ସେମାନଙ୍କଠାରେ ମାତ୍ରାଧିକ ସକ୍ରିୟତା, ମାନ୍ଦାପଣ ଓ ଶୋଇବାରେ ସମସ୍ୟା ଦେଖାଯାଏ। କ୍ଷୀର ବା କ୍ଷୀରଜାତ ଖାଦ୍ୟ ଖାଇବାକୁ ଦେଲେ ପିଲାଙ୍କଠାରେ ଚିଡ଼ିଚିଡ଼ା, ବିରକ୍ତି ଓ ଆକ୍ରମଣାତ୍ମକ ଭାବ ଦେଖିବାକୁ ମିଳିପାରେ। କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ପିଲାଙ୍କଠାରେ ଏଡିଏଚ୍‌ଡି (ବ୍ୟବହାରଗତ ବିଶୃଙ୍ଖଳା), ଉଦ୍‌ବେଗ, ଅଧିକ ସକ୍ରିୟତା ଓ ମୁଣ୍ଡବିନ୍ଧା ସୃଷ୍ଟି କରିଥାଏ। ମିଠାରେ ବିଭିନ୍ନ ପ୍ରକାର ରଙ୍ଗ ଦିଆଯାଏ। ମାଆବାପାମାନେ ଭାବନ୍ତି ଯେ ମିଠା ଖାଇବା ଯୋଗୁ ପିଲାଠାରେ ଏପରି ଲକ୍ଷଣ ପ୍ରକାଶ ପାଉଛି। କିନ୍ତୁ ପ୍ରକୃତରେ ମିଠା ନୁହେଁ, କୃତ୍ରିମ ରଙ୍ଗ ହିଁ ଏହାର କାରଣ। ବିଭିନ୍ନ ପାଉଁରୁଟି ଓ ଦହିରେ ବି କୃତ୍ରିମ ରଙ୍ଗ ଛଦ୍ମରୂପରେ ଥାଏ, ଯାହା ଆମେ ଜାଣିପାରୁ ନାହିଁ। ପିଲାର ବ୍ୟବହାରଗତ ପରିବର୍ତ୍ତନ ପାଇଁ ଯଦି ଆପଣ ଚିନ୍ତିତ, ତା'ହେଲେ ତାକୁ ୟେଲୋ ନଂ ୫, ରେଡ୍ ନଂ ୪୦ ଓ ବ୍ଲୁ ନଂ ୧ ପରି ରଙ୍ଗଯୁକ୍ତ ଖାଦ୍ୟ ଦିଅନ୍ତୁ ନାହିଁ। ନାଇଟ୍ରେଟ୍, ନାଇଟ୍ରାଇଟ୍, ସୋଡିୟମ୍ ବେଞ୍ଜୋଏଟ୍ (ପିଲାଙ୍କ ଜୁସ୍‌ରେ ଥାଏ) ପିଲାମାନଙ୍କଠାରେ ବ୍ୟବହାରଗତ ପରିବର୍ତ୍ତନ ପାଇଁ ଦାୟୀ। ମନୋସୋଡିୟମ୍ ଗ୍ଲୁଟାମେଟ୍ (ଏମ୍‌ଏସ୍‌ଜି) ହେଉଛି ଏକ ପ୍ରକାର ସ୍ୱାଦ ବୃଦ୍ଧିକାରକ, ଯାହା ବ୍ୟବହାରଗତ ପରିବର୍ତ୍ତନ, ଅଧିକ ସକ୍ରିୟତା, ମୁଣ୍ଡବିନ୍ଧା ପ୍ରଭୃତି ସୃଷ୍ଟି କରିଥାଏ। ଯଦି ଆପଣ ନିଜ ପିଲାଙ୍କଠାରେ ବ୍ୟବହାର ଓ ମିଜାଜରେ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି, ତେବେ ଏକ ଫୁଡ୍ ଜର୍ନାଲ ପାଖରେ ରଖନ୍ତୁ। ପିଲାଙ୍କୁ କି କି ଖାଦ୍ୟ ଦେଉଛନ୍ତି ଓ ତାହା କି ପ୍ରଭାବ ପକାଉଛି ଲକ୍ଷ୍ୟ ରଖନ୍ତୁ। ମାନସିକ ରୋଗଠାରୁ ଦୂରରେ ରହିବାର ମୂଳ ସୂତ୍ର ହେଉଛି ରଙ୍ଗଯୁକ୍ତ ଖାଦ୍ୟ ଓ ପ୍ରକ୍ରିୟାକୃତ ମାଂସ ନ ଖାଇବା। ଆଦୌ ମାଂସ ନ ଖାଇବା ସବୁଠାରୁ ଭଲ।

Email: gandhim@nic.in

# ନାନା ଧର୍ମ, ନାନା ଦେଶରେ ବିନାୟକ



ବ୍ରହ୍ମାନନ୍ଦ ପଣ୍ଡା

ପୁରାଣ ମତରେ ଭାଦ୍ର କୃଷ୍ଣ ଚତୁର୍ଥୀରେ ଗଣେଶଙ୍କର ଜନ୍ମ ଏବଂ ଭାଦ୍ର ଶୁକ୍ଳ ଚତୁର୍ଥୀରେ ତାଙ୍କର ଗଜାନନ ରୂପରେ ଜୀବନ୍ୟାସ ହୋଇଥିଲା। ଏଥିପାଇଁ ମତାନ୍ତର ସହ ବିଭିନ୍ନ ସ୍ଥାନରେ ଭାଦ୍ର କୃଷ୍ଣ ଓ ଶୁକ୍ଳ ଚତୁର୍ଥୀରେ ଗଣେଶଙ୍କର ପୂଜା କରାଯାଏ। ଭିନ୍ନ ମତ ଅନୁସାରେ ମାଘ ଶୁକ୍ଳ ଚତୁର୍ଥୀରେ ମଧ୍ୟ ଗଣେଶ ପୂଜା କରାଯାଏ। ଗଣେଶଙ୍କ ଷୋଡ଼ଶ ଉପଚାର ପୂଜାରେ ଜଳ, ଦଧି, କୁଶ, ଦୂବ, ପୁଷ୍ପ, ଅକ୍ଷତ, କୁଙ୍କୁମ, ହଳଦିଆ ସୋରିଷ ଏବଂ ସୁପାରି ମିଶ୍ରଣ ଅର୍ଘ୍ୟ ରୂପେ ଦିଆଯାଏ। ପ୍ରିୟ ଦ୍ରବ୍ୟ ଦୂବ। ଗଣେଶ ସମସ୍ତ ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ କର୍ମରେ ବିଘ୍ନନାଶକ ଓ ସଂକଟ ମୋଚନକାରୀ ହୋଇଥିବାରୁ ପ୍ରତ୍ୟେକ ମାସ ଶୁକ୍ଳ ଚତୁର୍ଥୀରେ ମଧ୍ୟ ଗଣେଶ ପୂଜା କରାଯାଇଥାଏ, ଯାହାକୁ ବିନାୟକ ଚତୁର୍ଥୀ ବା ଗୌରୀଗଣେଶ ଚତୁର୍ଥୀ କୁହାଯାଏ।

ବିନାୟକଙ୍କ ବୃହତ୍ କର୍ଣ୍ଣ ଯୁଗଳ ଦ୍ୱାରା ସେ ବହୁତ ଶୁଣନ୍ତି ଏବଂ କମ୍ କୁହନ୍ତି। ସେଥିପାଇଁ କୁହାଯାଏ- Listener is gold, talker is silver. ହାତୀର ଆଖି ଛୋଟ। ଛୋଟ ଆଖିରେ ବିନାୟକ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖନ୍ତି।

ଏକଦା ଦେବତାମାନଙ୍କ ମଧ୍ୟରେ 'କିଏ ଅଗ୍ରପୂଜ୍ୟ' ହେବେ, ତା' ଉପରେ ବିତର୍କ ହେଲା। ସେଥିପାଇଁ ଦେବ ସେନାପତି କାର୍ତ୍ତିକେୟ ଓ ଗଣେଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଲା। ସର୍ତ୍ତ ଥିଲା, ଯିଏ ତିନିଥର ବିଶ୍ୱ ପରିକ୍ରମଣ କରି ଭଗବାନ ଶିବଙ୍କ ପାଖରେ ପ୍ରଥମେ ପହଞ୍ଚିବ, ସେ ହିଁ ଅଗ୍ରପୂଜ୍ୟ ହେବ। କାର୍ତ୍ତିକେୟ ତାଙ୍କ ମୟୂର ବାହନରେ ତିନିଥର ବିଶ୍ୱ ପରିକ୍ରମଣ କରି ଶିବଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବୁଦ୍ଧିମାନ ଗଣେଶ ତାଙ୍କ ମୂଷିକ ବାହନରେ ତିନିଥର ଜଗତର ପିତାମାତା ଶିବପାର୍ବତୀଙ୍କୁ ପରିକ୍ରମଣ କରିଥିଲେ। ଗଣେଶ ବିଜେତା ବୋଲି ଦାବି କରନ୍ତେ କ୍ରୋଧୀ କାର୍ତ୍ତିକେୟ ତାଙ୍କର ଏକ ଦାନ୍ତ ଭାଙ୍ଗି ଦେଇଥିଲେ। ମାତ୍ର ଧୀ ଓ ଧୈର୍ଯ୍ୟବନ୍ତ ଗଣେଶଙ୍କର ଯୁକ୍ତି ଥିଲା, ପିତାମାତା ବିଶ୍ୱ ବ୍ରହ୍ମାଣ୍ଡରେ ସବୁଠାରୁ ଶ୍ରେଷ୍ଠ। ବିଶ୍ୱ ବ୍ରହ୍ମାଣ୍ଡର ସବୁ ଦେବ ପିତା ଶିବଙ୍କର ଆଶ୍ରିତ। ପଦ୍ମ ପୁରାଣ ପ୍ରମାଣ ଦିଏ- ''ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ।'' ପିତାଙ୍କଠାରୁ ମାତା ଶତଗୁଣ ବଡ଼- 'ପିତୁଃ ଶତଗୁଣଂ ମାତା'। ପିତାମାତା ରୂପକ ବ୍ରହ୍ମାଣ୍ଡ ଚତୁଃପାର୍ଶ୍ୱରେ ତ୍ରିବାର ଘୂର୍ଣ୍ଣନ କରି ସେ ପ୍ରଥମେ ସର୍ତ୍ତ ପୂରଣ କରିଛନ୍ତି। ଶେଷରେ କାର୍ତ୍ତିକେୟଙ୍କର ଶକ୍ତି, ସାମର୍ଥ୍ୟ, ଗର୍ବ ଓ ଅହଂକାର ଉପରେ ଗଣେଶଙ୍କର ବିଦ୍ୟା, ବୁଦ୍ଧି, ଧୈର୍ଯ୍ୟ ଓ ପିତୃଭକ୍ତିର ବିଜୟ ହେଲା। ସମସ୍ତ ଦେବତା ଏକମତ ହୋଇ ଏକଦନ୍ତ ଗଣେଶଙ୍କୁ ଅଗ୍ରପୂଜ୍ୟ ଦେବତା ରୂପେ ଘୋଷଣା କଲେ।

ବିବାହାଦି ସମସ୍ତ ମାଙ୍ଗଳିକ କର୍ମରେ ପ୍ରଥମେ ବିଘ୍ନନାଶକ ଗଣେଶ ଓ ପରେ ଅନ୍ୟ ଦେବତାଙ୍କର ଆବାହନ ଓ ପୂଜା କରାଯାଏ। ମହାଲକ୍ଷ୍ମୀ ଆଦି ଅନ୍ୟ ଦେବଦେବୀଙ୍କ ପୂଜାରେ ମଧ୍ୟ ଗଣେଶଙ୍କୁ ଆବାହନ କରାଯାଏ। ଗଣେଶ ପ୍ରମାଣ କଲେ ଯେ, ବିଶ୍ୱବ୍ରହ୍ମାଣ୍ଡରେ ପିତାମାତା ହିଁ ସର୍ବଶ୍ରେଷ୍ଠ ଓ ପୂଜ୍ୟ। ଏଣୁ ସମସ୍ତ କର୍ମରେ ପିତୃପୁରୁଷଙ୍କ ଆଶୀର୍ବାଦ ପାଇବା ପାଇଁ ନାନ୍ଦିମୁଖୀ ଶ୍ରାଦ୍ଧ କରାଯାଏ। ତା'ପରେ ପିତାମାତାଙ୍କ ଆଶୀର୍ବାଦ ନେଇ ଶୁଭକର୍ମ ଆରମ୍ଭ ହୁଏ। ଶାସ୍ତ୍ରରେ ଅଛି- କଲୌ ଚଣ୍ଡିବିନାୟକୌ। ଅର୍ଥାତ୍ କଳିଯୁଗରେ ଚଣ୍ଡୀ ଓ ବିନାୟକ ଶ୍ରେଷ୍ଠ ଓ ଶୀଘ୍ର ଫଳଦାତା। ପ୍ରାୟ ସମସ୍ତ ମନ୍ତ୍ରରେ ଭଗବାନ ଗଣେଶଓଁ ରୂପରେ ପ୍ରଥମେ ବିଦ୍ୟମାନ।

ଗଣେଣ ମିଠା ବା ମୋଦକପ୍ରିୟ। ଆଧୁନିକ ଯୁଗରେ ତାହା ମଧୁମେହର କାରଣ। ମାତ୍ର ଗଣେଶ କଇଥ ଓ ଜାମୁକୋଳି ପ୍ରିୟ, ଯାହା ମଧୁମେହ ରୋଗର ଅବ୍ୟର୍ଥ ଔଷଧ। ଗଣେଶଙ୍କ ପ୍ରଣାମ ମନ୍ତ୍ରରେ ଅଛି- ''ଗଜାନନ ଭୂତଗଣାଦି ସେବିତମ୍ କପିତ୍‌ଥଜମ୍ବୁଫଳ ଚାରୁ ଭକ୍ଷଣମ୍, ଉମାସୁତଂ ଶୋକବିନାଶକାରକଂ ନମାମି ବିଘ୍ନେଶ୍ୱରପାଦପଙ୍କଜମ୍।'' ଗଣେଶଙ୍କର ବାହନ ମୂଷିକ ଅଜ୍ଞାନ, ଅନ୍ଧକାର ଓ ଅବିଦ୍ୟାର ସୂଚକ। ତା' ଉପରେ ଆରୋହଣ କରି ଗଣେଶ ଭକ୍ତଙ୍କର ଅଜ୍ଞାନ, ଅନ୍ଧକାର ଏବଂ ମାୟାମୋହରୂପକ ଅବିଦ୍ୟା ନାଶ କରନ୍ତି। ଗଣେଶ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ମମତା ଓ ଅହଂକାର ରୂପକ ଅଷ୍ଟ ଅସୁରଙ୍କୁ ଦମନ କରିଥିଲେ।

ଅଥର୍ବ ଶୀର୍ଷ ଓ ମୁଦ୍‌ଗଲ ପୁରାଣ ଅନୁସାରେ ଓଁ ସ୍ୱରୂପ ଭଗବାନ ଗଣେଶଙ୍କର ଚିହ୍ନ ଏପରି ଅଙ୍କିତ ହୁଏ ଯେ ପ୍ରତ୍ୟେକ ଦିଗରୁ ଦେଖିଲେ ଓଁ ଅକ୍ଷର ଦୃଶ୍ୟ ହୁଏ। ଏହାର ଅଙ୍କନ କ୍ଲିଷ୍ଟ ହୋଇଥିବାରୁ ଏଥିରୁ ସ୍ୱସ୍ତିକ୍ ଚିହ୍ନର ଉଦ୍ଭବ ହେଲା। ଜର୍ମାନ ଲୋକମାନେ ସ୍ୱସ୍ତିକ୍‌ରେ ଥିବା ବିନ୍ଦୁ ଲୋପ କରି ଆର୍ଯ୍ୟତ୍ୱର ପ୍ରତୀକ ଭାବେ ଗ୍ରହଣ କଲେ। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ସ୍ୱସ୍ତିକ୍‌ରୁ କ୍ରସ୍ ସୃଷ୍ଟି କଲେ। ଇସ୍‌ଲାମ ଧର୍ମାବଲମ୍ବୀମାନେ ଭାଲଚନ୍ଦ୍ର ରୂପେ ଗଣ୍ୟ ଗଣେଶଙ୍କ ମସ୍ତକରେ ଥିବା ଚନ୍ଦ୍ରକଳାକୁ ଧର୍ମର ପ୍ରତୀକ ଭାବରେ ଗ୍ରହଣ କରିନେଲେ। ବୌଦ୍ଧଧର୍ମର ମହାଜନ ପନ୍ଥଙ୍କ ଦ୍ୱାରା ଭାରତ ଓ ଭାରତ ବାହାରେ ବିନାୟକ ପୂଜାର ପ୍ରସାର ହେଲା। ନେପାଳରେ ବିନାୟକ ଓ ହେରମ୍ବ ରୂପରେ, ଚାଇନାରେ ବିନାୟକ ଓ କାଙ୍ଗିନେନ୍ ନାମରେ ଗଣେଶ ପୂଜା ହୁଏ। ମୁସଲମାନ ଦେଶ ଇଣ୍ଡୋନେସିଆର ମୁଦ୍ରାରେ ମଧ୍ୟ ବିନାୟକଙ୍କ ଛବି ସ୍ଥାନ ପାଇଛି। ଗଣଦେବତା ଗଣେଶଙ୍କ ପୂଜା ଗଣପୂଜା ଭାବରେ ବିଶ୍ୱବ୍ୟାପ୍ତ ହୋଇଛି। ହିନ୍ଦୁ ଧର୍ମରେ ଶାକ୍ତ ବୈଷ୍ଣବ, ସୌର, ଶୈବ ଓ ଗାଣପତ୍ୟ ପାଞ୍ଚ ଗୋଷ୍ଠୀ ଥିଲେ ବି ସିଦ୍ଧି ଓ ଋଦ୍ଧିଦାତା ଗଣେଶ ସର୍ବଜନ ପୂଜିତ। ମନୁଷ୍ୟ ଯେତେ ସଭ୍ୟ, ଶିକ୍ଷିତ, ଉନ୍ନତ, ବିକଶିତ ଓ ସଫଳ ମାର୍ଗରେ ଗତି କରୁଛି ତତୋଽଧିକ ବାଧା, ବିଘ୍ନ, ଆଧି ଓ ବ୍ୟାଧିର ସମ୍ମୁଖୀନ ହେଉଛି ଏବଂ ବିଘ୍ନନାଶକ, ଦୁଃଖଶୋକହାରକ ଗଣେଶଙ୍କ ପୂଜାର ମାହାତ୍ମ୍ୟ ସେତେ ବଢ଼ିଚାଲିଛି। ଗଣେଶ ପୂଜା ଜାତୀୟ ଐକ୍ୟ ଓ ସଂହତି ରକ୍ଷାକାରୀ ଏକ ଜାତୀୟ ପର୍ବର ମର୍ଯ୍ୟାଦା ହାସଲ କରିଛି।

୩ବି/୩୦୨, ଏସ୍‌ଆର୍ ରେସିଡେନ୍ସି, ଓରକଳ, ଭୁବନେଶ୍ୱର, ମୋ-୮୨୪୯୬୭୯୪୪

## ଏଇ ଭାରତରେ

ପରିସ୍ଥିତିରେ ପଡ଼ି ମଣିଷ କିପରି ଅପରାଧ କରେ ତାହା ମଧ୍ୟପ୍ରଦେଶ ଭୋପାଳ ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କଠାରୁ ଜଣାପଡ଼ିଛି। ଟେଲରିଂ କାମ କରୁଥିବା ଜଣେ ବ୍ୟକ୍ତି ପୋଲିସ ହାତରେ ଧରାପଡ଼ିବା ପରେ ତାଙ୍କର ଅପରାଧ କାର୍ଯ୍ୟକଳାପର ଲମ୍ବା ତାଲିକା ପ୍ରକାଶ ପାଇଛି। ପ୍ରଥମେ କିଛି ଟଙ୍କା ରୋଜଗାର କରିବା ଉଦ୍ଦେଶ୍ୟରେ ଅପରାଧ କାର୍ଯ୍ୟରେ ସାମିଲ ହୋଇଥିବା ଆଦେଶ ଖମ୍ବ୍ରା ନାମକ ଜଣେ ବ୍ୟକ୍ତି ପରେ ନିଜ ପୁଅର ଚିକିତ୍ସା ନିମନ୍ତେ ଏକାଧିକ ଅପରାଧରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ୨୦୧୦ରୁ ଇତିମଧ୍ୟରେ ଖମ୍ବ୍ରା ୩୦ଜଣ ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ହତ୍ୟା କରିଥିବା ନେଇ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ରାଜପଥରେ ଯାଉଥିବା ଟ୍ରକ୍ ଗୁଡ଼ିକୁ ବିଭିନ୍ନ ସ୍ଥାନରେ ଅଟକାଇ ପ୍ରଥମେ ଟ୍ରକ୍‌ର ଡ୍ରାଇଭର ଓ ହେଲ୍‌ପରଙ୍କ ସହ ବନ୍ଧୁତା ସ୍ଥାପନ କରିଥାନ୍ତି। ପରେ ସେମାନଙ୍କୁ ନିଶା ଦେଇ ନିଜର ସହଯୋଗୀଙ୍କ ସହ ମିଶି ଡ୍ରାଇଭର ଓ ହେଲ୍‌ପରଙ୍କୁ ଜଙ୍ଗଲ ମଧ୍ୟକୁ ନେଇ ସେଠାରେ ହତ୍ୟା କରି ପୋତି ଦେଉଥିଲେ। ପରେ ଟ୍ରକ୍ ଏବଂ ସେଥିରେ ଥିବା ଜିନିଷକୁ ଚୋରାରେ ବିକ୍ରି କରିଦେଉଥିଲେ। ଏଥିପାଇଁ ଖମ୍ବ୍ରାଙ୍କୁ ଥରକୁ ୫୦ହଜାର ଟଙ୍କା ଲେଖାଏ ମିଳୁଥିଲା। ନିକଟରେ ଏକ ଟ୍ରକ୍ ଲୁଟ୍ ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରି ପଚରାଉଚରା କରିବାବେଳେ ଉକ୍ତ ଲୁଟ୍‌ରେ ଖମ୍ବ୍ରାଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ପରେ ଖମ୍ବ୍ରାଙ୍କୁ ଗିରଫ କରିବା ପରେ ସମସ୍ତ କଥା ଜଣାପଡ଼ିଥିଲା। ପୁଅର ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ଥିବାରୁ ଅପରାଧ କରୁଥିଲେ ବୋଲି ବୋଲି ଖମ୍ବ୍ରା କହିଛନ୍ତି।

## ଚିରନ୍ତନୀ

ତୁମେ କପାଳେ ନ ଦିଅ କଳା ଅଭର ଗୋ
ଅଧରେ ନ ଦିଅ ରଜତ,
ଆଜି ପୁନିଅଁ ଚାନ୍ଦର ଦୋଳ ଉତ୍ସବେ
ମୁଁ ପରା ହୋଇଛି ଭକତ।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | 7 | | | | 5 | B | | D | | |
| | | 2 | | A | | 0 | | 5 | | 9 | | | | B |
| | | A | 3 | | B | | | | | | | | | E |
| | 3 | | | | | | C | | 1 | 8 | | | | |
| E | 1 | | | C | 5 | 6 | 8 | 7 | 3 | | | | | |
| | 2 | | 1 | B | | | | | | | | | | |
| | 0 | | | | | 7 | | | E | 2 | | | | |
| | | | | | 4 | 8 | | | A | | | | 0 | |
| B | D | 4 | C | 2 | 0 | A | | | 6 | 3 | | 1 | | |
| C | | | | 3 | | | | 4 | 0 | | | 6 | | 9 |
| 1 | E | | | 6 | | | | 8 | | | | | | |
| | | | | 9 | 1 | E | | | | 4 | | | | 6 |
| | | D | | | | 2 | 7 | | | E | | C | A | |
| 9 | 8 | | 7 | | | | 2 | | | | | 3 | | 5 |
| A | 0 | | 4 | | | | 3 | | | C | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

# ଚକ୍ରି ଦୋଳି



ବିଚିତ୍ର ବିଶ୍ୱାଳ

ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନର ବାସ୍ତବ ପରିଣତି ଓ ସରକାରଙ୍କ ଘୋଷଣା ଭିତରେ ଥିବା ଆକାଶପାତାଳ ପ୍ରଭେଦ ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ମାମେଲାକାଙ୍କ ଅଭିଜ୍ଞତାରୁ ଭଲଭାବେ ବୁଝି ହେବ। ସମ୍ପ୍ରତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ନରେଗା)କୁ ସବୁଠାରୁ ଅଧିକ ଫଳପ୍ରଦ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ଭାବେ ପରିଗଣିତ କରାଯାଉଥିବା ବେଳେ ତାହାର ବାସ୍ତବ ପରିସ୍ଥିତି ଯେତିକି ହାସ୍ୟାସ୍ପଦ ସେତିକି ଦୁର୍ଭାଗ୍ୟଜନକ। ବେକାରମାନଙ୍କ କର୍ମନିଯୁକ୍ତି କଥା ଉଠିବା ମାତ୍ରେ ସରକାରରେ ଥିବା ନେତା, ମନ୍ତ୍ରୀ ଓ ଅଫିସରମାନେ ସଙ୍ଗେ ସଙ୍ଗେ ନରେଗା ଯୋଜନାରେ କେତେକୋଟି ଟଙ୍କା ଖର୍ଚ୍ଚ ହେଉଛି, ସେ ହିସାବ ଦେବାକୁ ବାହାରି ପଡୁଛନ୍ତି। କିନ୍ତୁ ବାସ୍ତବ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ନରେଗା ଏବେ କେବଳ ଧନୀ ଜେସିବି ମାଲିକମାନଙ୍କୁ ହିଁ ରୋଜଗାର ଯୋଗାଇ ଦେଉଥିବା ବେଳେ ଗାଁର ଗରିବ ଲୋକମାନଙ୍କର ନାଁ ଓ ପାସ୍‌ବୁକ୍ ହିଁ କେବଳ ସେଥିପାଇଁ ବ୍ୟବହାର ହେଉଛି। ପରିସ୍ଥିତି ଏପରି ହୋଇଛି ଯେ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ନରେଗା ଜବ୍‌କାର୍ଡକୁ ଲୋକମାନେ ତିନିଶହ ଟଙ୍କାରେ ଠିକାଦାରକୁ ଦେଉଛନ୍ତି। ଲୋକମାନେ ଭାବୁଛନ୍ତି କିଛି ନ ମିଳିବା ଅପେକ୍ଷା ତିନିଶହ ଟଙ୍କା ମିଳିଯିବା ଭଲ। ମେଶିନ୍‌ରେ ହେଉଥିବା କାର୍ଯ୍ୟକୁ ଠିକାଦାର ଲୋକମାନଙ୍କ ଜବ୍‌କାର୍ଡରେ ଚଢ଼ାଉଛି। ବ୍ୟାଙ୍କ୍‌ରେ ଟଙ୍କା ଜମା ହେବା ପରେ ଠିକାଦାର ଉପସ୍ଥିତିରେ ଲୋକମାନେ ଟଙ୍କା ଉଠାଉଛନ୍ତି ଓ ଠିକାଦାର ସେମାନଙ୍କୁ ଜବ୍‌କାର୍ଡ ପିଛା ତିନିଶହ ଟଙ୍କା ଦେଇ ବାକି ଟଙ୍କା ନିଜେ ନେଉଛି। ଏକଥା ପ୍ରଶାସନିକ ଅଧିକାରୀଙ୍କୁ ଜଣା ନ ଥାଇପାରେ। ସମ୍ପ୍ରତି ଦ୍ରୁତଗତିରେ ଲୋକମାନେ ନରେଗା କାମରୁ ମୁହଁ ଫେରାଉଛନ୍ତି। କାରଣ ନରେଗା, ସ୍ଥାନୀୟ ଭାଷାରେ ଯାହାକୁ କୁଲିକାମ କୁହାଯାଉଛି, ତା'ର ମଜୁରି ପାଇବା ପାଇଁ ଲୋକମାନଙ୍କୁ ୬ ମାସରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ଅନେକ ସମୟରେ ଏହା ବର୍ଷକରୁ ମଧ୍ୟ ଗଡ଼ି ଯାଉଛି। ଏପରି ପରିସ୍ଥିତିରେ ଲୋକମାନେ ଏଭଳି ସରକାରୀ କାମକୁ ଯିବା ଅପେକ୍ଷା କମ୍ ମଜୁରିରେ ସାହୁକାର କାମକୁ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ବିଷମକଟକ ବ୍ଲକ୍‌ର ତାଡ଼ ଗ୍ରାମର ମାମେଲାକାଙ୍କ କୁଲିକାମକୁ ନେଇ ଅଙ୍ଗେନିଭା ଅନୁଭୂତି ସରକାରଙ୍କ ନରେଗା ଯୋଜନାର ଅସଲ ଚେହେରାକୁ ପରିପ୍ରକାଶ କରୁଛି।

ଜବ୍‌କାର୍ଡ ପାଇବାର ପ୍ରାୟ ଦୁଇବର୍ଷ ପରେ ପ୍ରଥମ କରି କାମ ମିଳିଲା ମାମେଲାକାଙ୍କୁ। ତା' ସହିତ ତାଙ୍କ ଗାଁର ଆହୁରି ପଚିଶ ତିରିଶ ଜଣ ବି ସେହି କାମରେ ଲାଗିଲେ। କାମ ସରିବାର ପ୍ରାୟ ଚାରିମାସ ପରେ ବି ମାମେଲାକା ଓ ଅନ୍ୟ ଲୋକମାନଙ୍କୁ ମଜୁରି ମିଳିଲା ନାହିଁ। ଗରିବ ଆଦିବାସୀ ଲୋକ। ବଞ୍ଚିବା ପାଇଁ ସଞ୍ଜ ବେଳକୁ ମଜୁରି ଦରକାର। ନ ହେଲେ ଖାଇବେ କ'ଣ ? ଚାରିମାସ ଧରି ମଜୁରି ନ ମିଳିଲେ ସେମାନେ ବଞ୍ଚିବେ କେମିତି! ଫଳରେ ବାଧ୍ୟ ହୋଇ ମାମେଲାକା ସରପଞ୍ଚ ବାବୁଙ୍କ ପାଖରେ ପହଞ୍ଚିଲେ। ବିଚରା ସରପଞ୍ଚ ବା କରିବେ କ'ଣ! ମାମେଲାକା ଓ ଅନ୍ୟ ଲୋକମାନଙ୍କର ବ୍ୟସ୍ତତାକୁ ଦେଖି ସରପଞ୍ଚ କହିଲେ, ମୁଁ କ'ଣ କରିବି, ବ୍ଲକ୍ ଅଫିସ୍ ଯାଇ ବିଡିଓଙ୍କୁ ଦେଖା କର।

ଦୀର୍ଘ ତିରିଶ କିଲୋମିଟର ବାଟ ବ୍ଲକ୍ ଅଫିସ। ଦି ତିନି ଥର ବ୍ଲକ୍‌କୁ ଯିବା ପରେ ମାମେଲାକା ବିଡିଓଙ୍କ ଭେଟ ପାଇଲେ। ବିଡିଓ ସବୁ ଶୁଣିଲେ ଓ ତା'ପରେ କହିଲେ, କମ୍ପ୍ୟୁଟର ରୁମ୍‌ରେ ବସିଥିବା ବାବୁଙ୍କ ପାଖକୁ ଯାଇ କୁହ। ମାମେଲାକା କାକୁତି ମିନତି ମୁଦ୍ରାରେ ହାତଯୋଡ଼ି କମ୍ପ୍ୟୁଟର ବାବୁଙ୍କ ଆଗରେ ଡରିମରି ଠିଆ ହେଲେ। ମାଉସ୍ ଉପରେ ଆଙ୍ଗୁଠି ଗଡ଼େଇ ଗଡ଼େଇ ପ୍ରାୟ ପାଞ୍ଚ ମିନିଟ୍ ପରେ କମ୍ପ୍ୟୁଟର ବାବୁ ଚାହିଁଲେ ମାମେଲାକା ଆଡ଼କୁ। ତା'ପରେ କହିଲେ, ଏଠି କ'ଣ ମଜୁରି ମିଳିବ! କ୍ୟାଶିୟର୍ ବାବୁଙ୍କୁ ପଚାର।

ସେହିପରି ତିନି ଚାରି ଥର ଯିବା ପରେ ଅନେକ ଚେଷ୍ଟା କରି ମାମେଲାକା ଭେଟିଲେ କ୍ୟାଶିୟର ବାବୁଙ୍କୁ। ସେ କେତେଗୁଡ଼ାଏ କାଗଜପତ୍ର ଦେଖି କହିଲେ ମଜୁରି ଟଙ୍କା ତ ବ୍ୟାଙ୍କ୍ ଖାତାରେ ଡିପୋଜିଟ୍ ହୋଇଯାଇଛି। ବ୍ୟାଙ୍କ୍‌କୁ ଯାଅ। ମାମେଲାକା ଓ ତା' ସହିତ ଯାଇଥିବା ଗାଁର ଅନ୍ୟ ଲୋକମାନେ ଦୌଡ଼ିଲେ ବ୍ୟାଙ୍କ୍‌କୁ। ବ୍ୟାଙ୍କ୍‌ରେ ଲମ୍ବା ଲାଇନ୍ ଟପି ତାଙ୍କ ପାଳି ଆସିବା ପରେ ବ୍ୟାଙ୍କ୍ ଅଫିସର ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ଲୋକମାନଙ୍କୁ ଓ କହିଲେ, ଟଙ୍କା ତ ଖାତାକୁ ଆସିନି। ମୁଁ କେଉଁଠୁ ଦେବି! ସରପଞ୍ଚଙ୍କୁ ଦେଖା କର। ସାଥୀ ଓ ଅନ୍ୟମାନେ ମୁଣ୍ଡରେ ହାତ ଦେଇଦେଲେ ଓ ମନ ଦୁଃଖରେ ଘରକୁ ଫେରିଲେ।

ମଜୁରି ନ ମିଳିଲେ ବଞ୍ଚିବେ କେମିତି! ଫଳରେ ମାମେଲାକା ଓ ଗାଁର ଅନ୍ୟଲୋକମାନେ ତା' ପରଦିନ ପୁଣି ଥରେ ସରପଞ୍ଚଙ୍କ ପାଖକୁ ଗଲେ। ସରପଞ୍ଚ ପୂର୍ବ ପରି ନିରାଶବାଣୀ ଶୁଣାଇଲେ ଓ କହିଲେ ବିଡିଓଙ୍କୁ ଭେଟ। ମାମେଲାକା ଓ ଅନ୍ୟମାନେ ବିଡିଓଙ୍କୁ ଭେଟିଲେ। ପୁଣି ବିଡିଓ କହିଲେ, କମ୍ପ୍ୟୁଟର ବାବୁଙ୍କ ପାଖକୁ ଯାଅ...।

କୁଲି ମଜୁରି ପାଇଁ ମାମେଲାକା ଓ ଗାଁର ଅନ୍ୟ ଲୋକମାନେ ଏମିତି ଏ ଅଫିସ୍ ସେ ଅଫିସ୍ ହୋଇ ଚକ୍ରି ଦୋଳିରେ ବୁଲୁଥିବା ବେଳେ, ରାଜ୍ୟ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସଫଳ ପ୍ରଣୟନ ପାଇଁ କେନ୍ଦ୍ର ସରକାରଙ୍କଠାରୁ ସାବାସି ପାଉଥିଲେ। ଅଞ୍ଚଳରେ ଜେସିବିର ସଂଖ୍ୟା ବଢୁଥିଲା। ବିଚରା ଗରିବ ଆଦିବାସୀମାନେ ଆଉ ସରକାରୀ କାମକୁ ଯିବେନି ବୋଲି ନିଷ୍ପତ୍ତି ନେଲେ। ଏହା ବି ପରୋକ୍ଷରେ ଠିକାଦାରମାନଙ୍କ ପାଇଁ ଲାଭଦାୟକ ହେଲା। ଲୋକମାନେ ଆଉ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକୁ ନ ଗଲେ ବି ଏହାର ପ୍ରଭାବ ସରକାରଙ୍କ ଉପରେ ପଡୁ ନ ଥିଲା। କାରଣ ଯୋଜନାର ଟଙ୍କା ଠିକ୍‌ଠାକ୍ ଖର୍ଚ୍ଚ ହେଉଥିଲା। ଅବଶ୍ୟ ତାହା ଲୋକଙ୍କ ପାଖକୁ ଯାଉଥିଲା କି ଯାଉ ନ ଥିଲା, ତାହା ଭିନ୍ନ ପ୍ରସଙ୍ଗ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ସର୍ବକ୍ଷମା ଯୋଜନା କାହା ସ୍ୱାର୍ଥରେ

ମହାଶୟ,

ଓଡ଼ିଶା ସରକାର ଜବରଦଖଲକାରୀଙ୍କ ନାମରେ ସ୍ଥାୟୀ ରେକର୍ଡ କରାଇବା ପାଇଁ ସର୍ବକ୍ଷମା ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ପ୍ରଭାବଶାଳୀ, ଧନୀ ଶ୍ରେଣୀର ଲୋକେ ଏଥିରୁ ଅଧିକ ଲାଭ ପାଇବେ। ସରକାରୀ ଜାଗା, ମଠ ମନ୍ଦିର, ଧର୍ମଶାଳା ଆଦିର ଜାଗା ଦଖଲ କରି ନିଜ ନାମରେ ରେକର୍ଡ କରାଇବା ଦେଶଦ୍ରୋହୀ କାର୍ଯ୍ୟ, ଏଥିରେ ଆଦୌ କ୍ଷମା ଦେବା ଅନୁଚିତ। ଯଦି ସର୍ବକ୍ଷମା ନାମରେ ସାରା ରାଜ୍ୟର ମୂଲ୍ୟବାନ ଜମି, ଜାଗା ବାଣ୍ଟି ଦିଆଯାଏ, ତେବେ ଏହାଠାରୁ ବଳି ଜଘନ୍ୟ ଅପରାଧ କିଛି ନାହିଁ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### କଠୋର ଦଣ୍ଡ ଦିଆଯାଉ

ପ୍ରତ୍ୟହ ଗଣମାଧ୍ୟମରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ନେଇ ଅନେକ ସରକାରୀ ଚାକିରିଆଙ୍କ କୁଶଳୀ କାରନାମା ପ୍ରକାଶିତ ହେଉଛି। ବିଗତ ଦିନରେ ବହୁ ପ୍ରତିଷ୍ଠିତ ନେତା ଓ ଅଫିସର ଭିଜିଲାନ୍ସ ଜାଲରେ ଫସି ଜେଲ୍‌ଖାନାରେ ଦିନ ବିତାଉଥିବାର ନଜିର ଅଛି। ବଡ଼ ବଡ଼ ଧଳାହାତୀଙ୍କ କଥା ଛାଡ଼, କିଛିଦିନ ତଳେ ଜଣେ ସାଧାରଣ କନଷ୍ଟେବଲଙ୍କ ଘରୁ ଆୟବହିର୍ଭୂତ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହେବା ଅତି ଆଶ୍ଚର୍ଯ୍ୟର କଥା। ଆଉ ଏକ ଖବରରେ ଛତ୍ରପୁର ତହସିଲଦାର ବିଜୟ କେତନ ସାହୁ ଏବଂ ତାଙ୍କ ସ୍ତ୍ରୀ ଓପେପାର ଆକାଉଣ୍ଟ୍ସ ଅଫିସର ନଳିନୀ ପୃଷ୍ଟିଙ୍କଠାରୁ ଭିଜିଲାନ୍ସ ଦ୍ୱାରା ପ୍ରାୟ ସାଢ଼େ ଛଅକୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆୟବହିର୍ଭୂତ ସମ୍ପତ୍ତି ଜବତ ହେବା ଅତ୍ୟନ୍ତ ଲଜ୍ଜାର ବିଷୟ। ଏଭଳି ଆର୍ଥିକ ଅପରାଧୀଙ୍କ ପାଇଁ ବହିଷ୍କାର ସହ ଜେଲଦଣ୍ଡ ଏବଂ ଜବତ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରାଯିବା ବୋଧେ କମ୍ ଦଣ୍ଡ ହେବ।

କାଶୀନାଥ ଦାସ,
ଖଣ୍ଡପଡ଼ା ଗଡ଼, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭ ପାଇଁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୩ ସେପ୍ଟେମ୍ବର ୧୯୯୩

- ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜଣେ ବରିଷ୍ଠ କଂଗ୍ରେସ(ଇ) ନେତା ହିତେନ୍ଦ୍ର ଦେଶାଇଙ୍କ ପରଲୋକ।
- ଓଡ଼ିଶା ସମେତ ୮ଟି ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନିନ କରିବା ନିମନ୍ତେ ଚଳିତବର୍ଷ ନୂଆ କାର୍ଯ୍ୟକ୍ରମ ଆରମ୍ଭ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ଖଲ୍ଲିକୋଟ,୧୨।୯(ଡି.ଏନ୍.ଏ.):** ଖଲ୍ଲିକୋଟ ବ୍ଲକ ମହେଶ୍ୱରପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ହେଲେ ମନ୍ଦ ସ୍ୱାଇଁ (୭୦)। ମହିଳା ଘର ବାରିପଟରୁ ଗାଈ ପାଇଁ ଘାସ ଆଣୁଥିବାବେଳେ ଏକ ବିଶାକ୍ତ ସାପ କାମୁଡ଼ିବାରୁ ପରିବାର ଲୋକ ତାଙ୍କୁ ଖଲ୍ଲିକୋଟ ଡାକ୍ତରଖାନା ଆଣିଥିଲେ। ସେଠାରେ ଚିକିତ୍ସା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ମୃତ ଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଜଣାପଡ଼ିଛି।

### ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ଧାରଣା

**ରାଇକିଆ,୧୨।୯(ଡ଼ି.ଏନ.ଏ):** ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ନିଷ୍ପତ୍ତିକ୍ରମେ ବୁଧବାର ରାଇକିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ଧାରଣାରେ ବସିଥିଲେ । ପରେ ୭ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ। ଦୁର୍ଗା ପ୍ରସାଦ ପଣ୍ଡା, ମିଟୁ ସ୍ୱାଇଁ, ସୁକାନ୍ତ ନାୟକ, ବିଶ୍ୱବିହାରୀ ଦଳେଇ, ମଞ୍ଜୁଳା ସାହୁ, ସନ୍ତୋଷ ନାୟକ, ଦୟା ବେହେରା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ ।

### ସଂସ୍କାରବାଦୀର ସାଧାରଣ ବୈଠକ

**ବ୍ରହ୍ମପୁର ଅଫିସ,୧୨।୯:** ସାମାଜିକ ସଂଗଠନ ସଂସ୍କାରବାଦୀର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ବୃନ୍ଦାବନ ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଗଠନ ପକ୍ଷରୁ ପୂର୍ବରୁ ହୋଇ ଆସୁଥିବା ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପୂର୍ବତନ ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ବିଭିନ୍ନ ଆନ୍ଦୋଳନକୁ ବଳବତ୍ତର ରଖାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । କେସି ହାଇସ୍କୁଲ, କେସି ଗାର୍ଲସ ଓ କେସି ଟାଉନ ହାଇସ୍କୁଲକୁ ସରକାରୀ କରଣ ଏବଂ କେସି ହାଇସ୍କୁଲରୁ ବେଆଇନ ଭାବେ ଚାଲୁଥିବା ବେସରକାରୀ ଇଂଲିଶ ମାଧ୍ୟମ ସ୍କୁଲକୁ ତୁରନ୍ତ ସ୍ଥାନାନ୍ତର କରାଯିବା ନେଇ ପୁଣି ଆନ୍ଦୋଳନ କରାଯିବାକୁ ସ୍ଥିର କରାଯାଇଥିଲା । ବ୍ରହ୍ମପୁରରୁ ପୁରୀ ସିଧାସଳଖ ପାସେଞ୍ଜର ଟ୍ରେନ ଚଳାଚଳ କରିବା ଓ ପ୍ରତ୍ୟେକ ପାସେଞ୍ଜର, ଏକ୍ସପ୍ରେସ ଟ୍ରେନର ଜେନେରାଲ ବଗିରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସିଟ ସଂରକ୍ଷିତ କରିବା ପ୍ରତିବାଦରେ ଆସନ୍ତା ୧୭ ତାରିଖରେ ବ୍ରହ୍ମପୁର ରେଳଷ୍ଟେସନ ପ୍ରବନ୍ଧକଙ୍କ ଜରିଆରେ ଖୋର୍ଦ୍ଧା ଡିଆରଏମ୍‌ଙ୍କୁ ଏବଂ ବ୍ରହ୍ମପୁର ସହରର ଟ୍ରାଫିକ ସମସ୍ୟା ଦୂରୀକରଣ ପାଇଁ ରାସ୍ତା ଉପରୁ ଗୋରୁଙ୍କୁ ହଟାଇବା ସହ କାଞ୍ଜିଆହୁଦା ନିର୍ମାଣ ଓ କୁକୁରଙ୍କ ସଂଖ୍ୟା ହ୍ରାସ ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ବିଏମ୍‌ସି କମିଶନରଙ୍କୁ ୨୧ ତାରିଖରେ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିଲା । ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କ ମେରି ରାଜ୍ୟ ଶାସନ ବିରୋଧରେ ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ ଓ ଡିପିଆରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତାବ ରଖାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ଉପସଭାପତି ସଞ୍ଜୟ କୁମାର ମାଝି, ସମ୍ପାଦକ ତରୁଣ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ବେହେରାଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଆରମ୍ଭରୁ କଂଗ୍ରେସ ଦୁଇଫାଳ

#### ଛାତ୍ର, ଯୁବ ନେତାଙ୍କୁ ପ୍ରାଧାନ୍ୟ ନାହିଁ

**ଫୁଲବାଣୀ ଅଫିସ, ୧୨।୯:** କନ୍ଧମାଳ ଜିଲାର କଂଗ୍ରେସର ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବୁଧବାର ରାଫେଲ(ଯୁଦ୍ଧ ବିମାନ) ଦୁର୍ନୀତିକୁ ନେଇ କଂଗ୍ରେସ ଯେଉଁ ଆନ୍ଦୋଳନ କରିଛି ତାହା ପ୍ରଭାବଶୂନ୍ୟ ପରିଲକ୍ଷିତ ହୋଇଛି । ବାଲିଗୁଡା ଏବଂ ଫୁଲବାଣୀ ଅଞ୍ଚଳର ଯେଉଁ କେତେଜଣଙ୍କୁ ନେଇ ଶୋଭାଯାତ୍ରା କରାଯାଇଥିଲା ତାହାକୁ ନେଇ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଛାତ୍ର ଏବଂ ଯୁବ ନେତାଙ୍କୁ ପ୍ରାଧାନ୍ୟ ଦିଆଯାଇନାହିଁ। ସେମାନଙ୍କୁ ଶୋଭାଯାତ୍ରାକୁ ଡକା ଯାଇନାହିଁ । ୨ ଜଣ ପୂର୍ବତନ ଏମ୍‌ପିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବୁଧବାର ରାଲି କରାଯାଇଥିଲା । ଜଣେ କନ୍ଧମାଳର ପୂର୍ବତନ କଂଗ୍ରେସ ଏମ୍‌ପି ଥିବା ବେଳେ ଅନ୍ୟ ଜଣେ ନବରଙ୍ଗପୁର ପୂର୍ବତନ କଂଗ୍ରେସ ଏମ୍‌ପି । କିଛିଦିନ ପୂର୍ବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଫୁଲବାଣୀକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସି ଦଳୀୟ ସଭା କରିବା ସହ ସର୍କିଟ ହାଉସରେ ଖବରଦାତା ସମ୍ମିଳନୀ କରିଥିଲେ । ଏଥିରେ ରାଫେଲ ଦୁର୍ନୀତି ନେଇ ତଥ୍ୟ ରଖାଯାଇଥିଲା । ପୁଣି ବୁଧବାର ରାଫେଲ ଦୁର୍ନୀତିକୁ ନେଇ କେତେକ ପୂର୍ବତନ ନେତା ସହରରେ ଆନ୍ଦୋଳନ କରିଛନ୍ତି। ବାଲିଗୁଡା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ପୁଅଙ୍କୁ ଜିଲାରେ ନେତା କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି ବୋଲି ନାମ ଗୋପନ ରଖି ଜଣେ ଛାତ୍ର ନେତା କହିଛନ୍ତି।

# ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି

**ଖଜୁରିପଡା,୧୨।୯(ଡି.ଏନ୍.ଏ.)**



ମଞ୍ଚାସୀନ ଅତିଥିବୃନ୍ଦ।

ଖଜୁରିପଡା ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀ ଓ ବିଜୁ ପଟ୍ଟନାୟକଙ୍କ ଫଟୋ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଖଜୁରିପଡା ବ୍ଲକର ୧୪ ପଞ୍ଚାୟତ ଯଥା, ଖଜୁରିପଡା, ଦୁତୀପଡା, ଦଳପଡା, ଦୂତିମେଣ୍ଡି, ଆର୍. ନୂଆଗାଁ, ଅରପାଜୁ, ପିରିକୁଡି, ଚିତ୍ରାପଙ୍କା, ଗୁଦାରୀ, ସୁଦ୍ରେଜୁ, ସୁଡୁକୁମ୍ପା, ବିଲାବାଡି, ଅତାସିପଡା, ବଲସକୁମ୍ପା ଆଦି ପଞ୍ଚାୟତର ବିଭିନ୍ନ ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। କାମ କରିଥିବା ଜବ୍‌କାର୍ଡ ହିତାଧିକାରୀଙ୍କ ମଜୁରୀ ଅର୍ଥ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବାରେ ବିଳମ୍ବ କଲେ ଓ ଆବାସ ଯୋଜନାର ପାସ୍‌ବୁକ୍ ଆକାଉଣ୍ଟକୁ ଟଙ୍କା ପଠାଇବାକୁ ବିଳମ୍ବ କଲେ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପ୍ରତି ବିଶେଷ କରି ଲାଇନ୍ ଡିପାର୍ଟମେଣ୍ଟ ଅଧିକ ଗୁରୁତ୍ୱ ଦେବେ, କାରଣ ଲାଇନ ଡିପାର୍ଟମେଣ୍ଟ ବିରୋଧରେ ଅଧିକ ଅଭିଯୋଗ ଆସୁଛି ବୋଲି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବାରିକ ଉପସ୍ଥିତ ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ରବିନାରାୟଣ ଜେଠୀ, ଅଧ୍ୟକ୍ଷ ବିରେନ୍ଦ୍ର କୁମାର କହଁର, ଉପାଧ୍ୟକ୍ଷ ସୌଦାମିନୀ କହଁର, ଜିଲା ସାମାଜିକ ସମୀକ୍ଷକ ଦୁଃଶାସନ ସିଂ, ସହକାରୀ ଯନ୍ତ୍ରୀ ଶିଦ୍ଧାର୍ଥଶେଖର, ଆସିଷ୍ଟାଣ୍ଟ ପ୍ରୋଗ୍ରାମ୍ ଅଫିସର ନବନିତା ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା, ଅନୁରାଧା ସାହୁ ଓ ସମସ୍ତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ସାମାଜିକ ସମୀକ୍ଷାର କମିଟି ସଦସ୍ୟ ଓ ଅନ୍ୟାନ୍ୟ ଜନସାଧାରଣ ଉପସ୍ଥିତ ଥିଲେ।

# ମୃତ ଅଣ୍ଡିରା କୃଷ୍ଣସାର ଉଦ୍ଧାର


ମୃତ କୃଷ୍ଣସାର ମୃଗ।

**ଆସିକା,୧୨।୯(ଡି.ଏନ୍.ଏ.)**

ଆସିକା ବନାଞ୍ଚଳର ଭେଟନଇ ନିକଟସ୍ଥ ଜଗତି ପଡିଆରୁ ବୁଧବାର ଅପରାହ୍ନରେ ଗୋଟିଏ ଅଣ୍ଡିରା କୃଷ୍ଣସାର ମୃଗର ମୃତଦେହ ଉଦ୍ଧାର କରାଯାଇଛି । ୩ ଫୁଟ ଲମ୍ବ ଅଢେଇ ଫୁଟ ଉଚ୍ଚତା ଏହି କୃଷ୍ଣସାରର ବୟସ ୮/୯ ବର୍ଷ ହେବ ବୋଲି ଅନୁମାନ କରାଯାଇଛି । ବନ ବିଭାଗ ଖବର ପାଇ ମୃତ କୃଷ୍ଣସାରକୁ ଆଣି ଆସିକା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିଛି। ମୁଣ୍ଡରେ ଶକ୍ତ ଆଘାତ ଯୋଗୁ ମସ୍ତିଷ୍କରେ ରକ୍ତଜମାଟ ବାନ୍ଧି ତାର ମୃତ୍ୟୁ ଘଟିଥିବା ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରଭାତ କୁମାର ପରିଡା ପ୍ରକାଶ କରିଛନ୍ତି। ଗତ ୪ ତାରିଖ ଦିନ ଏହି ଜଗତି ପଡିଆରୁ ଏକାଦିନରେ ତିନୋଟି କୃଷ୍ଣସାର ମୃଗଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା। ଚଳିତ ମାସର ୧ ତାରିଖ ଠାରୁ ଅଦ୍ୟାବଧି ୭ଟି କୃଷ୍ଣସାରଙ୍କ ମୃତ୍ୟୁ ଘଟିଲାଣି।


**IndianOil**

ମାର୍କେଟିଙ୍ଗ୍ ଡ଼ିଭିଜନ - ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ

**ପେଟ୍ରୋଲିୟମ ଷ୍ଟୋରେଜ ଟର୍ମିନାଲର ସ୍ଥାପନ ନିମନ୍ତେ ଜମିର ପ୍ରୟୋଜନ**
**ପ୍ରସ୍ତାବର ଅଭିବ୍ୟକ୍ତି (EOI)**

ପେଟ୍ରୋଲିୟମ ଷ୍ଟୋରେଜ ଟର୍ମିନାଲର ସ୍ଥାପନ ନିମନ୍ତେ ଆଗ୍ରହୀ ବ୍ୟକ୍ତି/ବ୍ୟକ୍ତିମାନଙ୍କର ଦଳ/ସରକାରୀ/ବେସରକାରୀ ସଂସ୍ଥା/ଇଣ୍ଡଷ୍ଟ୍ରିଆଲ ପାର୍କ ଡେଭେଲପର ଗଣ/ସଂସ୍ଥା/ଟ୍ରଷ୍ଟ ଇତ୍ୟାଦିଙ୍କ ଠାରୁ ଜଉ ମୁଦା ପ୍ରସ୍ତାବ ଆହ୍ୱାନ କରାଯାଉଅଛି ।

ପ୍ରସ୍ତାବିତ ଜମିକୁ, ଏହି ବିଜ୍ଞାପନ ପ୍ରକାଶନ ତାରିଖ ପୂର୍ବରୁ ହସ୍ତାନ୍ତର ନିମନ୍ତେ ସ୍ୱଚ୍ଛ ମାଲିକାନାର ସ୍ୱତ୍ୱାଧିକାର ସହିତ ସଂମ୍ପୂର୍ଣ୍ଣ ବିକ୍ରୟଯୋଗ୍ୟ/ଦୀର୍ଘ ମିଆଦି ଲିଜ୍/ ଉପ ଲିଜ୍(ଅତିକମ୍‌ରେ ୫୦ ବର୍ଷ) ଆଧାରରେ, ଇଣ୍ଡିଆନ ଅଏଲ କର୍ପୋରେସନଙ୍କୁ ପୁନଃ-ନବୀକରଣ ଭିତ୍ତିରେ ପିଓଏଲ ଷ୍ଟୋରେଜ୍ ଟର୍ମିନାଲ ସ୍ଥାପନ କରିବା ନିମନ୍ତେ ପ୍ରସ୍ତାବକ ହସ୍ତାନ୍ତର କରିବାକୁ ଇଛୁକ ଥିବେ ।

ପେଟ୍ରୋଲିୟମ ଟର୍ମିନାଲ ସ୍ଥାପନ ନିମନ୍ତେ ପ୍ରାୟ ୮୦-୧୨୦ ଏକର ଜମିର ପ୍ରୟୋଜନ ରହିଛି । ଏହି ସମ୍ବନ୍ଧରେ, କର୍ପୋରେସନର ନିର୍ଣ୍ଣୟ ଅନ୍ତିମ ଏବଂ ବାଧ୍ୟତାମୂଳକ ହେବ । ପ୍ରସ୍ତାବିତ ଜମି ଓଡ଼ିଶାର ଛତ୍ରପୁର ଏବଂ ଗିରିଶୋଲା ମଧ୍ୟରେ ଏନ୍‌ଏଚ୍-୧୬ ସଲଗ୍ନ ଅଥବା ୧୦୦ ଫୁଟ ଚଉଡ଼ା ପ୍ରବେଶ/ରାସ୍ତାର ସଂଯୋଗ ସହିତ ଅବସ୍ଥିତ ହୋଇଥିବା ଉଚିତ୍। ଯଦି ପ୍ରବେଶ/ରାସ୍ତାଟି ବ୍ୟକ୍ତିଗତ ହୋଇଥାଏ, ତେବେ ପ୍ରସ୍ତାବକାରୀଙ୍କ ନିକଟରେ ଏହାର ସ୍ୱଚ୍ଛ ଏବଂ ବିକ୍ରୟଯୋଗ୍ୟ ମାଲିକାନା ଥିବା ବାଞ୍ଛନୀୟ।

**ଆବେଦନପତ୍ର, ଇଣ୍ଡିଆନ ଅଏଲ ଭବନ, ଏ/୨, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୪, ୪ର୍ଥ ମହଲା(ସଂଗ୍ରହଣ ବିଭାଗ) ସ୍ଥିତ ଆମ୍ଭର କାର୍ଯ୍ୟାଳୟରେ ଉପଲବ୍ଧ।**

ଆବେଦନକାରୀଙ୍କ ଦ୍ୱାରା ସଂମ୍ପୂର୍ଣ୍ଣ ଆବେଦନ ପତ୍ର ଜମାଦେବାର ଶେଷ ତାରିଖ ନିମ୍ନରେ ପ୍ରଦାନ କରାଗଲା:

**ଜମା ଦେବାର ଶେଷ ତାରିଖ : ୦୮.୧୦.୨୦୧୮ । ସମୟସୀମା : ୧୭.୦୦ ଘଣ୍ଟା ପର୍ଯ୍ୟନ୍ତ ।**

**ଯୋଗାଯୋଗ କରନ୍ତୁ : ୯୭୩୫୪୨୦୨୨୨ / ୯୪୩୭୪୮୮୨୩୩**


### ପୂର୍ବତନ ସରପଞ୍ଚ ଶ୍ରୀନିବାସ ହତ୍ୟା ମାମଲା

# କ୍ରାଇମବ୍ରାଞ୍ଚ ପକ୍ଷରୁ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ଦିଗପହଣ୍ଡି,୧୨।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ମଳାଭଞ୍ଜା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ଯୁବନେତା ଶ୍ରୀନିବାସ ରଥ ହତ୍ୟା ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଚିହ୍ନଟ କରାଯାଇଛି। ବୁଧବାର ବ୍ରହ୍ମପୁର ଜେଲରେ କେସ ନଂ.ଏସଟି-୧୨୧/୧୭ରେ ଜଣେ ବିଚାରାଧୀନ ଅନ୍ତେବାସୀଙ୍କୁ ପୋଲିସ ଦିଗପହଣ୍ଡି କୋର୍ଟ ଜିଆର କେସ ନଂ. ୧୦୫/୧୨(ଶ୍ରୀନିବାସ ହତ୍ୟା ମାମଲା)ରେ ହାଜର କରାଇଥିଲେ। ସେ ହେଲେ ବ୍ରହ୍ମପୁର ଟାଉନ ଥାନା ଦଳୁଆସାହିର ବାପି ଓରଫ ପ୍ରେମଚାନ୍ଦ ପଣ୍ଡା। ଗତ ୨୦୧୨ ମାର୍ଚ୍ଚ ୧୦ରେ ଦିଗପହଣ୍ଡି–ଡ଼େଙ୍ଗାଓସ୍ତା ମୁଖ୍ୟରାସ୍ତାର କପାମଣ୍ଡି କାର୍ଯ୍ୟାଳୟ ନିକଟରେ ଶ୍ରୀନିବାସଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ସାନଖେମୁଣ୍ଡିର ତତ୍‌କାଳୀନ କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ସମର୍ଥକମାନେ ହତ୍ୟା କରିଥିବା ଶ୍ରୀନିବାସଙ୍କ ଶାଳକ ରାମେଶ୍ୱର ରଥ ଏତଲା ଦେବାପରେ ପୋଲିସ ନଂ.୪୭/୧୨ରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ପୋଲିସ ପୂର୍ବତନ ବିଧାୟକଙ୍କ ସମେତ ଅଭିଯୁକ୍ତମାନଙ୍କ ବିରୋଧରେ ଅନ୍ତରୀଣ ଚାର୍ଜସିଟ୍ ପ୍ରଦାନ କରିଥିଲେ। ପରେ ରାଜ୍ୟ ସରକାର ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ କେସ ନଂ. ୬୬/୧୨ ଅନୁଯାୟୀ ମୋକଦ୍ଦମାର ତଦନ୍ତ ଚାଲିଥିବା କ୍ରାଇମବ୍ରାଞ୍ଚ ଆଇଆଇସି ତାପସ ଚନ୍ଦ୍ର ପ୍ରଧାନ ଜଣାଇଛନ୍ତି।

### ସାପ କାମୁଡ଼ାରେ ମୃତ୍ୟୁ ସନ୍ଦେହ

**ବେଗୁନିଆପଡ଼ା, ୧୨।୯(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତ ମୁଣ୍ଡୁଳା ଗ୍ରାମର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିଣ୍ଟୁ ସେନାପତି। ଘରେ ଶୋଇଥିବା ବେଳେ ହଠାତ୍ ବାଉଳା ଚାଉଳା ହୋଇଥିଲେ। ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କୁ ସାପ କାମୁଡ଼ିଥିବା ସନ୍ଦେହ କରାଯାଉଛି।

# 'ଜୀବନ ଶାନ୍ତି'ର ବିକ୍ରୟ ଆରମ୍ଭ



ଖବରଦାତା ସମ୍ମିଳନୀରେ ଜୀବନ ବୀମା ନିଗମର ଅଧିକାରୀମାନେ ।

**ବ୍ରହ୍ମପୁର ଅଫିସ,୧୨।୯**

ଭାରତୀୟ ଜୀବନ ବୀମା ନିଗମ କେନ୍ଦ୍ରୀୟ କାର୍ଯ୍ୟାଳୟରେ ନୂତନ ପେନ୍‌ସନ୍ ଯୋଜନା 'ଜୀବନ ଶାନ୍ତି' ବୁଧବାର ଠାରୁ ବିକ୍ରୟ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶଙ୍କର ପ୍ରସାଦ ପରିଚ୍ଛା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଯୋଜନାରେ ଉଭୟ ତତ୍କାଳ ଏବଂ ବିଳମ୍ବିତ ଆନ୍ୟୁଇଟି ବିକଳ୍ପ ସହିତ ଏକ ଅଣସଂଯୁକ୍ତ, ଅଣ ଅଂଶଗ୍ରହଣ ମୂଳକ ଏକକ ପ୍ରିମିୟରମ୍ ଆନ୍ୟୁଇଟି ପ୍ଲାନ୍ ରହିଛି। ପଲିସି ଆରମ୍ଭରୁ ଗ୍ୟାରେଣ୍ଟିଯୁକ୍ତ ଆନ୍ୟୁଇଟି ଏବଂ ବିଳମ୍ବିତ ଅବଧି ପର୍ଯ୍ୟନ୍ତ ଗ୍ୟାରେଣ୍ଟିଯୁକ୍ତ ସମିଶ୍ରଣ ଏବଂ ଆଜୀବନ ନିୟମିତ ଆୟ ଏବଂ ତତ୍ ସଂଯୁକ୍ତ ସମର୍ପଣ ମୂଲ୍ୟ ଓ ଋଣ ସୁବିଧା ଏହି ପ୍ଲାନ୍‌ଟିକୁ ଆକର୍ଷଣୀୟ କରିଛି ବୋଲି ସେ ପ୍ରକାଶ କରିଥିଲେ । ବ୍ରହ୍ମପୁର ମଣ୍ଡଳର ବିପଣନ ପ୍ରବନ୍ଧକ ଗୁପ୍ତେଶ୍ୱର ବାଗ୍ ଏହି ଯୋଜନାର ବିଭିନ୍ନ ସୁବିଧା ସମ୍ପର୍କରେ କହିଥିଲେ । ବିକ୍ରୟ ପ୍ରବନ୍ଧକ ଶରତ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ ।

### ଦାରିଙ୍ଗବାଡ଼ିରେ ମୋମୋ ଭୟ

# ଫୋନକଲ୍‌କୁ ନେଇ ଥାନାରେ ଫେରାଦ ହେଲେ ଶିକ୍ଷକ

**ଦାରିଙ୍ଗବାଡ଼ି,୧୨।୯(ଡି.ଏନ.ଏ.)**

ବ୍ଲୁ ହ୍ୱେଲ ଗେମ୍‌ପରେ ଏବେ ମୋମୋକୁ ନେଇ ସମସ୍ତେ ଚିନ୍ତାରେ । ଛାତ୍ରୀଛାତ୍ରମାନେ ସ୍ମାର୍ଟ ଫୋନ୍ ଧରି ଅଧିକାଂଶ ସମୟ ସୋସିଆଲ ମିଡିଆ ଉପରେ ନିର୍ଭର କରୁଛନ୍ତି । ଏବେ ଏହି ମୋମୋ ଅନ୍‌ଲାଇନ ଗେମ୍ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଆତଙ୍କ ଖେଳାଇଛି । ଉକ୍ତ ଥାନା ଅଞ୍ଚଳ କିରିକୁଟି ପଞ୍ଚାୟତ ଅଞ୍ଚଳରେ ଜୈନିକ ସହକାରୀ ଶିକ୍ଷକଙ୍କ ଫୋନକୁ ମଙ୍ଗଳବାରରୁ ଏହି କଲ୍ ବାରମ୍ବାର ଆସୁଥିବା ଜଣାପଡ଼ିଛି । ସେ ଏଭଳି ଫୋନ ଆସିବାରୁ ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆଙ୍କୁ ଜଣାଇଥିଲେ । ଫୋନ ବନ୍ଦ ରଖିବାକୁ ଆଇଆଇସି ଗରଡ଼ିଆ ପରାମର୍ଶ ଦେଇଥିଲେ । ବୁଧବାର ଶିକ୍ଷକ ଜଣକ ଦାରିଙ୍ଗବାଡ଼ି ଥାନାରେ ପହଞ୍ଚି ଉକ୍ତ ନମ୍ବର ଦେଖାଇଥିଲେ। ଆଇଆଇସି ଏଥିରୁ କିଭଳି ନିବୃତ ରହିହେବ ସେନେଇ ଶିକ୍ଷକଙ୍କୁ ଆଇଆଇସି ପରାମର୍ଶ ଦେଇଥିଲେ । ଏନେଇ ଆଇଆଇସି କହିଛନ୍ତି, ଯଦି ସେଭଳି କିଛି ଅଜଣା ଫୋନ କିମ୍ବା ମୋମୋ ଚିତ୍ର ଥାଇ କଲ୍ ଆସେ ତେବେ ତାକୁ ରିସିଭ୍ ନ କରି ଉକ୍ତ ନମ୍ବରଟିକୁ ବ୍ଲକ କରିଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଏନେଇ ଏକ ସଚେତନ କାର୍ଯ୍ୟକ୍ରମ କରାଯିବାକୁ ସେ ଜିଲା ପାଲିସର ନିର୍ଦ୍ଦେଶ ମିଳିଲେ କରିବେ ।

# କୁର୍ନୁଲରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ

**ବ୍ରହ୍ମପୁର ଅଫିସ୍,୧୨।୯**

ଆନ୍ଧ୍ରପ୍ରଦେଶର କୁର୍ନୁଲ୍ ପଥର କ୍ୱାରି ବିସ୍ଫୋରଣରେ ମୃତ ଗଞ୍ଜାମ ଜିଲାର ୬ ଶ୍ରମିକଙ୍କ ପରିବାରବର୍ଗଙ୍କୁ ସରକାରଙ୍କ ପକ୍ଷରୁ ପୂର୍ବରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ମୃତ ଶ୍ରମିକଙ୍କ ମଧ୍ୟରୁ ଦୁଇଜଣଙ୍କର ଶ୍ରମିକ ପଞ୍ଜୀକରଣ କାର୍ଡ଼ ଥିବା ଯୋଗୁ ତାଙ୍କୁ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ବିଜୟ କୁମାର ଦାସଙ୍କ ହସ୍ତକ୍ଷେପରେ ଅତିରିକ୍ତ ସହାୟତା ରାଶି ଦିଆଯାଇଛି। ଦୁଇ ମୃତକଙ୍କ ପରିବାରଙ୍କୁ ୧୦ହଜାର ୫ଶହ ଟଙ୍କା ଲେଖାଏ ଅତିରିକ୍ତ କ୍ଷତିପୂରଣ ରାଶି ଦିଆଯାଇଛି ।

# ଛତ୍ରପୁର କଲେଜରେ ସମସ୍ୟା: ଫାଟକ ବନ୍ଦ କଲେ ଛାତ୍ର

**ଛତ୍ରପୁର,୧୨।୯(ଡି.ଏନ.ଏ)**


କଲେଜ ଫାଟକ ବନ୍ଦ କରି ଆନ୍ଦୋଳନ ଚାଲିଛି ।

ଛତ୍ରପୁର ବିଜ୍ଞାନ କଲେଜର ଛାତ୍ରୀଛାତ୍ରମାନେ ବିଭିନ୍ନ ସମସ୍ୟା ନେଇ ବୁଧବାର କଲେଜ ଫାଟକ ବନ୍ଦ କରି ଆନ୍ଦୋଳନ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ପାଇଁ ମୌଳିକ ସୁବିଧା ନ ଥିବା ସହ କଲେଜରେ ବହୁ ଅଧ୍ୟାପକ ଏବଂ ଷ୍ଟାଫ୍ ପଦବୀ ଖାଲି ପଡିଛି। କଲେଜ ପରିସରରେ ପିଇବା ପାଣି ବ୍ୟବସ୍ଥା ନଥିବା ବେଳେ ଶୌଚାଳୟ ଓ ପରିସ୍ରାଗାର ପୁନଃନିର୍ମାଣ କରାଯାଉନାହିଁ। ବାଳକ କମନ୍ ରୁମ୍ ନିର୍ମାଣ କରାଯାଉନି । ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଆଇଟି ବିଷୟର ବ୍ୟବସ୍ଥା କରିବା, ଏନ୍‌ଏସଏସ ଓ ରେଡକ୍ରସକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି । ଏ ସମ୍ପର୍କରେ ବହୁବାର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିନି। ତେଣୁ ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। କଲେଜ ଅଧ୍ୟକ୍ଷ ଡ. ସୌଭାଗ୍ୟ କୁମାର ସାହୁ ଫାଟକ ନିକଟକୁ ଆସି ଛାତ୍ରମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଛି।


## ମହତ୍ତ୍ୱପୂର୍ଣ୍ଣ ସୂଚନା

**ପୁରୀ ରେଳ ଷ୍ଟେସନ ଠାରେ ନିରାପତ୍ତା ସଂପର୍କିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ ଟ୍ରେନ୍ ସେବା ବାତିଲ୍ ଏବଂ ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ**

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ୍ ହେବା ତାରିଖ |
|---|---|---|
| 12882 | ପୁରୀ-ହାଓଡ଼ା ଦ୍ୱି-ସାପ୍ତାହିକ ଗରିବ ରଥ ଏକ୍ସପ୍ରେସ୍ | 17.09.2018, 19.09.2018 ଏବଂ 24.09.2018 |
| 12881 | ହାଓଡ଼ା-ପୁରୀ ଦ୍ୱି-ସାପ୍ତାହିକ ଗରିବ ରଥ ଏକ୍ସପ୍ରେସ୍ | 18.09.2018, 20.09.2018 ଏବଂ 25.09.2018 |
| 22883 | ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 22884 | ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 22859 | ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 22860 | ଚେନ୍ନାଇ ସେଣ୍ଟ୍ରାଲ୍-ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ | 12.09.2018 ଏବଂ 19.09.2018 |
| 18406 | ଅହମଦାବାଦ -ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 12887 | ହାଓଡ଼ା -ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 12993 | ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12994 | ପୁରୀ -ଗାନ୍ଧୀଧାମ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 22973 | ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | 12.09.2018 ଏବଂ 19.09.2018 |
| 22974 | ପୁରୀ -ଗାନ୍ଧିଧାମ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | 16.09.2018 |
| 12146 | ପୁରୀ -ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | 18.09.2018 |
| 22201 | ସିଆଲ୍‌ଦା-ପୁରୀ ଦୁରନ୍ତୋ ଏକ୍ସପ୍ରେସ୍ | 14.09.2018, 17.09.2018, 19.09.2018 ଏବଂ 21.09.2018 |
| 22202 | ପୁରୀ -ସିଆଲ୍‌ଦା ଦୁରନ୍ତୋ ଏକ୍ସପ୍ରେସ୍ | 15.09.2018, 18.09.2018, 20.09.2018 ଏବଂ 22.09.2018 |
| 12278 | ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12277 | ହାଓଡ଼ା -ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 08091 | ଭଞ୍ଜପୁର-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 08092 | ପୁରୀ -ଭଞ୍ଜପୁର ସ୍ପେଶାଲ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 58131 | ରାଉରକେଲା-ପୁରୀ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58132 | ପୁରୀ-ରାଉରକେଲା ପାସେଞ୍ଜର | 15.09.2018 ଠାରୁ 25.09.2018 |
| 58403/ 58404 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58409/58410 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58431/58432 | ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |

**ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ୍ ସମୂହ**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ମଧ୍ୟରେ ବାତିଲ୍ | ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେବା ତାରିଖ |
|---|---|---|---|
| 12277 | ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁରୀ | 14.09.2018 ଠାରୁ 24.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12278 | ପୁରୀ -ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର | 16.09.2018 ଠାରୁ 25.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12821/12822 | ହାଓଡ଼ା-ପୁରୀ-ହାଓଡ଼ା ଧଉଳି ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର-ପୁରୀ | 13.09.2018 ଠାରୁ 24.09.2018 |
| 18303/18304 | ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 17480 | ତିରୁପତି-ପୁରୀ ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 14.09.2018, 15.09.2018, 17.09.2018, 18.09.2018, 19.09.2018, 21.09.2018 ଏବଂ 22.09.2018 |
| 17479 | ପୁରୀ -ତିରୁପତି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 15.09.2018, 16.09.2018, 18.09.2018, 19.09.2018, 20.09.2018, 22.09.2018 ଏବଂ 23.09.2018 |
| 58001/58002 | ହାଓଡ଼ା-ପୁରୀ-ହାଓଡ଼ା ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 58413/58414 | ତାଳଚେର-ପୁରୀ-ତାଳଚେର ପାସେଞ୍ଜର | ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର | 14.09.2018 ଠାରୁ 24.09.2018 |
| 58418 | ଗୁଣୁପୁର-ପୁରୀ ପାସେଞ୍ଜର | ପଲାସା ଠାରୁ ଗୁଣୁପୁର | 19.09.2018 ଠାରୁ 24.09.2018 |
| 58417 | ପୁରୀ -ଗୁଣୁପୁର ପାସେଞ୍ଜର | ଗୁଣୁପୁର ଠାରୁ ପଲାସା | 20.09.2018 ଠାରୁ 25.09.2018 |

**ପୂର୍ବ ତଟ ରେଳପଥ**

PR-346/J/18-19

## ସଂକ୍ଷେପରେ

### ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଦାବିପତ୍ର

କନିଷି,୧୨।୯(ଡି.ଏନ.ଏ.)-ରଙ୍ଗେଇଲୁଣ୍ଡା ବ୍ଲକର ୧୩ ହାଇସ୍କୁଲ ଓ ୩ କଲେଜର ସମସ୍ତ ଶିକ୍ଷକ, ଅଧାପକ ଓ କର୍ମଚାରୀ ମଙ୍ଗଳବାର ୭ ଦଫା ଦାବି ନେଇ ବ୍ଲକ ପରିସରରେ ୧୩ ହାଇସ୍କୁଲ ଓ ୩ କଲେଜର ସମସ୍ତ ଶିକ୍ଷକ, ଅଧାପକ ଓ କର୍ମଚାରୀ ଧାରଣା ଦେବା ସହ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ମନୋରମା ପଣ୍ଡା, ଜଗନ୍ନାଥ ରେଡ୍ଡୀ, ସୁଲୋଚନା ସାବତ, ଭାରତୀ ଦାସ, ପି.ରାଜାରାଓ, ରାଧାକାନ୍ତ ପାଢ଼ୀ, ମନୋରଞ୍ଜନ ପାଢ଼ୀଙ୍କ ସମେତ ଶତାଧିକ ଶିକ୍ଷକ, ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ଯାଏ ଚାଲିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି ।

### ଏନ୍‌ଏସିରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ

ଗଞ୍ଜାମ,୧୨।୯(ଡି.ଏନ.ଏ.)-ଗଞ୍ଜାମ ଏନ୍‌ଏସିରେ ମଙ୍ଗଳବାର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଏମ୍. ନୀଳକଣ୍ଠ ନାଇଡୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ମାର୍ଚ୍ଚ ୧୮ରେ ଏନ୍‌ଏସିରେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଜଣେ କନିଷ୍ଠ କିରାଣିଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ଖଲିକୋଟ ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମିଶ୍ରଙ୍କୁ ଗଞ୍ଜାମ ଏନ୍‌ଏସିର ଅତିରିକ୍ତ ଦାୟିତ୍ୱ ଦେଇଥିଲା ଜିଲା ପ୍ରଶାସନ। ଅର୍ଦ୍ଧନିର୍ମିତ ପ୍ରକଳ୍ପ ଗୁଡ଼ିକ ଶୀଘ୍ର ଶେଷ କରିବାକୁ ଉଦ୍ୟମ କରିବେ ବୋଲି ନାଇଡୁ କହିଛନ୍ତି।

# ପାଣି ପାଇଁ ପଞ୍ଚାୟତ ଅଫିସ ଘେରାଉ

କୁକୁଡ଼ାଖଣ୍ଡି,୧୨।୯(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ଗୁରୁଣ୍ଡି ପଞ୍ଚାୟତ ଶ୍ରୀରଙ୍ଗରାଜପୁର ଗ୍ରାମବାସୀ ପାଣି ପାଇଁ ବୁଧବାର ହାଣ୍ଡି ମାଠିଆ ଧରି ରାସ୍ତାକୁ ଓହ୍ଲାଇଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଘେରାଉ କରିବାରୁ ସେମାନେ ବିଧାୟକଙ୍କ ସହ ଯୋଗାଯୋଗ ପରେ ସରକାରଙ୍କ ଚିଠି ନଂ ୧୨୪୫/ତା. ୧୯.୧.୨୦୧୮ ଜରିଆରେ ଗୁରୁଣ୍ଡି ପଞ୍ଚାୟତକୁ ସାଧାରଣ ଜଳ ଯୋଗାଣର ଉନ୍ନତି ପାଇଁ ନିଜର ବସୁଧା ଜଳ ଯୋଗାଣ ଯୋଜନାରେ ୯୯.୮୧ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ଏହାର ଟେଣ୍ଡର ସରିଛି ଏବଂ ଶୀଘ୍ର ଏହି କାମ ଆରମ୍ଭ କରାଯିବ ବୋଲି ହ୍ୱାଟସଆପ୍ ଜରିଆରେ ଗୁରୁଣ୍ଡି ସରପଞ୍ଚଙ୍କୁ ପଞ୍ଚାୟତକୁ ମେସେଜ୍ କରିଥିଲେ। ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଶାନ୍ତ ହୋଇ ଗ୍ରାମକୁ ଫେରିଥିଲେ।


ଉତ୍ତ୍ୟକ୍ତ ଗ୍ରାମବାସୀ ବ୍ରହ୍ମପୁର-ବେଲଗାଁ ମୁଖ୍ୟରାସ୍ତାରେ ଧାରଣାରେ ବସିଛନ୍ତି।

ପ୍ରକାଶ ଯେ, ଦୀର୍ଘଦିନ ହେଲା ଶ୍ରୀରଙ୍ଗରାଜପୁରରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗ୍ରାମବାସୀ ବହୁବାର ବ୍ଲକ, ଜିଲା ପ୍ରଶାସନ ଏବଂ ବିଧାୟକଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରି ଆସୁଥିଲେ ସୁଦ୍ଧା ସମସ୍ୟାର ସମାଧାନ ହେଲାନାହିଁ। ଶେଷରେ ବୁଧବାର ୩ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ହାଣ୍ଡି ମାଠିଆ ଧରି ବ୍ରହ୍ମପୁର-ବେଲଗାଁ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଖବର ପାଇ ସଦର ଥାନାଧିକାରୀ ଶିବ ଶଙ୍କର ମହାପାତ୍ର ଓ ନିମଖଣ୍ଡି ଫାଣ୍ଡି ଅଧିକାରୀ ନାରାୟଣ ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। କୁକୁଡ଼ାଖଣ୍ଡି ଅତିରିକ୍ତ ତହସିଲଦାର ପ୍ରିୟଙ୍କା ନାହକ, ଅତିରିକ୍ତ ବିଡିଓ ଭବାନୀ ଶଙ୍କର ପ୍ରଧାନ ଏବଂ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଏସ୍‌ଡିଓ ଏଟିପି ଶଙ୍କରମ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ ଗ୍ରାମବାସୀ ରାସ୍ତାରୋକୋରୁ ଓହରି ଗୁରୁଣ୍ଡି ପଞ୍ଚାୟତ ଅଫିସକୁ ଯାଇ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଘେରିଥିଲେ। ସରପଞ୍ଚ ଟି. ମିନତି ପାତ୍ର ଏବଂ ସମିତିସଭ୍ୟା ମୋଇଲି ବିଶିକେଶନ ଲୋକମାନେ ହୋହଲ୍ଲା କରିବାରୁ ସ୍ଥାନୀୟ ବିଧାୟକ ଡ଼. ପ୍ରଦିପ କୁମାର ପାଣିଗ୍ରାହିଙ୍କୁ ଯୋଗଯୋଗ କରିଥିଲେ। ବିଧାୟକ ରାଜ୍ୟ ସରକାରଙ୍କ ଚିଠି ନଂ ୧୨୪୫/ତା. ୧୯ ଜାନୁଆରୀ ୨୦୧୮ରେ ଗୁରୁଣ୍ଡି ପଞ୍ଚାୟତକୁ ସାଧାରଣ ଜଳ ଯୋଗାଣର ଉନ୍ନତି ପାଇଁ ନିଜର ବସୁଧା ଜଳ ଯୋଗାଣ ଯୋଜନାରେ ୯୯.୮୧ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ଏହାର ଟେଣ୍ଡର ସରିଛି ଏବଂ ଶୀଘ୍ର ଏହି କାମ ଆରମ୍ଭ କରାଯିବ ବୋଲି ହ୍ୱାଟସଆପ୍ ଜରିଆରେ ଗୁରୁଣ୍ଡି ସରପଞ୍ଚଙ୍କୁ ଜଣାଇଥିଲେ। ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଶାନ୍ତ ହୋଇ ଗ୍ରାମକୁ ଫେରିଥିଲେ।ପରେ ସରପଞ୍ଚ ପ୍ରତିନିଧି ଟି. ନରସିଂହ ପାତ୍ର ଏବଂ ସମିତିସଭ୍ୟ ମୋଇଲି ବିଶିକେଶନ ଶ୍ରୀରଙ୍ଗରାଜପୁର ଯାଇ ସାହି ସାହି ବୁଲି ସମସ୍ୟା ସମ୍ପର୍କରେ ବୁଝିଥିଲେ। ଭାଜପା ଜିଲା ପରିଷଦ ସଭ୍ୟ ଏଲ. ମୋହନ ଦାସ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

ଶଙ୍କରାଖୋଲ,୧୨।୯(ଡି.ଏନ୍.ଏ.)

ଚକାପାଦ ଓ ଟିକାବାଲି ବ୍ଲକର ଗୁଟିଙ୍ଗିଆ ଗ୍ରାମର ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି ଦାବି ନେଇ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ପୋଷ୍ଟକାର୍ଡରେ ପ୍ରଧାନମନ୍ତ୍ରୀଙ୍କୁ ବୁଧବାର ଚିଠି ପଠାଯାଇଛି। ରାଜ୍ୟ ସରକାର ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ୨୨୪ ଟଙ୍କା ଦେଉଥିବାବେଳେ କେନ୍ଦ୍ରସରକାର ୧୮୨ ଟଙ୍କା ଦେଉଛନ୍ତି। ଫଳରେ ଜଣେ ଶ୍ରମିକ ଦୈନିକ ୪୨ ଟଙ୍କା ହିସାବରେ ୧୦୦ ଦିନ କାର୍ଯ୍ୟରେ ୪ ହଜାର ୨୦୦ ଟଙ୍କା କ୍ଷତି ସହୁଛନ୍ତି। ତେଣୁ ଏହାର ତଦନ୍ତ କରି କେନ୍ଦ୍ରସରକାର ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକଙ୍କୁ ଦୈନିକ ୨୨୪ଟଙ୍କା ଦେବା ପାଇଁ ମଞ୍ଚ ଦାବି କରିଛି। ଉକ୍ତ ବ୍ଲକର ବିଭିନ୍ନ ଗ୍ରାମରୁ ଡିସେମ୍ବର ୧୦ ଯାଏ ଚିଠି ପଠା କାର୍ଯ୍ୟ ଚାଲିବ ବୋଲି ଉଭୟ ବ୍ଲକର ସଂଯୋଜକ ନବୀନ କୁମାର ଦିଗାଲ, ସଞ୍ଜୟ କୁମାର ଦିଗାଲ କହିଛନ୍ତି। ଏଥିରେ ମଞ୍ଚର ବ୍ଲକ ସଭାପତି କବିରାଜ ଦିଗାଲ, ସମ୍ପାଦକ ସାମନ୍ତ ଦିଗାଲ, ସଭାନେତ୍ରୀ ପୁଷ୍ପାଞ୍ଜଳୀ କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଇନାବେ ଗୋଡ଼ ଦିଅଇ**
**ମଝି ଦରିଆରେ ବୁଡ଼ି ମରଇ ।**

ଦୁଇ ନାଆରେ ଯିଏ ଗୋଡ଼ ରଖେ ସେ କୋଇ କୂଳର ହୋଇ ପାରି ନ ଥାଏ। କେଉଁ ପଟକୁ ଯାଇ ନ ପାରି ମଝି ଦରିଆରେ ବୁଡ଼ି ମରିବା ସାର ହୋଇଥାଏ। ତେଣୁ ଯେକୌଣସି ଦ୍ୱନ୍ଦ୍ୱ ମଧ୍ୟରେ ନିଜକୁ ଜଡ଼ିତ ରଖିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାରୁଆ, ଧାରୁଆ, ଭାଣ୍ଡୁଆ ଯିଏ**
**ତାଙ୍କ ବଚନରେ ସତ ନ ଥାଏ ।**

ଦାରୁ ବା ମଦ ପିଉଥିବା ବ୍ୟକ୍ତି, ଉଧାର ନେଇ ଶୁଝି ପାରୁ ନ ଥିବା ବ୍ୟକ୍ତି ଏବଂ ଭାଣ୍ଡାମି କଥା କହୁଥିବା ବ୍ୟକ୍ତି ଜୀବନରେ କେବେ ସତକଥା କହି ନ ଥାନ୍ତି। ତାଙ୍କ କଥାକୁ ସତମଣି ବିଶ୍ୱାସ କରି ବସିରହିଲେ ଆଶା କେବେ ଫଳବତୀ ହୋଇ ପାରି ନ ଥାଏ। କେବଳ ମିଛ ଆଶ୍ୱାସନା ପାଇ ମନ ଖରାପ କରି ବସିବା ସାର ହୋଇଥାଏ। ତେଣୁ ଏପରି ବ୍ୟକ୍ତିଙ୍କଠାରୁ ଯଥାସମ୍ଭବ ଦୂରତ୍ୱ ବଜାୟ ରଖିବା ଉଚିତ ବାଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

### ନୂତନ ବିଡିଓଙ୍କ ଯୋଗଦାନ

ଆର.ଉଦୟଗିରି, ୧୨।୯ (ଡି.ଏନ.ଏ.)

ଆର.ଉଦୟଗିରି ବିଡିଓ ସଚ୍ଚିଦାନନ୍ଦ ନାୟକଙ୍କୁ ଛତ୍ରପୁର ବଦଳିର ୩ ମାସ ପରେ ନୂତନ ବିଡିଓ ଭାବେ ପ୍ରଦୀପ କୁମାର ନାୟକ ଯୋଗ ଦେଇଛନ୍ତି । ସେ ଧରାକୋଟରେ ବିଡିଓ ରୂପେ କାର୍ଯ୍ୟ କରୁଥିଲେ। ଏକ ସାକ୍ଷାତକାରରେ ନାୟକ କହିଛନ୍ତି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କିପରି ଲୋକଙ୍କ ପାଖରେ ଠିକ ରୂପେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବା ସହ ଗ୍ରାମାଞ୍ଚଳର ବିକାଶକୁ ପ୍ରାଥମିକତା ଦିଆଯିବ ।

### କଣ୍ଟାପୀଢ଼ା ଯାତ୍ରା ପାଇଁ ତୋରଣ ନିର୍ମାଣ ଆରମ୍ଭ

ସୋରଡା,୧୨।୯(ଡି.ଏନ୍.ଏ.)

ପ୍ରସିଦ୍ଧ କଣ୍ଟାପୀଢା ଯାତ୍ରା ଓ କନ୍ଧୁଣୀ ଦେବୀ ମହୋତ୍ସବ ପାଇଁ ତୋରଣ ନିର୍ମାଣ କାମ ଆରମ୍ଭ ହୋଇଛି। ଆସାମ, କଲିକତା, ରଘୁରାଜପୁର, ସମ୍ବଲପୁର ଅଞ୍ଚଳରୁ ନୃତ୍ୟଦଳମାନଙ୍କୁ ଆମନ୍ତ୍ରଣ କରାଯାଇଛି। ମନ୍ଦିର ନିକଟରେ କନ୍ଧୁଣୀ ଦେବୀ ସେବା ତରଫରୁ ମାଗଣା ପ୍ରସାଦ ବଣ୍ଟନ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ପଲ୍ଲୀଶ୍ରୀ ମେଳା ପାଇଁ ଆୟୋଜନ ଚାଲିଛି। ଯାତ୍ରାଦିନ ମାନଙ୍କରେ ରଥପଦା ଠାରୁ ଆଡପମଣ୍ଡପ ପର୍ଯ୍ୟନ୍ତ ଗାଡ଼ି, ମୋଟର ଚଳାଚଳକୁ ବାରଣ କରାଯାଇଛି। ଏବେଠାରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ଆରମ୍ଭ ହୋଇଗଲାଣି। ସାନ୍ଧ୍ୟ ଆଳତି ସମୟରେ ଭିଡକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳାରେ ଯାତ୍ରା ସମାପନ ପାଇଁ ସେବା ପରିଷଦ, ଯୁବକ ସଂଘ, ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀ, ସମ୍ପାଦକ ଦୁର୍ଗାଚରଣ ଶତପଥୀ, ସହ ସମ୍ପାଦକ କୈଳାସ ପଣ୍ଡା ପ୍ରମୁଖ ପ୍ରସ୍ତୁତିରେ ଲାଗିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University UGC & NCTE Approved Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM ANM OT. Tech DMLT ICU X-RAY
ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

9911436726, 9540938429

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଧନଲକ୍ଷ୍ମୀ ଫାଇନାନ୍ସ (Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ ।
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ ୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ । (ଏଜେଣ୍ଟ ଆମନ୍ତ୍ରିତ)
7455967551
9068296909

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168
07258995324



ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE 6388753739 6399376206
Add:- 41/14, Sec-1 Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7682981750

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now 9953851922

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194 07496852157

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851


| TARIFF | MORE SPACE • SAME PRICE | | | | | | | * GST 5% Extra |
|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | |
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


SMS JOB Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟ୍‌ୱର୍କ ଉପକରଣ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦/- ଭଡ଼ା - 50,000/-। ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପୱନ କୁମାର
G-57, Gunjan Bihar, Karolbhag, Delhi
9776389958
7894865967

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

## ସଂକ୍ଷେପରେ

### ଲୁଟ୍ ମାମଲା, ୩ ଗିରଫ

ଛତ୍ରପୁର,୧୨।୯(ଡି.ଏନ.ଏ): ଏକ ଲୁଟ୍ ଘଟଣାରେ ସମ୍ପୃକ୍ତ ବ୍ରହ୍ମପୁରର ୩ ଜଣଙ୍କୁ ଛତ୍ରପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପି. ରମେଶ, ଇମତିଆଜ୍ ଖାନ୍, ଆଶୁତୋଷ ସାମନ୍ତ। ଗତ ୨୦ ତାରିଖରେ ଛତ୍ରପୁର ବାଇପାସ୍‌ସ୍ଥିତ ଏକ ଢାବା ନିକଟରେ ଭୁଜାଲି ଦେଖାଇ ବ୍ରହ୍ମପୁରର ଶ୍ରୀନିବାସ ରେଡ୍ଡୀଙ୍କୁ ୩ ଅଭିଯୁକ୍ତ ଭୟଭୀତ କରିଥିଲେ। ପରେ ତାଙ୍କଠାରୁ ୧୦ ହଜାର ଟଙ୍କା, ୨ଟି ମୋବାଇଲ୍ ଲୁଟି ନେଇଥିଲେ। ଏ ନେଇ ଶ୍ରୀନିବାସ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୧୫/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଥାନା ଆଇଆଇସି ପ୍ରିୟସ ରଂଜନ ଛୋଟରାୟ କହିଛନ୍ତି।

### ସାପ କାମୁଡ଼ାରେ ଶିଶୁ ମୃତ

ଗୋପାଳପୁର,୧୨।୯: ବିଷାକ୍ତ ସାପ କାମୁଡ଼ାରେ ବୁଧବାର ଜଣେ ୩ ବର୍ଷର ଶିଶୁର ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ସେହେଲେ ପି. ଧନୁଶ। ଏନେଇ ଗୋଳନ୍ଥରା ଥାନାରେ କେସ ନଂ. ୧୯/୧୮ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଉକ୍ତ ଥାନା ଏକସିଙ୍ଗ ଗ୍ରାମର ଧନୁଶ ମାମୁଁ ଘର ହରିପୁର ବୁଲିବାକୁ ଯାଇଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟାରେ ତାଙ୍କ ଘର ବାରିପଟେ ଖେଳୁଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରେ ପରିବାର ବର୍ଗ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ବୁଧବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି।

### ସାପ୍ତାହିକ ହାଟ ସଫେଇ



ରାମଗିରି,୧୨।୯: ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମର ସ୍ୱେଚ୍ଛାସେବୀ ସଂସ୍ଥା ଆନନ୍ଦ ମାର୍ଗ ପ୍ରଚାରକ ସଂଘର କର୍ମକର୍ତ୍ତାମାନେ ହାଟପଦା ସଫେଇ କରିଛନ୍ତି। ସାପ୍ତାହିକ ହାଟର ସେଡଗୁଡ଼ିକରେ ଦୀର୍ଘଦିନ ହେଲା ଅଳିଆ ଆବର୍ଜନା ଜମାହୋଇ ରହିଥିଲା। ବ୍ୟବସାୟୀମାନେ ପୁତିଗନ୍ଧମୟ ପରିବେଶରେ ବ୍ୟବସାୟ କରୁଥିଲେ। ସ୍ୱେଚ୍ଛାସେବୀ କୁଞ୍ଜ ବଡ଼ମୁଣ୍ଡି, ଭରତ କାର୍ଯୀ, ମାଧବ ରଇତ, ଅଭିରାମ ବଳିଆରସିଂ, ମନୋଜ ଶବର, ଅଶୋକ ରଇତ ଏବଂ ଅତୁଳ ବଳିଆର ସିଂ ପ୍ରମୁଖ ୩ ଦିନ ଧରି ଅଳିଆ ଆବର୍ଜନା ସଫେଇ କରିଥିଲେ। ଛୁଟି ଦିନ କିମ୍ବା ଅବସର ସମୟରେ ଏହି ସେବା ଦଳ ସଫେଇ କାର୍ଯ୍ୟ କରିବେ ବୋଲି ସଂକଳ୍ପ ନେଇଛନ୍ତି।

### ସତ୍ୟନାରାୟଣ ହେଲେ ଏମ୍‌ପି ପ୍ରତିନିଧି



ଆସିକା,୧୨।୯(ଡି.ଏନ୍.ଏ.): ପୂର୍ବତନ ଆସିକା ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ ଆସିକା ଏମ୍‌ପି ଲଡୁ କିଶୋର ସ୍ୱାଇଁଙ୍କ ଆସିକା ଏନ୍ଏସି ପ୍ରତିନିଧି ରୂପେ ମନୋନିତ ହୋଇଛନ୍ତି। ସତ୍ୟନାରାୟଣ ଆସିକା ଏନ୍ଏସିର ସମସ୍ତ କାର୍ଯ୍ୟରେ ଏମ୍‌ପି ସ୍ୱାଇଁଙ୍କ ପ୍ରତିନିଧିତ୍ୱ କରିବେ ବୋଲି ଏମ୍‌ପିଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟିକୁ ଆଣିବା ପରେ ମଙ୍ଗଳବାର ଠାରୁ ସତ୍ୟନାରାୟଣଙ୍କ ଏହାକୁ ଜିଲାପାଳ ଅନୁମୋଦନ କରିଛନ୍ତି। ସ୍ୱାଇଁଙ୍କ ଏହି ଦାୟିତ୍ୱ ଗ୍ରହଣ ଆସିକା ଯୁବ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି।

### ନୈତିକ ମୂଲ୍ୟବୋଧ ଉପରେ ଆଲୋଚନାଚକ୍ର

ଶେରଗଡ,୧୨।୯(ଡି.ଏନ୍.ଏ)

ଶେରଗଡ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ମଙ୍ଗଳବାର ନୈତିକ ମୂଲ୍ୟବୋଧ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ମାଉଣ୍ଟଆବୁରୁ ଲାବାଣ୍ୟ ଭଉଣୀ, ପାରାଦେଶୀ ଭାଇ, ତୃପ୍ତି ଭଉଣୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନୈତିକ ମୂଲ୍ୟବୋଧ ଉପରେ ମାର୍ଗଦର୍ଶନ କରିଥିଲେ। ଶେରଗଡ ଶାଖା ପକ୍ଷରୁ ସୁବାସ ଚନ୍ଦ୍ର ସାହୁ ସଂଯୋଜନା କରିଥିବାବେଳେ ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜାମ ଜିଲାରେ ଇଭିଏମ୍ ଯାଞ୍ଚ ଆରମ୍ଭ

ଛତ୍ରପୁର/ଗଞ୍ଜାମ,୧୨।୯(ଡି.ଏନ.ଏ.)



ଆରଡିସି ଷ୍ଟ୍ରଙ୍ଗରୁମ୍ ଅନୁଧ୍ୟାନ କରୁଛନ୍ତି।

**ସାଧାରଣ ନିର୍ବାଚନ ପ୍ରସ୍ତୁତି**

- ଉପସ୍ଥିତ ଥିଲେ ରାଜନୈତିକ ଦଳର ପ୍ରତିନିଧି
- ହାଇଦ୍ରାବାଦରୁ ଆସିଲେ ବୈଷୟିକ ଟିମ୍
- ବୁଥ୍, ଷ୍ଟ୍ରଙ୍ଗରୁମ୍ ଅନୁଧ୍ୟାନ କଲେ ଆରଡିସି
- ନଜର ରଖୁଛି ସିସି, ଭିଡିଓ କ୍ୟାମେରା

ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଛି। ପୂର୍ବରୁ ବୁଥ୍ ଗଠନ ହୋଇଥିବା ବେଳେ ଭୋଟର ତାଲିକା ସଂଶୋଧନ କରାଯାଉଛି। ଅନ୍ୟପକ୍ଷରେ ବୁଧବାର ଗଞ୍ଜାମ ଜିଲା ଛତ୍ରପୁରରେ ଇଭିଏମ୍ ଯାଞ୍ଚ ଆରମ୍ଭ ହୋଇଛି। ପୂର୍ବାହ୍ନରେ ଦକ୍ଷିଣାଞ୍ଚଳ ଆରଡିସି ପି ଆପାଙ୍ଗ ଆଓ ଛତ୍ରପୁର ଆସି ଅନ୍‌ସ୍ଲୋ ହାଇସ୍କୁଲରେ ଥିବା ଷ୍ଟ୍ରଙ୍ଗରୁମ୍ ଅନୁଧ୍ୟାନ କରିଥିଲେ। ପରେ ଆରଡିସି ଗଞ୍ଜାମ ଏନଏସିରେ ଥିବା ଭାରତୀ ବିଦ୍ୟାପୀଠ, ପାଲିବନ୍ଧ ପଞ୍ଚାୟତ ନିଳାଦ୍ରୀପୁର ଓ ମୟୁରପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହେବାକୁ ଥିବା ବୁଥ୍ ଅନୁଧ୍ୟାନ କରିଛନ୍ତି। ଅପରାହ୍ନରେ ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲର ସମ୍ମିଳନୀ ଗୃହରେ ରାଜନୈତିକ ଦଳର ପ୍ରତିନିଧି ଏବଂ ହାଇଦ୍ରାବାଦରୁ ଆସିଥିବା ୯ ଜଣିଆ ବୈଷୟିକ ଟିମ୍ ଉପସ୍ଥିତିରେ ଇଭିଏମ ଯାଞ୍ଚ ଆରମ୍ଭ ହୋଇଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ଷ୍ଟ୍ରଙ୍ଗରୁମ୍‌ର ଭିତରେ ଓ ବାହାରେ ସିସି କ୍ୟାମେରା ଲାଗିଛି। ଭିଡିଓ ରେକର୍ଡିଂ କରାଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମରୁ ଇଭିଏମ ଅଣାଯାଇ ଏଠାରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ଶେଷ ହେବା ପରେ ଅନସ୍ଲୋ ହାଇସ୍କୁଲରେ ଥିବା ଷ୍ଟ୍ରଙ୍ଗ ରୁମ୍ ରେ ଏହା ରଖାଯିବ। ସାଧାରଣ ନିର୍ବାଚନ ପୂର୍ବରୁ ଉକ୍ତ ଇଭିଏମ ଗୁଡ଼ିକୁ ଜିଲାର ବିଭିନ୍ନ ବୁଥ୍ ଗୁଡ଼ିକୁ ପଠାଯିବ ବୋଲି ସୂଚନା ଦିଆଯାଇଛି। ଇଭିଏମ ଯାଞ୍ଚ ରୁମ୍‌କୁ ମୋବାଇଲ ଫୋନ୍ ନେବା ଓ ଗଣମାଧ୍ୟମ ପ୍ରବେଶ ଉପରେ କଟକଣା କରାଯାଇଛି। ଜିଲାରେ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମୋଟ ୧୩ ହଜାର ଇଭିଏମ୍ ଆବଶ୍ୟକ ଥିବା ବେଳେ ୧୬ ହଜାର ୨୪୨ ରହିଛି। ଏଗୁଡ଼ିକ ଉତ୍ତରପ୍ରଦେଶର ୫ ଜିଲାରୁ ଏଠାକୁ ଆସିଥିଲା। ଯାଞ୍ଚ ବେଳେ ବିଜେଡି ଜିଲା ସମ୍ପାଦକ ମନୋଜ ପାଢ଼ୀ ଓ ଛତ୍ରପୁର ଭାଜପା ସଭାପତି ପ୍ରଦୀପ ପାଢ଼ୀ ଉପସ୍ଥିତ ଥିଲେ। ଆରଡିସିଙ୍କ ଅନୁଧ୍ୟାନ ବେଳେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଡିଆରଡିଏ ଏପିଡିପ୍ରିୟରଞ୍ଜନ ପୃଷ୍ଟିଓ ଡେପୁଟିକଲେକ୍ଟର (ନିର୍ବାଚନ) ବିଜୟ ନନ୍ଦ ସେଠୀ ଉପସ୍ଥିତ ଥିଲେ। ଗଞ୍ଜାମରେ ବୁଥ୍ ଯାଞ୍ଚ ବେଳେ ବିଡିଓ ଜ୍ୟୋତିଶଙ୍କର ରାୟ ଓ ସହକାରୀ ଯନ୍ତ୍ରୀ ପି. ଲୋକେଶ୍ୱର ଉପସ୍ଥିତ ଥିଲେ।

# ଜେଲରେ ହୋଇଥିଲା ବାବୁଙ୍କ ଫେରାର ଯୋଜନା

ଭଞ୍ଜନଗର,୧୨।୯(ଡି.ଏନ.ଏ)

- ଜାମିନରେ ଯାଇଥିବା ଅଭିଯୁକ୍ତ ଖସାଇ ନେଇଛନ୍ତି
- ଡିଆଇଜି ଘଟଣାର ତଦନ୍ତ କଲେ

ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରରୁ ମଙ୍ଗଳବାର ବିଚାରାଧୀନ ବନ୍ଦୀ ବାବୁ ନାୟକ ଫେରାର ଘଟଣାକୁ ୨ଦିନ ବିତିଯାଇଥିଲେ ମଧ ପୋଲିସ ତାଙ୍କର ପତ୍ତା ପାଉନାହିଁ। ବାବୁଙ୍କ ଫେରାର ଯୋଜନା ଜେଲରେ ହିଁ ହୋଇଥିଲା। ଏଥିପାଇଁ ବିଗତ କିଛିମାସ ମଧ୍ୟରେ ଭଞ୍ଜନଗର ଜେଲରୁ ଜାମିନରେ ଯାଇଥିବା ଅପରାଧୀମାନେ ବାବୁଙ୍କୁ ଫେରାର ହେବାରେ ସହାୟତା କରିଛନ୍ତି। ଏଥିସହ ବାବୁ ଜେଲରେ ମୋବାଇଲ ଫୋନ୍ ମଧ୍ୟ ବ୍ୟବହାର କରୁଥିବା ପୋଲିସ ସନ୍ଦେହ କରୁଛି। ଫେରାରର କିଛି ଘଣ୍ଟା ପୂର୍ବରୁ ସେ ଫୋନ ବ୍ୟବହାର କରିଥିବା ସନ୍ଦେହ କରାଯାଉଛି। କିନ୍ତୁ ପୋଲିସ ଉକ୍ତ ମୋବାଇଲ କିମ୍ବା ସିମ୍‌କୁ ଜବତ କରି ପାରିନାହିଁ। ଅପରପକ୍ଷେ ଏହି ଘଟଣାକୁ ଜେଲ ବିଭାଗ ଗୁରୁତର ସହ ନେଇଛି। ମଙ୍ଗଳବାର ରାତିରେ ଡ଼ିଆଇଜି ରଘୁନାଥ ମାଝୀ ଭଞ୍ଜନଗର ଜେଲ ପରିଦର୍ଶନରେ ଆସି ଘଟଣାର ତଦନ୍ତ କରି ଯାଇଛନ୍ତି। ଏନେଇ କିଛି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ରହିଛି। ଅପରପକ୍ଷେ ବାବୁ ଫେରାର ହେବାପରେ କନ୍ଧମାଳ ଜିଲା ଅଭିମୁଖେ ଚାଲିଯାଇଥିବା ଅନୁମାନ କରାଯାଉଛି। ପ୍ରକାଶଯେ, ବାବୁ ଜେଲରେ ବନ୍ଦୀ ଥିବା ସମୟରେ କିଛି ଅପରାଧୀଙ୍କ ସହ ତାଙ୍କର ସମ୍ପର୍କ ବଢ଼ିଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ବିଗତ ଦିନରେ ଜାମିନରେ ଯାଇଥିଲେ। କିନ୍ତୁ ବାବୁଙ୍କ ଜାମିନ ବାରମ୍ବାର ନାକଚ ହୋଇଯାଇଥିଲା। ତେଣୁ ସେ ଜେଲରେ ହିଁ ରହି ଫେରାର ଯୋଜନା କରିଥିଲେ। ଏଥିରେ କିଛି ଅପରାଧୀ ତାଙ୍କୁ ସାହାଯ୍ୟ କରିଛନ୍ତି।

# ସ୍କୁଲରୁ ପଙ୍ଖା ଚୋରି ଅଭିଯୋଗ

ଖଲ୍ଲିକୋଟ,୧୨।୯(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ କନ୍ହେଇପୁର ପଞ୍ଚାୟତରେ ଆରସିଏମ୍ ହାଇସ୍କୁଲ ଶ୍ରେଣୀ କକ୍ଷରୁ ୪ଟି ପଙ୍ଖା ଚୋରି ହୋଇଥିବା ପ୍ରଧାନ ଶିକ୍ଷକ ସନାତନ ଜାଲି ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି। କୌଣସି ଦୁର୍ବୃତ୍ତ ଝରକା ଭାଙ୍ଗି ପଙ୍ଖା ଚୋରି କରିଥିବା ଜଣାପଡ଼ିଛି। ସ୍କୁଲର ପରିସୀମା ଅଧିକା ରହିଥିବାରୁ ସ୍କୁଲର ରାତି ଜଗୁଆଳି ଜାଣି ପାରିନଥିଲେ। ଖବର ପାଇ ପୋଲିସ ତଦନ୍ତ ଚଳାଇଛି।

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ପଠାଇଲା ଜୀବିକା ସୁରକ୍ଷା ମଞ୍ଚ

ରାଇକିଆ,୧୨।୯(ଡ଼ି.ଏନ.ଏ)

ରାଇକିଆ ବ୍ଲକର ଜୀବିକା ସୁରକ୍ଷା ମଞ୍ଚ ତରଫରୁ ଶ୍ରମିକ ମଜୁରୀ ବଢାଇବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ଼ ମାଧ୍ୟମରେ ଚିଠି ପଠାଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ପ୍ରାପ୍ୟ ଦିନକୁ ୧୮୨ ଟଙ୍କା ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ନିମନ୍ତେ ୨୨୪ ଟଙ୍କା ସର୍ବନିମ୍ନ ମଜୁରି କରିଛନ୍ତି। ଏଥିଯୋଗୁଁ ଏମଜିଏନଆର୍‌ଇଜିଏସରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଦୈନିକ ୪୨ ଟଙ୍କା କ୍ଷତି ସହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜୀବିକା ସୁରକ୍ଷା ମଞ୍ଚ ତରଫରୁ ପୋଷ୍ଟକାର୍ଡ଼ ଅଭିଯାନ ମାଧ୍ୟମରେ ତୁରନ୍ତ ପ୍ରାପ୍ୟ ବଢ଼ାଇବାକୁ ଦାବି କରାଯାଇଛି। ବିଭିନ୍ନ ପଞ୍ଚାୟତର ଶ୍ରମିକମାନେ ଏକାଠି ହୋଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ପଠାଇଛନ୍ତି। ମଞ୍ଚର ସଦସ୍ୟା ପ୍ରମୋଦା ନାୟକ, ଶାନ୍ତିଲତା ନାୟକ, ସୁକେଶିନୀ ନାୟକ ପ୍ରମୁଖ ଏହି ଅଭିଯାନର ନେତୃତ୍ୱ ନେଇଥିଲେ।



ଶ୍ରମିକମାନେ ପୋଷ୍ଟକାର୍ଡ଼ ଚିଠି ପଠାଉଛନ୍ତି।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ



ଉପସ୍ଥିତ ବିଜୁ ଯୁବବାହିନୀର ସଦସ୍ୟ।

କନିଷି,୧୨।୯(ଡି.ଏନ.ଏ.): ବିଜୁ ଯୁବ ବାହିନୀ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମୁଁ ହିରୋ ମୁଁ ଓଡ଼ିଶା ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୩୨ଟି ପଞ୍ଚାୟତର କଲେଜ ପଢୁଆ ଯୁବତୀ ଯୁବକ ଓ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ତରଫରୁ ବିରାଟ ପଟୁଆର କାର୍ଯ୍ୟକ୍ରମ ହୋଇଥିଲା। ବିଜୁ ଯୁବ ବାହିନୀର ସଂଯୋଜକ ଭେଙ୍କେଟ କୁମାର ରାଉଳ, ବିଡିଓ କୁମାର ନାଗଭୂଷଣ, ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ପି. ଉଷାରାଣୀ, ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାଶ, ଗୋଳନ୍ଥରା ଥାନାଧିକାରୀ ଆଲୋକ ଜେନା, ବ୍ଲକ ସଭାପତି ସିଏଚ୍ ଭରତ, ଜିଲା ପରିଷଦ ସଭ୍ୟାସଭ୍ୟମାନେ ଯୋଗ ଦେଇଥିଲେ।

# ଖରିଫ ଫସଲ ବୀମାରୁ ବଞ୍ଚିତ ଚାଷୀ

ବେଗୁନିଆପଡ଼ା,୧୨।୯(ଡି.ଏନ.ଏ.)



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବିଡିଓଙ୍କୁ ଦାବିପତ୍ର ପ୍ରଦାନ**

ବେଗୁନିଆପଡ଼ା ବ୍ଲକରେ ଗତ ଖରିଫ ଫସଲ ରୋଗ ପୋକ ଯୋଗୁ କ୍ଷତି ହୋଇଥିଲା। କେତେକ ପଞ୍ଚାୟତରେ ଚାଷୀ ଫସଲ ବୀମା ଟଙ୍କା ପାଇଥିବା ବେଳେ କେତେକ ପଞ୍ଚାୟତ ବାଦ ପଡିଛନ୍ତି। ବୀମାରୁ ବାଦ୍ ପଡ଼ିଥିବା ଚାଷୀମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକର ଏସ. ଛଟିନା, ମର୍ଦ୍ଦକୋଟ, ଅଙ୍ଗାରଗାଁ, କେ.ବରିଡ଼ା ଓ ଦିଗାପଡ଼ା ପଞ୍ଚାୟତ ଏବଂ ଲଛିପୁର ଗ୍ରାମରେ ଆକଳନ ଠିକ୍ ହୋଇ ନ ଥିବା ଅଭିଯୋଗ ହୋଇଛି। ବୁଧବାର ଏସ.ଛଟିନା, ମର୍ଦ୍ଦକୋଟ ଓ ଅଙ୍ଗାରଗାଁର ବହୁ ଚାଷୀ ସରପଞ୍ଚଙ୍କ ଉପସ୍ଥିତିରେ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଏହାର ବିଚାର କରାଯାଇ କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ବ୍ଲକ ପରିସରରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରଦୀପ କୁମାର ପଣ୍ଡା କହିଛନ୍ତି, ବେଗୁନିଆପଡ଼ା ସହାୟକ କୃଷି ଅଧିକାରୀ, ଜିଲା କୃଷି ଅଧିକାରୀ ଓ ଜିଲାପାଳଙ୍କୁ ଚାଷୀଙ୍କ ଦାବି ସମ୍ପର୍କରେ ଜଣାଇ ଦିଆଯାଇଛି। ଏସ.ଛଟିନା ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ନାୟକ, ବ୍ଲକ ଉପାଧ୍ୟକ୍ଷ ଭ୍ରମର ଭୂୟାଁ, ମର୍ଦ୍ଦକୋଟ ସରପଞ୍ଚ ପ୍ରତିନିଧି ଦିପ୍ତି ପ୍ରକାଶ ନାୟକ, ଅଙ୍ଗାରଗାଁ ସରପଞ୍ଚ ସରୋଜ କୁମାର ସାହୁ, ଚାଷୀ ନୀଳାଞ୍ଚଳ ନାୟକ, ସନ୍ତୋଷ କୁମାର ନାୟକ, ଜଗନ୍ନାଥ ଗୌଡ଼, ବିଦେଶୀ ବେହେରା, କୈଳାସ ପାତ୍ର, ଦୈତାରୀ ପ୍ରଧାନ, ଯୋଗୀ ପାତ୍ର, ମାଧବ ଚରଣ ପାଇକରାୟଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଭାଜପା ମଣ୍ଡଳ ସଭାପତିଙ୍କ ବିଜେଡିରେ ଯୋଗଦାନ

ଦିଗପହଣ୍ଡି,୧୨।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଭାଜପା ମଣ୍ଡଳ ସଭାପତି ତଥା ଓକିଲ ପ୍ରଶାନ୍ତ କୁମାର ପାଣିଗ୍ରାହୀ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାଇଛନ୍ତି। ଦିଗପହଣ୍ଡି ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି ତାଙ୍କର ବହୁ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୀଷ୍ମଗିରି ଅଞ୍ଚଳର ଯୁବ ସଙ୍ଗଠକ ପ୍ରଶାନ୍ତଙ୍କ ସମେତ ଭାଜପାର ଭଗବାନ ସାହୁ, ଅନନ୍ତ ଗୌଡ଼, ସୀମାଞ୍ଚଳ ବାଡ଼ତ୍ୟା, କାଳିଆ ବିଶୋୟୀ ଓ କଂଗ୍ରେସର ରାଜେନ୍ଦ୍ର ମହାନ୍ତି, ହରି ସାହୁ ପ୍ରମୁଖ ବିଜେଡିରେ ଯୋଗ ଦେଇଥିବା ଯୋଗାଣ ମନ୍ତ୍ରୀ କହିଛନ୍ତି।ଭୀଷ୍ମଗିରି ଅଞ୍ଚଳର ବିଜେଡି ସଙ୍ଗଠକ ତଥା ସମିତିସଭ୍ୟ ନରେନ୍ଦ୍ର ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କହିଛନ୍ତି।



ମନ୍ତ୍ରୀଙ୍କ ସହ ବିଜେଡିରେ ଯୋଗ ଦେଇଥିବା ଭାଜପା ନେତୃବୃନ୍ଦ।

# ଛତ୍ରପୁରରେ ମୁଁ ହିରୋ ଅଭିଯାନ ଗାଡି

ଛତ୍ରପୁର,୧୨।୯(ଡି.ଏନ.ଏ)

ନିଜକୁ ଅଗ୍ରଣୀ ଭାବେ ପ୍ରତିପାଦିତ କରିବା ପାଇଁ ଯୁବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଜିଲାରେ ମୁଁ ହିରୋ ଅଭିଯାନ ଗାଡି ପରିକ୍ରମା କରୁଛି। ବିଜୁ ଯୁବ ବାହିନୀ ଏଥିରେ ସାମିଲ ହୋଇଛି। ୧୫ରୁ ୩୫ ବର୍ଷ ପର୍ଯ୍ୟନ୍ତ ଯେଉଁ ଯୁବକ ନିଜର କାର୍ଯ୍ୟ ଦକ୍ଷତା ବଳରେ ସମାଜରେ ପ୍ରଶଂସିତ ହୋଇଛନ୍ତି ଏବଂ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିପାରଛନ୍ତି ସେମାନଙ୍କୁ ଦିଗଦର୍ଶକ ଭାବେ ଉପସ୍ଥାପିତ କରାଯିବ। ଆଜିର ଯୁବଗୋଷ୍ଠୀ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଏହାର ସମାଧାନ ଉପରେ ସେମାନେ ମତାମତ ଦେବେ। ଏହି ଅଭିଯାନ ଗାଡି ବୁଧବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଡିଆରଡିଏ ଛକଠାରେ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛତ୍ରପୁର ବିଡିଓ ସଚ୍ଚିଦାନନ୍ଦ ନାୟକ, ବ୍ଲକ ଅଧ୍ୟକ୍ଷ ଏମ୍ ଧନଞ୍ଜୟ ରେଡ୍ଡୀ, ଜିଲାପରିଷଦ ସଭ୍ୟ ଏସ୍. କିଶୋର ରେଡ୍ଡୀ, ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ବିଜୁ ଯୁବ ବାହିନୀର ସୁଧୀର କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ ଆଗରେ ଡିଏସ୍‌ଓର ବିକ୍ଷୋଭ

ହିଞ୍ଜିଳିକାଟୁ,୧୨।୯(ଡି.ଏନ୍.ଏ.)

ବ୍ଲକଗ୍ରାଣ୍ଟ ଉଚ୍ଛେଦ ଏବଂ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷାରେ ପାସଫେଲ ବ୍ୟବସ୍ଥା ପ୍ରଚଳନ ଦାବିରେ ଅଲ ଇଣ୍ଡିଆ ଡିଏସଓ ପକ୍ଷରୁ ବୁଧବାର ବ୍ଲକ ଆଗରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ବ୍ଲକଗ୍ରାଣ୍ଟ ଶିକ୍ଷକ ଓ ଅଧ୍ୟାପକମାନଙ୍କ ଦାବିକୁ ସମର୍ଥନ କରାଯାଇଥିଲା। ଅଲ ଇଣ୍ଡିଆ ଡିଏସଓର ଗଞ୍ଜାମ ଜିଲା ଉପସଭାପତି ଉଦ୍ଧବ ମହାଙ୍କୁଡ଼, ସମ୍ପାଦକ ନିମାଇଁ ଚରଣ ସାହୁ, ଆଞ୍ଚଳିକ କମିଟିର ସଭାପତି ଡ଼ି. ତିରୁପତି ଦୋରା, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ରଞ୍ଜନ ସେଠୀ ଓ ପପୁନ ସାହୁଙ୍କ ସମେତ ସଙ୍ଗଠନର ଅନ୍ୟ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।




ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜାଗ୍ରତ କନ୍ଧମାଳର ଅଭିଯାନ ଆରମ୍ଭ

ଫୁଲବାଣୀ ଅଫିସ, ୧୨।୯

କନ୍ଧମାଳ ଜିଲାର ବିଭିନ୍ନ ସମସ୍ୟା, ଓବିସି, ଏସ୍‌ସି ଏବଂ ଏସ୍‌ଟି ସଂଖ୍ୟା ଲଘୁଙ୍କ ସାମ୍ବିଧାନିକ ଅଧିକାର, ବେକାରୀ ସମସ୍ୟାର ସମାଧାନ, ମେଡିକାଲ କଲେଜ ସ୍ଥାପନ, ନିଶାମୁକ୍ତ ଜିଲା ଆଦି ସମସ୍ୟାକୁ ନେଇ ବୁଧବାର ଜାଗ୍ରତ କନ୍ଧମାଳର ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ପ୍ରେସ୍ କ୍ଲବ ପରିସରରେ ଏହି ଅଭିଯାନର ଆରମ୍ଭ ହୋଇଥିବା ବେଳେ ସଙ୍ଗଠନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସଙ୍ଗଠନ ସଭାପତି ଭାବେ ଅଙ୍ଗଦ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ଉପ ସଭାପତି ମହାଦେବ ସାହୁ, ସାଧାରଣ ସମ୍ପାଦକ ବିଚିତ୍ରବୀର୍ଯ୍ୟ ପ୍ରଧାନ, ସତ୍ୟ ନାରାୟଣ ବେହେରା, ସମ୍ପାଦିକା ମେନକା ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ତ୍ରିନାଥ ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ରୂପେ ୭ ଜଣଙ୍କୁ ମନୋନୀତ କରାଯାଇଛି। ଏହି ସଂଗଠନ କୌଣସି ରାଜନୈତିକ ଉଦ୍ଦେଶ୍ୟରେ ନୁହେଁ, ଜିଲାର ସମସ୍ୟାକୁ ନେଇ ଗଢ଼ା ହୋଇଛି। ଜିଲାବାସୀଙ୍କ ସମସ୍ୟାକୁ ଏହି ସଂଗଠନ ସର୍ବଦା ଉପସ୍ଥାପିତ କରିବ ବୋଲି ସମ୍ପାଦକ ସତ୍ୟନାରାୟଣ ବେହେରା କହିଛନ୍ତି।




ସଙ୍ଗଠନ କର୍ମକର୍ତ୍ତାମାନେ।

### ବୁଦ୍ଧଖୋଲରେ ଜନ ସୁବିଧା କେନ୍ଦ୍ର ଉଦ୍‌ଘାଟିତ

ବୁଗୁଡ଼ା,୧୨।୯(ଡି.ଏନ.ଏ.)

ଓଡ଼ିଶା ପର୍ଯ୍ୟଟନ ବିଭାଗ ତରଫରୁ ବୁଦ୍ଧଖୋଲରେ ନିର୍ମିତ ଜନ ସୁବିଧା କେନ୍ଦ୍ର ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ର ଉଦ୍‌ଘାଟିତ ହୋଇଛି। ଏଥିରେ ବୁଦ୍ଧଖୋଲ ଉନ୍ନୟନ ସମିତିର କାର୍ଯ୍ୟକାରୀ ସଭାପତି ଧରଣୀଧର ପଣ୍ଡା, ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ବରୁଣ କୁମାର ସେନାପତି, ବୁଗୁଡ଼ା ଏନ୍ଏସି ଉପନଗରପାଳ ଚିତ୍ରସେନ ପ୍ରଧାନ, ପୂର୍ବତନ ସରପଞ୍ଚ କବିରାଜ ଗୌଡ଼, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମ ନାରାୟଣ ସାହୁ, ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ ପ୍ରମୁଖ ସଭ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ୨ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ସହ ସମ୍ପାଦକ ଗଙ୍ଗାଧର ବିଷୋୟୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା ପ୍ରଦାନ



ବ୍ରହ୍ମପୁର ଅଫିସ୍,୧୨।୯: ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ଉଦ୍ୟମରେ ତଥା ଜିଲା ରେଡକ୍ରସ୍‌ର ସହଯୋଗରେ ଗୁରୁ-ଛାତ୍ର କଲ୍ୟାଣ ପାଣ୍ଠି ଗଠନ କରାଯାଇଛି । ଏହି ପାଣ୍ଠିରେ ପ୍ରାୟ ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରହିଛି। କୌଣସି ଶିକ୍ଷକ କିମ୍ବା ଛାତ୍ରୀଛାତ୍ରଙ୍କୁ ଜରୁରିକାଳୀନ ପରିସ୍ଥିତିରେ ସହାୟତା ପ୍ରଦାନ କରିବା ହେଉଛି ଏହି ପାଣ୍ଠିର ଲକ୍ଷ୍ୟ । ମିଲିଟାରୀଲେନ୍‌ସ୍ଥିତ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ବେହେରାଙ୍କର ଗତ ୪ତାରିଖରେ ମୃତ୍ୟୁ ହୋଇଥିଲା । ତାଙ୍କ ପରିବାରକୁ ବୁଧବାର ସହାୟତା ପ୍ରଦାନ କରାଯାଇଛି । ସ୍ୱର୍ଗତ ପ୍ରଶାନ୍ତଙ୍କ ସ୍ତ୍ରୀ ଲକ୍ଷ୍ମୀ ବେହେରାଙ୍କୁ ୫ହଜାର ଟଙ୍କା ଦିଆଯାଇଛି ।

ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ରଙ୍କ ପରାମର୍ଶରେ ଏହି ଟଙ୍କା ପ୍ରଦାନ କରାଯାଇଛି । ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ, ଛତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ପ୍ରମୁଖ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାକ୍ଷାତ କରି ସହାୟତା ରାଶି ଦେଇଥିଲେ ।

### କଂସାରି ସମାଜ ମହୁରୀ ତାଲୁକାର କର୍ମକର୍ତ୍ତା ଚୟନ

ବ୍ରହ୍ମପୁର ଅଫିସ,୧୨।୯: ନିଖିଳ ଉତ୍କଳ କଂସାରି ସମାଜ ଗଞ୍ଜାମ ଜିଲା ଶାଖା ମହୁରିତାଲୁକା ଅଞ୍ଚଳର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡାସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରରେ ଅନୁଷ୍ଠିତ ବୈଠକରେ ସମାଜର ବିଭିନ୍ନ ଦାବି ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ମହୁରୀତାଲୁକା ଅଞ୍ଚଳ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ପ୍ରକାଶ ଚନ୍ଦ୍ର ସାହୁଙ୍କୁ ସଭାପତି ଓ ଭଗବାନ ସାହୁଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା । ଏଥିରେ ମହୁରୀତାଲୁକା ଅଞ୍ଚଳର ୩ଶହରୁ ଊର୍ଦ୍ଧ୍ୱ କଂସାରୀ କାରିଗର ଯୋଗ ଦେଇଥିଲେ । ଗୌରୀଶଙ୍କର ସାହୁ, ରାମଚନ୍ଦ୍ର ସାହୁ, କାର୍ତ୍ତିକ ସାହୁ ଓ ଅନ୍ୟମାନେ ସଭା ପରିଚାଳନା କରିଥିଲେ ।

■ ୩ ଦଫା ଦାବି ପୂରଣ ପାଇଁ

# ପାଇପ ଜଳ କର୍ମଚାରୀ ସଂଘର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୨।୯

ଜଳ ଯୋଗାଣ ବିଭାଗର ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସମେତ ୩ ଦଫା ଦାବି ପୂରଣ ପାଇଁ ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ବ୍ରହ୍ମପୁରରେ ଶୋଭାଯାତ୍ରା ଏବଂ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ ସମାବେଶ ଓ ଗଣଧାରଣା ଦିଆଯାଇଥିଲା । ସରକାର ତୁରନ୍ତ ଦାବି ପୂରଣ ନ କଲେ ଆସନ୍ତା ଦୁର୍ଗା ପୂଜା ଛୁଟିରେ କର୍ମଚାରୀମାନେ ସମୂହ ଛୁଟି ନେଇ ଜଳ ଯୋଗାଣ ବ୍ୟବସ୍ଥାକୁ ଅଚଳ କରିଦେବାର ଚେତାବନୀ ଦିଆଯାଇଛି। ଅନ୍ୟ ଦାବି ମଧ୍ୟରେ ବିଭାଗୀୟ ୱାର୍କଚାର୍ଜ କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ପ୍ରଦାନ ସହ ସେମାନଙ୍କୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଏବଂ କାର୍ଯ୍ୟରତ ନନ୍ ଏଚଆର କର୍ମଚାରୀ ଓ ଗ୍ରାମାଞ୍ଚଳ ଜଳଯୋଗାଣରେ ନିୟୋଜିତ ଏସଇଏମ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ ଅନ୍ତର୍ଭୁକ୍ତ ।

ଶତାଧିକ କର୍ମଚାରୀ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି ଓ ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଆସି ଆରଡିସିଙ୍କ ଅଫିସ ଆଗରେ ପହଞ୍ଚିଥିଲେ। ଜଳଯୋଗାଣ କର୍ମଚାରୀ ସଂଘ ନ୍ୟାଯ୍ୟ ଦାବି ପୂରଣରେ ସରକାରୀ ଅବହେଳାର କଡ଼ା ସମାଲୋଚନା କରାଯାଇଥିଲା। ଭାଷଣ ପ୍ରସଙ୍ଗରେ ନେତାମାନେ କହିଥିଲେ, ବର୍ତ୍ତମାନ ମହଙ୍ଗା ଯୁଗରେ ବିଭାଗରେ କାର୍ଯ୍ୟରତ ଶ୍ରମିକମାନେ ସର୍ବନିମ୍ନ ମଜୁରି ପାଇବାରୁ ବଞ୍ଚିତ ହୋଇଛନ୍ତି । ସେମାନେ ମାସିକ ୧୦୦୦ରୁ ୨୦୦୦ ଟଙ୍କା ପାଉଛନ୍ତି । ତାହା ମଧ୍ୟ ନିୟମିତ ମିଳୁ ନ ଥିବା ଅଭିଯୋଗ ହୋଇଥିଲା । ବହୁ ବର୍ଷରୁ ଅସ୍ଥାୟୀ ଏବଂ ୱାର୍କଚାର୍ଜ ଭାବେ ନିୟୋଜିତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଆନ୍ଦୋଳନ ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ । ତେଣୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଆରଡିସିଙ୍କ ଅଫିସରେ ଦିଆଯାଇଥିଲା ।

ଆନ୍ଦୋଳନରେ ସଂଘ ନେତା ଆମ୍ବରୀ ଜେନା, ସନ୍ତୋଷ କୁମାର ଗୌଡ଼, ଗୋପୀନାଥ ସାହୁ, ପ୍ରଶାନ୍ତ କୁମାର ଜେନା, ସୁରେନ୍ଦ୍ର ରାଉତ, ଶଙ୍କର୍ଷଣ ମହାରଣା, ତାରାସିଂ ବିଶ୍ୱାଳ, କବିରାଜ ସାହୁ, ବି. କ୍ରିଷ୍ଣା ରେଡ୍ଡୀ, ପି. ନରସିଂହ ଦାସ, ରାମକୃଷ୍ଣ ଜେନା, ପୂର୍ଣ୍ଣଚନ୍ଦ୍ର କୋଠିଆ, ସୀମାଞ୍ଚଳ ଗୌଡ଼ଙ୍କ ସମେତ ବିଭିନ୍ନ ଜିଲାର ଶତାଧିକ ସଂଘ ସଦସ୍ୟ ସାମିଲ ହୋଇଥିଲେ ।



ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ବିକ୍ଷୋଭ ଓ ଧାରଣା ।

# ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳୁନି ଜମା ପୁଞ୍ଜି

ବ୍ରହ୍ମପୁର ଅଫିସ୍,୧୨।୯

ଗୋଲ୍‌ଡେନ୍ ଲ୍ୟାଣ୍ଡ ପ୍ରପର୍ଟି ଏବଂ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡ୍‌ରେ ଟଙ୍କା ଜମା କରି କ୍ଷତିଗ୍ରସ୍ତ ହୋଇଥିବା ଜମାକାରୀଙ୍କୁ ଟଙ୍କା ଫେରାଇବା ଦିଗରେ ସରକାର ପଦକ୍ଷେପ ନେଉନାହାନ୍ତି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି କ୍ଷତିଗ୍ରସ୍ତ । ବୁଧବାର ସ୍ଥାନୀୟ ଏକ ହୋଟେଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ତୁରନ୍ତ ଟଙ୍କା ଫେରାଇବା ପାଇଁ ଦାବି କରାଯାଇଛି ।

ଉଭୟ ସଂସ୍ଥା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିବା ଯୋଗୁ ଏଜେଣ୍ଟ ଏବଂ ଜମାକାରୀମାନେ ଆସ୍ଥା ପ୍ରକଟ କରିଥିଲେ। ରିଅଲଇଷ୍ଟେଟ ବେପାରରେ ଲୋକମାନେ ପ୍ରବଳ ପୁଞ୍ଜି ନିବେଶ କରିଥିଲେ । କିନ୍ତୁ ଟଙ୍କା ନେଇ ଜମି ଦେଇପାରିଲାନି କମ୍ପାନୀ । ଅଭିଯୋଗ ପରେ ୨୦୧୩ ମେ'ରେ କମ୍ପାନୀକୁ ରାଜ୍ୟ ସରକାର ବନ୍ଦ କରିଦେଲେ । ଫଳରେ ହଜାର ହଜାର ଗରିବ, ଅସହାୟ, ନିରୀହ ଜନତାଙ୍କ ପୁଞ୍ଜି କମ୍ପାନୀରେ ଫସିଗଲା। ଟଙ୍କା ଫେରସ୍ତ ହୋଇପାରିଲାନି। ଲୋକମାନେ ଆର୍ଥିକ କ୍ଷତି ସହିଥିଲେ। ଏଜେଣ୍ଟ ଏବଂ ଜମାକାରୀମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଲେ ମଧ୍ୟ ସୁଫଳ ମିଳିଲାନି। ୨୦୧୫ରେ ହାଇକୋର୍ଟ ଏକ ମାମଲାର ଶୁଣାଣି କରି ଜମାକାରୀଙ୍କୁ ଚିହ୍ନଟ କରିବା ସହ କମ୍ପାନୀର ସ୍ଥାବର ସମ୍ପତ୍ତି ନିଲାମ କରି ଲବ୍ଧ ଅର୍ଥରେ ଜମାକାରୀଙ୍କୁ ଫେରସ୍ତ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କଟକ ଜିଲାପାଳଙ୍କ ୟୁକୋ ବ୍ୟାଙ୍କ ଆକାଉଣ୍ଟରେ କମ୍ପାନୀର ସମସ୍ତ ଜମା ଟଙ୍କା ସ୍ଥାନାନ୍ତର ହୋଇଥିଲା । ହେଲେ ଜମାକାରୀମାନେ ଟଙ୍କା ଫେରିପାଇଲେ ନାହିଁ । ୨୦୧୭ରେ ହାଇକୋର୍ଟ ପୁଣିଥରେ ଶୁଣାଣି କରି ବ୍ୟାଙ୍କରେ ଜମା ୮୪କୋଟି ଟଙ୍କା ଚିହ୍ନଟ ହୋଇଥିବା ଜମାକାରୀଙ୍କୁ ଫେରାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହେଉନାହିଁ। ବ୍ୟାଙ୍କରେ ଟଙ୍କା ପଡ଼ି ରହିଛି। ଅନ୍ୟପଟେ ଜମାକାରୀଙ୍କ ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ରାଜ୍ୟ ସରକାର ତୁରନ୍ତ ଟଙ୍କା ଫେରାଇବା ଦିଗରେ ପଦକ୍ଷେପ ନ ନେଲେ, ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଖବରଦାତା ସମ୍ମିଳନୀରେ କ୍ଷତିଗ୍ରସ୍ତ ଜମାକାରୀଙ୍କ ପ୍ରତିନିଧି ବିକ୍ରମ ବେହେରୁକ୍, ଏସ୍. ସଦାନନ୍ଦ ଦୋରା, ବାଳକୃଷ୍ଣ ପ୍ରଧାନ ଏବଂ ଭାଜପା ନେତା ଉତ୍ତମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜମାକାରୀଙ୍କ ପ୍ରତିନିଧିମାନେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ଣ୍ଣର



@ ବନିତା



@ ବୁଲୁ



@ ଶିବା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ସତ୍ୟଙ୍କ କାଗଜ, କାଠରେ ଗଣେଶ କଳାକୃତି



ଖବରକାଗଜରେ ତିଆରି ଗଣେଶଙ୍କ କଳାକୃତି ସହ ସତ୍ୟ ମହାରଣା ।

ବ୍ରହ୍ମପୁର ଅଫିସ,୧୨।୯

ପୂର୍ବରୁ କାଠ, ସାବୁନ, ଚକ୍‌ରେ ବହୁ କଳାକୃତି କରି ବହୁବାର ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା ସତ୍ୟନାରାୟଣ ମହାରଣା ପୁଣି ଆଉ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବାକୁ ଯାଉଛନ୍ତି । ଏଥର ସାବୁନ, ଚକ ନୁହେଁ ଖବର କାଗଜରେ ତିଆରି କରିଛନ୍ତି ବିଶ୍ୱର ସବୁଠୁ କ୍ଷୁଦ୍ର ଗଣେଶ ମୂର୍ତ୍ତି। ଯାହାର ଉଚ୍ଚତା ୯ ଇଞ୍ଚ ରହିଥିବା ବେଳେ ଓସାର ୩ ଇଞ୍ଚ ରହିଛି । ୩ ଘଣ୍ଟା ପରିଶ୍ରମ କରି ମାତ୍ର ୪ ଟି ଖବରକାଗଜରେ ଏହି କଳାକୃତି ତିଆରି କରିଛନ୍ତି । ସେହିପରି କାଠରେ ୪.୮ ସି.ଏମ୍. ଉଚ୍ଚତା ଓ ୩ ସି.ଏମ୍. ଓସାରର ଅନ୍ୟ ଏକ ବିଶ୍ୱର କ୍ଷୁଦ୍ର ଗଣେଶ ମୂର୍ତ୍ତି ତିଆରି କରିଛନ୍ତି । ଗମ୍ଭାରୀକାଠରେ ନିର୍ମିତ ଏହି ମୂର୍ତ୍ତିକୁ ତିଆରି କରିବାକୁ ୪ ଘଣ୍ଟା ସମୟ ଲାଗିଥିବା ବେଳେ ଏହାର ଓଜନ ୩୦ ଗ୍ରାମ ରହିଥିବା ଶିଳ୍ପୀ ମହାରଣା କହିଛନ୍ତି । ଏହି ଦୁଇ ମୂର୍ତ୍ତି ଅଗାମୀ ଦିନରେ ପୁଣି ବିଶ୍ୱରେକର୍ଡ ସ୍ଥାନ ପାଇବା ନେଇ ସେ ଆଶା କରିଛନ୍ତି ।

ସୂଚନାଯୋଗ୍ୟ, ଏହାପୂର୍ବରୁ ୨୦୧୭ ଗଣେଶ ପୂଜା ଅବସରରେ ୨୦୭ ସାବୁନରେ ୩ ଫୁଟ ଉଚ୍ଚତା ଓ ୨ ଫୁଟ ଓସାର ବିଶିଷ୍ଟ ଗଣେଶଙ୍କ କଳାକୃତି ତିଆରି କରି ଇଣ୍ଡିଆ ବୁକ ଅଫ ରେକର୍ଡରେ ନାମ ସ୍ଥାନୀତ କରିଥିଲେ । ଏହି କଳାକୃତିରେ ବ୍ୟବହୃତ ସମସ୍ତ ସାବୁନରେ ଗଣେଶଙ୍କ ମୂର୍ତ୍ତି ନିର୍ମିତ ହୋଇଥିବା ବେଳେ ପ୍ରତ୍ୟେକ ପରସ୍ପରଠାରୁ ଭିନ୍ନ ଥିଲା । ଯାହା ସମସ୍ତଙ୍କୁ ଚକିତ କରିଥିଲା। ସେହିବର୍ଷ ଚକପିସରେ ୩ ଏମ୍.ଏମ୍. ଉଚ୍ଚତା, ସାବୁନରେ ଏକ ଇଞ୍ଚ ଉଚ୍ଚତା ବିଶିଷ୍ଟ ବିଶ୍ୱର ସବୁଠୁ କ୍ଷୁଦ୍ର ଗଣେଶ ମୂର୍ତ୍ତି ତିଆରି କରି ୱାର୍ଲ୍ଡ ରେକର୍ଡ ସେକ୍ଟରରେ ନାମ ସ୍ଥାନୀତ କରିବା ସହ ବିଶ୍ୱରେ ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ଏହାବ୍ୟତୀତ ରଥଯାତ୍ରା ଅବସରରେ କାଠରେ ବିଶ୍ୱର କ୍ଷୁଦ୍ର ରଥ ନିର୍ମାଣ କରି ବିଶ୍ୱରେ ରେକର୍ଡ ସୃଷ୍ଟି କରିବା ସହ ଚକ ଓ ସାବୁନରେ ବହୁ କ୍ଷୁଦ୍ର କଳାକୃତି ନିର୍ମାଣ କରି ବହୁବାର ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି।

# ଗଞ୍ଜାମରେ ୩୦ ପ୍ରତିଶତ ବାଲ୍ୟ ବିବାହ

ବ୍ରହ୍ମପୁର ଅଫିସ୍,୧୨।୯

ଭାରତୀୟ ସମାଜରେ ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି । ବାଲ୍ୟ ବିବାହକୁ ରୋକିବା ପାଇଁ ଦୀର୍ଘ ୯୦ବର୍ଷ ହେଲା ଆଇନ ପ୍ରଣୟନ ହୋଇଛି । ତଥାପି ଏହି ବିବାହକୁ ରୋକାଯାଇ ପାରୁନି। ସାମାଜିକସ୍ତରରେ ବ୍ୟାପକ ସଚେତନତା ଦ୍ୱାରା ହିଁ ବାଲ୍ୟ ବିବାହକୁ ରୋକଯାଇପାରିବ । ସ୍ଥାନୀୟ ଟାଉନ୍‌ହଲ୍‌ରେ ଆୟୋଜିତ 'ବାଲ୍ୟ ବିବାହ ଓ ମାନବ ଚାଲାଣରେ ଶିକାର ହୋଇଥିବା ପୀଡ଼ିତାଙ୍କୁ ଉଦ୍ଧାର ଓ ଥଇଥାନ' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ ଅଧ୍ୟକ୍ଷା ଲତିକା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମେୟର୍ କେ.ମାଧବୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଏମ୍‌ସି କମିଶନର୍ ଚକ୍ରବର୍ତ୍ତି ସିଂ ରାଠୋର୍, ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ରେଡ୍ଡୀ, ସମାଜ ମଙ୍ଗଳ ବୋର୍ଡ଼ ସମ୍ପାଦକ ଏସ୍.କେ. କଟବୁଦ୍ଦିନ୍ ପ୍ରମୁଖ ମଞ୍ଚାସୀନ ଥିଲେ । ୟୁନିସେଫର ଘୋଷଣାନାମା ଅନୁଯାୟୀ ୧୮ବର୍ଷ ପୂର୍ବରୁ ଝିଅମାନଙ୍କୁ ବିବାହ ଦେବା ଅନୁଚିତ। ଏହା ମାନବ ଅଧିକାରର ଉଲ୍ଲଙ୍ଘନ। ୧୯୨୯ ରୁ ବାଲ୍ୟ ବିବାହକୁ ବେଆଇନ୍ ଘୋଷଣା କରାଯାଇଛି। ତଥାପି ଭାରତରେ ବାଲ୍ୟବିବାହ ବର୍ତ୍ତମାନ ଯାଏ ଦେଖିବାକୁ ମିଳୁଛି । ଦାରିଦ୍ର୍ୟତା, କୁସଂସ୍କାର ଓ ଅର୍ଥନୈତିକ ସ୍ୱଚ୍ଛଳତା ଅଭାବରୁ ବାଲ୍ୟ ବିବାହ ହେଉଛି । ରୁଢ଼ିବାଦୀ ହିନ୍ଦୁ ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର ତଥା ଶିକ୍ଷାର ଅଭାବ ଯୋଗୁ ଏହି ପ୍ରଥା ବନ୍ଦ ହୋଇପାରୁନି ବୋଲି ବକ୍ତାମାନେ କହିଥିଲେ। କମ୍ ବୟସରେ ବିବାହ ଯୋଗୁ ଶିଶୁ ମୃତ୍ୟୁ ଏବଂ ମାତୃ ମୃତ୍ୟୁ ବଢୁଛି। ସର୍ବଭାରତୀୟସ୍ତରରେ ଓଡ଼ିଶାର ସ୍ଥାନ ୧୩ତମ ରହିଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ ଓଡ଼ିଶାର ମାଲକାନଗିରିରେ ସର୍ବାଧିକ ବାଲ୍ୟ ବିବାହ ଦେଖିବାକୁ ମିଳିଛି । ଏହି ଜିଲାରେ ୩୯.୩ ପ୍ରତିଶତ ବାଲ୍ୟ ବିବାହ ହେଉଛି । ଗଞ୍ଜାମରେ ୨୯.୮ପ୍ରତିଶତ ବାଲ୍ୟ ବିବାହ ହେଉଛି । ବାଲ୍ୟ ବିବାହ ଭଳି କୁ- ପ୍ରଥାକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ବାଲ୍ୟ ବିବାହ ନିଷେଧ ଅଧିନିୟମ- ୨୦୦୬ ଲାଗୁ ହୋଇଛି । ୨୦୧୭ ରେ ଉଚ୍ଚତମ ନ୍ୟାୟାଳୟର ନାବାଳିକା ଯୌନ ନିର୍ଯାତନା ସମ୍ବନ୍ଧୀୟ ଏକ ମାମଲାରେ ନାବାଳିକା ପତ୍ନୀଙ୍କ ସହ ଶାରୀରିକ ସମ୍ପର୍କକୁ ଅପରାଧ ବୋଲି ନିର୍ଦ୍ଦେଶ ଦିଆଯାଇଛି । ତଥାପି ବାଲ୍ୟ ବିବାହ ରୋକାଯାଇ ନ ପାରିବା କ୍ଷୋଭର ବିଷୟ ବୋଲି ବକ୍ତାମାନେ କହିଥିଲେ। ସେହିଭଳି ମାନବ ଚାଲାଣ ଅନ୍ୟତମ ବଡ଼ ସଂଗଠିତ ଅପରାଧ । ଓଡ଼ିଶାରେ ଗତ ବର୍ଷ ପ୍ରାୟ ଦୁଇ ହଜାର ମାନବ ଚାଲାଣ ଜନିତ ଅଭିଯୋଗ ରୁଜୁ ହୋଇଛି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହାର ପ୍ରଭାବ ଅଧିକ ରହିଛି ବୋଲି ଆଲୋଚନା ହୋଇଥିଲା ।



ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି ଏବଂ ବକ୍ତା ।

## ବ୍ୟାଙ୍କ ଏଜେଣ୍ଟଙ୍କ ମୃତଦେହ ବୁଧବାର ଏକ ପରିତ୍ୟକ୍ତ କୂଅରୁ ଉଦ୍ଧାର ପରେ ପୋଲିସ ଖୋଳତାଡ଼ କରୁଛି।



ବଡଗୁମୁଲା ସ୍ଥିତ ଡାକ୍ତରଙ୍କ ପ୍ଲଟରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଏଏସ୍‌ପି ପ୍ରଭାତ ରାଉତରାୟଙ୍କ ସମେତ ସ୍ୱତନ୍ତ୍ର ପୋଲିସ ଟିମ୍।



ଡାକ୍ତରଙ୍କ ପ୍ଲଟରେ ସନ୍ଧାନୀ କୁକୁର।



ଡାକ୍ତରଙ୍କ ନର୍ସିଂହୋମ୍‌କୁ ସିଲ୍ କରାଯାଇଛି ।



ଗିରଫ ଗଙ୍ଗା ବେହେରା।

GOVERNMENT OF ODISHA
e-mail: rwd_malkangiri@yahoo.co.in

## OFFICE OF THE EXECUTIVE ENGINEER RURAL WORKS DIVISION-I, MALKANGIRI

## NATIONAL COMPETITIVE BIDDING THROUGH e-Procurement

**Identification No. Online Tender 08/MKG/2018-19**

1. Name of the work : Road and building works (detailed in annexure)
2. Total number of works : 06 (Six) numbers
3. Tender cost : From Rs. 7.06 lakhs to 22.10 lakhs
4. Class of contractor : 'D', 'C' & 'B' Class contractors
5. Period of completion : 03 (Three) calendar months (Detailed in annexure)
6. Other details

No.744-O

| Procurement Officer | Bid Identification No. | No. of works | Availability of tender on-line for bidding From | To | Last date & time of seeking tender clarification | Date & time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender /08 / RWD-I, MKG/ 2018-19 | 06 (Six) Nos. of Road & Building works | 15.09.2018 from 11.00 AM | 26.09.2018 upto 5.00 PM | 25.09.2018 upto 5.00 P.M. | 27.09.2018 at 11.30 AM |

Further details can be seen from the website **www.tenderorissa.gov.in**.

25058/11/0010/1819

**Executive Engineer, R. W. Division-I, Malkangiri**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍–୮, ଭୁବନେଶ୍ୱର– ୭୫୧୦୧୨

ସଂଖ୍ୟା : ୧୦୭୯୭ / IND-II-PH-760 ତାରିଖ : ୧୨.୦୯.୨୦୧୮

## ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଆରିୟନ୍ ମାଇନିଙ୍ଗ୍ ଏବଂ ଟ୍ରେଡିଙ୍ଗ କର୍ପୋରେସନ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲ୍ ଅନ୍ତର୍ଗତ କୋଇଡ଼ା, କାଶିରା ଏବଂ କାଠମାଳ ଆର୍.ଏଫ୍. ଗ୍ରାମରେ ୩୪୯.୨୫୪ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ନାରାୟଣପୋଷି ଲୌହ ଏବଂ ମାଙ୍ଗାନିଜ୍ ଖଣିର ଲୌହ ଖଣିଜ ଉତ୍ପାଦନ କ୍ଷମତା ବାର୍ଷିକ ୩.୦ ନିୟୁତ ମେଟ୍ରକ ଟନ୍‌ରୁ ୬.୦ ନିୟୁତ ମେଟ୍ରକ ଟନ୍‌କୁ ବୃଦ୍ଧି କରିବା ଏବଂ ଅବସ୍ଥିତ ମାଙ୍ଗାନିଜ ଖଣିଜ ଉତ୍ପାଦନ ବାର୍ଷିକ ୦.୦୩୬ ନିୟୁତ ମେଟ୍ରକ ଟନ୍ ଏବଂ ବାର୍ଷିକ ୨.୦ ନିୟୁତ ମେଟ୍ରିକ ଟନ୍ ବିଶିଷ୍ଟ ବିଶୋଧନାଗାର, ଖଣିଜ କ୍ରସର, ସ୍କ୍ରିନିଙ୍ଗ କାରଖାନା ସ୍ଥାପନ କରିବା** ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ''ସର୍ବସାଧାରଣ ଶୁଣାଣି'' **ତା୧୦।୦୯।୨୦୧୮ ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲ୍ ଅନ୍ତର୍ଗତ କାଶିରା ଗ୍ରାମ ଖେଳ ପଡ଼ିଆରେ** ହେବାକୁ ଧାର୍ଯ୍ୟ ହୋଇଥିଲା। ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: "The New Indian Express" ଏବଂ ''ଧରିତ୍ରୀ''ରେ ତା୦୯।୦୮।୨୦୧୮ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ତା.୧୦।୦୯।୦୧୮ରିଖରେ ଭାରତ ବନ୍ଦ ଯୋଗୁଁ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି **ତା୧୫।୧୦।୨୦୧୮ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲ୍ ଅନ୍ତର୍ଗତ କାଶିରା ଗ୍ରାମର ଖେଳପଡ଼ିଆଠାରେ** ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା. ୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କ ଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୧୫.୧୦.୨୦୧୮ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲ୍ ଅନ୍ତର୍ଗତ କାଶିରା ଗ୍ରାମର ଖେଳପଡ଼ିଆଠାରେ ଧାର୍ଯ୍ୟ** ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼ ।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼ ।**
୩. ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼ ।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର–୭୫୧ ୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା।**
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ରାଉରକେଲାସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

## OFFICE OF THE MUNICIPAL COUNCIL, DHENKANAL

**DHENKANAL (ODISHA), PIN- 759001**

Tel. No. 06762-224401(O), FAX No. 06762-223355, E-mail: dhenkanalm.hud@gmail.com

No. 3966 Date: 12.09.2018

## DETAILED TENDER CALL NOTICE

Sealed tenders in two bid system (Double Cover System) 1. Technical Bid, 2. Financial Bid) in prescribed form in conformity with the detailed Tender Call Notice are invited by Dhenkanal Municipal Council for the following works from registered Firms / Entrepreneur / NGO / Private Companies satisfying the eligibility criteria given below so as to reach the undersigned by 4.00PM on or before Dt.01.10.2018 by Regd. Post or Speed Post or dropping in the sealed tender box. The tender will be opened on 03.10.2018 at 3.00PM in presence of available tenderers or their authorized representatives. In absence of both the tender document can be opened. The tender document receive beyond the scheduled date and time as indicated above can not be considered.

Tender documents for the works will be available from the office of the undersigned on any working day during office hours from Dt.17.09.2018 to 01.10.2018 on payment of Rs. 10,000.00 (Rupees Ten thousand) only on payment of cash or demand draft from any Nationalized Bank drawn in favour of "THE EXECUTIVE OFFICER, DHENKANAL MUNICIPALITY" payable at Dhenkanal.

The bidders have to submit the bid documents duly filled up along with the attested photocopies of qualifying documents as indicated below for verification.

| Sl. No. | Name of the work | Period of Contract | Cost of tender document |
|---|---|---|---|
| 1. | **Package-1** Road Sweeping, Drain Cleaning, Bush Cutting, Lifting of Garbage from the wards to the identified dumping yard at Banjhakusum & Door to Door Collection of Municipal Solid Waste in respective wards in ward no. 01 to 11 (Total No. of wards- 11) & etc. | One year from the date of agreement Estimated cost: **Rs. 1,75,17,324.00** | Rs. 10,000.00 |
| 2. | **Package-2** Road Sweeping, Drain Cleaning, Bush Cutting, Lifting of Garbage from the wards to the identified dumping yard at Banjhakusum & Door to Door Collection of Municipal Solid Waste in respective wards in ward no. 12 to 23 (Total No. of wards- 12) & etc. | One year from the date of agreement Estimated cost: **Rs. 1,48,83,168.00** | Rs. 10,000.00 |

**Important Points:**

Tender will be two bid systems and financial bid will be opened those who will be qualified technically.

**Techanical Requirement for the bidders:**

If a bidder will fail to produce any of the below mentioned document his/her tender will be outright rejected.

1. Copy of Registration certificate.
2. Copy of valid GST Registration certificate.
3. Copy of valid labour license (Min. 300 nos.)
4. Copy of PAN Card & IT returns for last 3 years (FY 2015-16, 2016-17, 2017-18).
5. Copy of last 3 years Audit reports with turnover certificate issued by Chartered Accountant having average turnover Rs. 20 lacs.
6. Valid contractor license.
7. Solvency certificate of Rs. 25 lacs.
8. Copy of E.P.F. & E.S.I. registration certificate and upto date deposit challan & ECR copy (300 nos.) for sanitation works only.
9. Copy of EPF & ESI deposit Challan for last one year.
10. Experience certificate for atleast 2 years issued by NAC, Municipality or Corporation.
11. Affidavit regarding authentication of documents attached with the bid.
12. The bidders have to deposit the earnest money deposit (E.M.D.) @ 1% of their total quoted value for the period of contract in shape of Demand Draft from any nationalized bank in favour of "THE EXECUTIVE OFFICER, DHENKANAL MUNICIPALITY" which is refundable to the unsuccessful tenderer on demand.
13. The tenderer must enclose the money receipt towards purchase of tender documents.

The authority reserves right to accept or reject any or all the bid without assigning any reason thereof.

*Sd./- Executive Officer, Dhenkanal Municipality*

See Career Appointment on every **Wednesday & Saturday**

## ZILLA SWASTHYA SAMITI, KORAPUT

**District Programme Management Unit**
**NATIONAL HEALTH MISSION**
**E-mail: nhmkpt@gmail.com, Phone: 06852-250242**

**Advt. No: 4590/NHM/2018** **Date: 07.09.2018**

**NOTICE INVITING BID**

**FOR TRANSPORTATION OF SANITARY NAPKIN (KHUSI), O/o CDM & PHO, KORAPUT**

Bids are invited from eligible transporters to transport Khusi-Sanitary Napkin from the Block Warehouses of Koraput District to different Govt. Schools under the 14 numbers of Blocks. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www. koraput.nic.in. The last date of submission of bid is on or before 21.09.2018 by 04 P.M. to the O/o- CDM & PHO, Jail Road Koraput through Speed Post/Regd. Post/Courier only. The undersigned reserves the right to cancel any or all the bids without assigning any reason thereof.

**Sd./- Collector & District Magistrate, Koraput**

## PANCHAYAT SAMITI, SUKINDA

**Tender Notice No.: 2230** **Dated: 10.09.2018**

1. Sealed percentage rate bids are invited by Panchayat Samiti, Sukinda, in single cover separately for 11 No.s of works as detailed in the DTCN No. 2230 dated 10.09.2018, from contractor registered with the State Government and contractors of equivalent Grade/Class registered with other State Government/Central Government/MES/Railways mentioned in Column No.-5 in Tender Call Notice for execution of civil works on production of definite proof from the appropriate authority in prescribed form.
2. Bid documents shall be available for sell during office hours in the Office of the Panchayat Samiti, Sukinda, Jajpur with effect from the date of publication of this notice in Newspaper. The documents can be downloaded from the district website **www.jajpur.nic.in**. The cost of the tender paper as specified in Col. 6 of the 2230 dated 10.09.2018 shall be paid at the time of purchase through Bankers Cheque/Bank Draft drawn in favour of BDO, Sukinda, payable at SBI, Sukinda. In case of downloaded document, the Bankers Cheque/Bank Draft shall be attached to the bid document. The cost of the tender paper is non-refundable once paid.
3. Bids in seald cover addressed to Block Development Officer, At/P.O.- Sukinda, District- Jajpur, PIN - 755018 shall be received till **Dt.27.09.2018 upto 5.00 P.M. through Registered Post/Speed Post only.** The authority will not be responsible for postal delay in the delivery of the documents or non-receipt of the same. The envelope containing bid document should be superscribed with **"Tender Call Notice No.- 2230 dated 10.09.2018, Wrok Sl. No. ........"** for the purpose of identification.
4. The tender will be opened at **11.00 A.M. on 28.09.2018** in the Conference Hall of Panchayat Samiti, Sukinda.
5. The undersigned reserves the right to negotiate/reject any or all the tenders in the interest of the Govt. with or without assigning any reason thereof. Any dispute in this matter will be subject to Jajpur district jurisdiction. **The bids of the defaulting contractors of this Block are liable for rejection**.

**Sd./- Block Development Officer, Sukinda**

## BHUBANESWAR MUNICIPAL CORPORATION

**No. 30369** **NATIONAL COMPETITIVE BIDDING THROUGH e-Procurement** **Date.11.09.2018**

**Bid Identification No-BMC-DD-CE-02/2018-19**

On behalf of the Commissioner, Bhubaneswar Municipal Corporation (BMC), City Engineer, Bhubaneswar Municipal Corporation invites **Percentage Rate Bids for the work mentioned below** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid/Price Bid/BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website **www.tendersodisha.gov.in** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer, Bhubaneswar Municipal Corporation, Bhubaneswar.

| Sl. No. | Name of the work | Approx. Estimated Cost In Rs. | E.M.D in Rs. * | Cost of Bid Documents Including GST in Rs. | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | **CONSTRUCTION OF INTERNAL DRAINAGE SYSTEM WITH COVER SLAB AT ANANTA VIHAR PHASE - II,POKHARIPUT WARD NO-62** | **77,05,357/-** | **77,100/-** | **11,200/-** | **9 Months** | **'B' and 'A' Class'** |

1. **Time Schedule for Bidding:**

| Sl.No. | Description | Critical Dates |
|---|---|---|
| i | **Period of availability of tenders on-line for bidding** | **From Dt.15.09.2018 (10.00 AM) to Dt.01.10.2018 (5.00 PM)** |
| ii | **Last date & time of seeking clarifications (if any)** | **Dt.01.10.2018 (11.00 AM)** |
| iii | **Last date & time of bidding On-line** | **Dt.01.10.2018 (5.00 PM)** |
| iv | **Last date & time of submission of hard copies of the documents through Regd. Post/Speed Post as per Sl. 4 of DTCN Part-I, Section-I** | **Dt.05.10.2018 (5.00 PM)** |
| v | **Date & time of opening of the Hard Copy Documents received through Regd. Post/Speed Post vide Sl.iv above and Technical Bids received on-line** | **Dt.06.10.2018 (11.00 AM onwards)** |
| vi | **Date & time of opening of Price Bid/Financial Bid/ DTCN Part-II** | **To be intimated later to the bidder(s) found qualified after checking and evaluation of hard copy documents received through post and after evaluation of Technical Bids received on-line** |

2. Other Details can be seen in the bidding document DTCN available in website **www.tendersodisha.gov.in( for view, download and bidding) and in BMC website www.bmc.gov.in (for view and download only).**
3. Subsequent corrigendum, if required shall appear in these websites.
4. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

**By Order of Commissioner, BMC**

**City Engineer**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**

## କେନ୍ଦୁଝରଗଡ ପୌରପରିଷଦ କାର୍ଯ୍ୟାଳୟ, କେନ୍ଦୁଝରଗଡ

**ପତ୍ର ସଂଖ୍ୟା: ୮୫୧୧** **ତା. ୧୧।୦୯।୨୦୧୮**

### ନୋଟିସ୍

ଏତଦ୍ୱାରା କେନ୍ଦୁଝରଗଡ ପୌରାଞ୍ଚଳର ସମସ୍ତ ଅଧିବାସୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଡ଼ହଳ/ ଡି.ଡି. କଲେଜ ନିକଟରେ ଭେଣ୍ଡିଂ ଜୋନ/ଧାଙ୍ଗଡପଡା ସ୍ଥିତ ମାଛ/ମାଂସ ଦୋକାନ ଗୃହ ଓ ଷ୍ଟେଟ ବ୍ୟାଙ୍କ ପଛପାଖ ଦୋକାନ ଘର ଆବଣ୍ଟନ କରି ଭଡ଼ା ସୂତ୍ରରେ ଦିଆଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଅଛି। ଏଣୁ ଇଚ୍ଛୁକ ବ୍ୟକ୍ତିମାନେ ତା.୧୨।୦୯।୨୦୧୮ରିଖଠାରୁ ତା୧୯।୦୯।୨୦୧୮ରିଖ (୨.୦୦ ଟିକା) ମଧ୍ୟରେ ପୌର କାର୍ଯ୍ୟାଳୟରେ ଟ.୧୦୦.୦୦ (ଏକ ଶହ) ଟଙ୍କା ଅଣଫେରସ୍ତ ଦାଖଲ କରି ନିର୍ଦ୍ଧାରିତ ଫର୍ମ ସଂଗ୍ରହ କରି ତା.୨୦।୦୯।୨୦୧୮ରିଖ (୫.୦୦ ଟିକା) ସୁଦ୍ଧା ପୌର କାର୍ଯ୍ୟାଳୟରେ ଦାଖଲ କରନ୍ତୁ। ଯେଉଁ ବ୍ୟବସାୟୀମାନେ ପୂର୍ବରୁ ସେଠାରେ ବସି ବ୍ୟବସାୟ କରୁଥିଲେ ସେମାନଙ୍କୁ ଆବଣ୍ଟନ ନିମନ୍ତେ ଅଗ୍ରାଧିକାର ଦିଆଯିବ ଏବଂ ଏହି ଆବଣ୍ଟନ ଦୋକାନ ଘର ସରିବା ପର୍ଯ୍ୟନ୍ତ ଚାଲୁ ରହିବ। ଏଥି ନିମନ୍ତେ ଆଉ ଖବର କାଗଜରେ ପ୍ରକାଶନ କରାଯିବ ନାହିଁ।

**ସ୍ୱା./- ନିର୍ବାହୀ ଅଧିକାରୀ, କେନ୍ଦୁଝରଗଡ ପୌରପାଳିକା**

## ODISHA STATE ROAD TRANSPORT CORPORATION, KEONJHAR

No. 1358 Date: 12.09.18

### TENDER NOTICE

The tender notice issued vide No. 1358, dt.12.09.18 for license of 10 nos. of open space measuring an area 8'×10' each located in the OSRTC Land of Keonjhar Unit as detail below.

1. Tender form will be sold upto 30.09.18.
2. The sealed tender paper will be received at Keonjhar Unit upto 3.00PM on 03.10.18 & same will be opened at 4.00PM on 03.10.18.

Other terms & conditions laid down in the tender notice No. 1358, dt.12.09.18.

For details of tender including tender schedule, terms and conditions, please visit our website www.osrtc.in.

*By order of Chairman-cum-Managing Director*
***Sd./- Unit In-Charge, OSRTC, Keonjhar***

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 11 ରେ ପ୍ଲଟ ନଂ – 11-2E/602 ଟିକୁ ଶ୍ରୀ ବି.ଭି. ଜଗନ୍ନାଥ ରାଓ, ପି – ଂ ବି.ବାଳକ୍ରିଷ୍ଣା ରାଓ, ସା – ପ୍ଲଟ ନଂ – ଏଲ–ବି/୨୬୦, ବ୍ରିଟ କଲୋନୀ, ବଡଗଡ, ଭୁବନେଶ୍ୱର, ଜିଲ୍ଲା – ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବି.ଭି. ଜଗନ୍ନାଥ ରାଓ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଜ୍ୟୋତିର୍ମୟୀ ରାଉତ, ସ୍ୱା – ଶ୍ରୀ ସଂକଳ୍ପ କେଶରୀ ଭୋଳ, ସା – କୃଷ୍ଣଶ୍ୟାମପୁର, ପୋ/ଥା – ଖୁଣ୍ଟଣୀ, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସଚିବ**

## STEEL AUTHORITY OF INDIA LIMITED

**Rourkela Steel Plant**
Rourkela - 769 011, Odisha, India

Tender Notice for "BED PREPARATION FOR LIGHT UP ACTIVITIES OF M.P. BOILERS #3 IN CPP-I"
Tender No: 021/287/1882000378/01/00/500005849, Dtd. 08.09.2018
Last Date & Time of Tender Submission: 04:00 PM on Dtd. 24.09.2018

Corrigendum To Tender Notice for "RELINING /REPAIR OF H.M. MIXER IN SMS-II"
Tender No: 021/595/1882000503/01/00/500005800, Dtd. 22.08.2018
Extended Last Date & Time of Tender Submission:04:00PM on Dtd. 22.09.2018

Tender Notice for " REPAIR / OVER HAULING OF CRANES, HOISTS, BASE FRAME & STRUCTURALS"
Tender No: 021/221/1882000048/01/00/500005644, Dtd. 02.08.2018
Last Date & Time of Tender Submission: 04:00 PM on Dtd. 19.09.2018

Tender Notice for "ADDITONAL ESP ELECTRICS MAINTENANCE"
Tender No: 021/342/1882000242/01/00/5768, Dtd. 06.08.2018
Last Date & Time of Tender Submission: 04:00 PM on Dtd. 22.09.2018

Tender Notice for "PROCESS ESP # 1 & ESP # 2 ELECTRICS MAINTENANCE"
Tender No: 021/342/1882000220/01/00/500005749, Dtd. 02.08.2018
Last Date & Time of Tender Submission: 04:00 PM on Dtd. 22.09.2018

Tender Notice for "REMOVAL OF DUST , MUCK ETC FROM ROOF TOPS, BELT GALLERIES OF SP-III DESPATCH AREA"
Tender No: 021/621/1888100048/01/00/500005733, Dtd. 01.08.2018
Last Date & Time of Tender Submission: 04:00 PM on Dtd. 19.09.2018

Corrigendum To Tender Notice for "MAINT. OF SUB –STATION BATTERIES FOR F/YEM 19-20"
Tender No: 021/383/1882000256/01/00/5794, Dtd. 18.08.2018
Extended Last Date & Time of Tender Submission:04:00PM on Dtd. 25.09.2018

Tender Notice for "AMC FOR CCTV SYSTEM AT SMS-II"
Tender No: 021/319/1882000040/02/00/500005847, Dtd. 10.09.2018
Last Date & Time of Tender Submission: 04:00 PM on Dtd. 29.09.2018

Tender Notice for "Sanitation job at IEMS School, Sec-18, 20 & 22"
Tender No: RSP/CC/ (TE)/031/009/1882100083/01/00/500005853
Last Date & Time of Tender Submission: 04:00 PM on Dtd. 24.09.2018

For details & downloadable tender document log on to our SAIL Website https:// www.sailtenders.co.in(unit RSP, Category'Contracts')

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*

## OFFICE OF THE PRINCIPAL GOVT COLLEGE OF PHYSICAL EDUCATION, ODISHA, BHUBANESWAR

**Tender Call Notice No. 974 / Dt. 11.09.18**

Sealed tenders are invited from Manufacturer/ Authorised Dealers to supply the Sports Uniforms for use of the students of Govt. College of Physical Education, Bhubaneswar for the session 2018-19.

**Term and Condition**

1. The Tenderer must of GST & PAN.
2. Must attach a self attested photo copy of GST Registration Certificate and PAN card alongwith the sealed tender.
3. The tender papers are available in the office of the undersigned on payment of Rs. 250/- each in shape of cash.
4. The tender paper will be sold from 11.09.2018 to 19.09.2018 at 11.00 A.M. to 4.00 P.M. on the working days and last date for submission of tender document is 20.09.2018 at 4.00 P.M.
5. The sealed tender will be opened on dt. 22.09.2018 at 12.30 P.M. in the presence of Proprietors or through their authorized representatives.
6. The tender paper received after due date & time shall be outrightly rejected.
7. The rate of the items must include all the taxes & delivery charges if any.
8. The tenderers must submit the sample of the items at the time of opening of tender paper.
9. The undersigned reserves the right to accept or reject full or part of the tenders without assigning any reason thereof.

**Sd./- Principal I/C**



ସୁରମୟୀ– କ୍ରିଷ୍ଣା

# ଆଶାରେ କ୍ରିଷ୍ଣା

ଥରେ ମନେ ପକାନ୍ତୁ ନା ଆମ ରାଜ୍ୟର ବ୍ରହ୍ମପୁରର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌କୁ ଆଉ ସେହି ଅଭୁଲା ଦେଶାତ୍ମବୋଧ ନୃତ୍ୟକୁ। କେବଳ ଓଡ଼ିଶାରେ ନୁହେଁ ଜାତୀୟ ସ୍ତରରେ ଏହି ଗ୍ରୁପ୍‌ର ପ୍ରଦର୍ଶନ ଦର୍ଶକଙ୍କୁ ମତୁଆଲା କରିଥିଲା। ସେଭଳି ଅଭୁଲା ଫର୍ମକୁ ଚଳଚ୍ଚିତ୍ରରେ ସଜାଇ ଦର୍ଶକଙ୍କୁ ଏଣ୍ଟରଟେନ କରିବାକୁ ଯାଉଛନ୍ତି ଏହାର ମୁଖ୍ୟ କ୍ରିଷ୍ଣା ରେଡ୍ଡୀ। ଜଣେ ଡ୍ୟାନ୍ସର ଜୀବନ କିପରି ଘାତ ପ୍ରତିଘାତ ଭିତରେ ଗତି କରୁଛି ଏବଂ ଶେଷରେ ସେ କିପରି ସଫଳତାର ଶୀର୍ଷରେ ପହଞ୍ଚୁଛି ତାହା ଉକ୍ତ ସିନେମାରେ ପ୍ରଦର୍ଶିତ ହୋଇଛି, ଯାହାର ଟାଇଟଲ ରହିଛି 'କ୍ରିଷ୍ଣା– ଷ୍ଟୋରି ଅଫ ଏ ଡ୍ୟାନ୍ସର'। ପ୍ରିନ୍ସ ପ୍ରଡକ୍ସନ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା, କାହାଣୀ, ଚିତ୍ରନାଟ୍ୟ, ସଙ୍ଗୀତ, ସଂଳାପ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ନିଜେ ତୁଲାଇଛନ୍ତି କ୍ରିଷ୍ଣା। ତା' ସହ ଚିତ୍ରର ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି। କାହାଣୀ ଅନୁସାରେ କ୍ରିଷ୍ଣା ଜଣେ ଗରିବ ପିଲା, ନାଚ ପ୍ରତି ପିଲାଟି ଦିନରୁ ଦୁର୍ବଳତା ଥାଏ। ହେଲେ ଗାଁରେ ଏହାର ମୂଲ୍ୟ କେହି ବୁଝନ୍ତି ନାହିଁ। ଫଳରେ ସେ ସହରାଭିମୁଖୀ ହୁଏ। ସେଠାରେ ସେ କିପରି ନିଜ ସ୍ୱପ୍ନକୁ ସାକାର କରୁଛି ତାହା ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଏଥିରେ କ୍ରିଷ୍ଣାଙ୍କ ନାୟିକା ସାଜିଛନ୍ତି ସୁରମୟୀ।

ଅପେରା ହାଲ୍‌ଚାଲ୍

# ଟ୍ରାଜେଡି କୁଇନ୍

ଜଲିଉଡ୍‌ର ଆଗଧାଡିର ଅନ୍ୟତମ ଅଭିନେତ୍ରୀ ଚୁନିଆ ମଲ୍ଲିକ ଏବେ ଭାରି ଖୁସ୍। କାରଣ ଏଥର ଦୁଇଟି ନାଟକରେ ତାଙ୍କୁ ମିଳିଛି ଡବଲ ରୋଲ୍। ପୁଣି ତାହା ଏମିତି ଯେ ଚଳିତ ସିଜନ ଆରମ୍ଭରୁ ଦର୍ଶକ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ଯାତ୍ରା ଜଗତରେ ଦୀର୍ଘ ୨୩ବର୍ଷର ମାରାଥନ୍ ଇନିଂସ ଜାରି ରଖିଥିବା ଏହି ଅଭିନେତ୍ରୀ ଏଥର ଯାତ୍ରା ଗାଁରେ ଯୋଗ ଦେଇଛନ୍ତି। ଚଳିତବର୍ଷର ନୂଆ ନାଟକ 'ଲୁହର ଓଜନ ଲୁହାଠୁ ବେଶି'ରେ ଶର୍ମିଳା, ଲଗ୍ନା ଏବଂ 'ତୁ ମୋ ସପନର ରାଣୀ'ରେ ସଞ୍ଜନା, ଶେଫାଳି ଚରିତ୍ରରେ ତାଙ୍କୁ ଦେଖିବାକୁ ମିଳିଛି। ଆଉ ଏହି ଭୂମିକାଦ୍ୱୟକୁ ବେଶ୍ ସୁନ୍ଦର ଭାବରେ ଫୁଟାଇ ପାରିଛନ୍ତି ସେ। 'ଲୁହର ଓଜନ ଲୁହାଠୁ ବେଶି ଏବଂ 'ତୁ ମୋ ସପନର ରାଣୀ'ରେ ଡବଲ ରୋଲ୍ ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। କିନ୍ତୁ ଆଖଡା ପରେ ତାହାକୁ ତୁଲାଇବାର ସହଜ ଉପାୟ ପାଇଯାଇଥିଲି। ମୋର ପରିଶ୍ରମକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ଏହା ବ୍ୟତୀତ ରିପିଟ୍ ନାଟକ 'ବାଃ ବାଃରେ ଉପରବାଲା'ରେ ଏସ୍‌ପି ଦିବ୍ୟା ମିଶ୍ର ଭୂମିକାରେ ଅଭିନୟ କରିଛି ବୋଲି କହନ୍ତି ଚୁନିଆ। ପ୍ରଥମେ ଅନ୍ନପୂର୍ଣ୍ଣ ରଙ୍ଗମଞ୍ଚରୁ ଆରମ୍ଭ ହୁଏ ତାଙ୍କର ଅଭିନୟ ଯାତ୍ରା। ତୁଳସୀ ଗଣନାଟ୍ୟରେ ପ୍ରବେଶ ପରେ ତାଙ୍କ ଅଭିନୟ ଜୀବନ ନିଏ ନୂଆ ମୋଡ। ବିଶେଷଭାବରେ ଟ୍ରାଜେଡି ଭୂମିକାରେ ତାଙ୍କର ଅଭିନୟ ଜୀବନ୍ତ ପରି ଲାଗିଥାଏ। ଅଭିନୟ ସହ ଡାଏଲଗ ଡେଲିଭରି ତାଙ୍କୁ ସଫଳତାର ପାହାଚ ଅତିକ୍ରମ କରିବାକୁ ସାହାଯ୍ୟ କରେ। ଜଲିଉଡ୍‌ରେ ଟ୍ରାଜେଡି କୁଇନ୍ ଭାବରେ ପରିଚିତ ଚୁନିଆ।



ଚୁନିଆ

# ନୀରବତା ପରେ

କଥାରେ ଅଛି ବେଶ୍ ସମୟର କାଦୁଠୁ କିଛି ମାସ ଦୂରେଇ ରହିବା ପରେ ପୁଣି ଥରେ ଏଣ୍ଟ୍ରି କଲେ ତାହା ଏକରକମ ଦମ୍‌ଦାର ହୋଇଥାଏ। ବାସ୍, ନିଜର ଆକ୍ଟିଂ ଲାଇଫରେ ଆଉ ଏକ ଟର୍ନିଂ ପଏଣ୍ଟ ଆଣିବାକୁ ପୂରା ଦମ୍‌ରେ ଲାଗିପଡିଛନ୍ତି। ସେ ହେଲେ ବିଜୁବଡଜେନା। ପୂର୍ବରୁ ବେଶ୍ କେତୋଟି ସିନେମାରେ ତାଙ୍କୁ ନେଗେଟିଭ ଚରିତ୍ରରେ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ, କେତେକ ଚରିତ୍ରକୁ ଦର୍ଶକ ଏ ପର୍ଯ୍ୟନ୍ତ ମନେ ରଖିଛନ୍ତି। ଏବେ ଏକାଥରେ ତାଙ୍କ ହାତରେ ରହିଛି ୪ଟି ସିନେମା ଏବଂ ତିନୋଟି ସିନେମା ନେଇ କଥାବାର୍ତ୍ତା ଚାଲୁ ରହିଛି। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଥିବା 'ପ୍ରେମ ପାଇଁ ମହାଭାରତ'ରେ ଶକୁନି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ସେ। ଅନ୍ୟପକ୍ଷରେ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ 'ସାଥୀ ତୁ ଫେରିଆ'ରେ ପଜିଟିଭ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ବିଜୁ। ଏହାବ୍ୟତୀତ ସୁଧାଂଶୁ ଜେନାଙ୍କ ପ୍ରଯୋଜିତ ଏବଂ ଏନ୍. ପାଢ଼ୀ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପାଗଳ ମୁଁ ତୋ ପାଇଁ'ରେ ମୁଖ୍ୟ ଖଳନାୟକ ସାଜିଛନ୍ତି ସେ। ତେବେ କିଛି ମାସର ବ୍ୟବଧାନ ପରେ ବଡ ପରଦାରେ ବିଜୁ କି କମାଲ କରୁଛନ୍ତି ତାହା ଫିଲ୍ମଗୁଡିକ ରିଲିଜ ହେଲେ ହିଁ ଜଣାପଡିବ।



ବିଜୁ ବଡଜେନା

ନୂଆ ସିନେମା

# ପ୍ରେମୀ ଦିୱାନା

ରିତିକା ମୁଣ୍ଡରେ ଗୋଟିଏ କଥା ପଶିଛି। ଯେମିତି ହେଲେ ସେ ବଡ ପରଦାରେ ମୁହଁ ଦେଖାଇବ। ହେଲେ କେମିତି ? ସୁଯୋଗ ମିଳିଲେ ତ ? ମନକୁ ଦୃଢ଼ କରି ସେ ଆଗେଇଛି। ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିରେ ଘାତ ପ୍ରତିଘାତର ସାମନା କରିଛି, ହେଲେ ତା' ମନର ଆଶା ପୂରଣ ହୋଇନି। ଏପରି କି ନିଜ ଲକ୍ଷ୍ୟ ହାସଲ ପାଇଁ ମୁହାଇ ଯାଇଛି। ସେ ନିଜର ଇଚ୍ଛାକୁ ପୂରଣ କରିପାରୁଛି ତ ? ଏହି ଘଟଣାକ୍ରମ ଭିତରେ ତା' ଜୀବନରେ ଆସିଥିବା ରୋହିତ, ତାକୁ କିପରି ସାହାଯ୍ୟ କରୁଛି ? ଏସବୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ପ୍ରେମୀ ଦିୱାନା'। ସ୍ନେହା ଫିଲ୍ମ ଆଣ୍ଡ ପ୍ରଡକ୍ସନ ବ୍ୟାନରରେ ଅୟସକାନ୍ତ ମହାନ୍ତି ଫିଲ୍ମଟିର ପ୍ରଯୋଜନା କରିଛନ୍ତି। ଆନନ୍ଦ କୁମାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିବା ବେଳେ ଅରୁଣ ମନ୍ତ୍ରୀ, ପଞ୍ଚାନନ ନାୟକ ଏବଂ ଆଶୁତୋଷ ବାରିକଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଶରତ ଚନ୍ଦ୍ର ପ୍ରଧାନ–ପିନାକୀ ପି. ଶ୍ରୀଚନ୍ଦନ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ସଂଗ୍ରାମ ମହାନ୍ତି, ଅନ୍ତରା ଚକ୍ରବର୍ତ୍ତୀ, ପଙ୍କଜ ଜାଲ, ସସ୍ମିତା ବିଶ୍ୱାଳ ଏବଂ ଶଶାଙ୍କ ଶେଖର। ନିଜ କାହାଣୀକୁ ସଂଳାପ ରୂପ ଦେଇଛନ୍ତି ଜମେଶ ଶୁକ୍ଳା। ରୁଦ୍ର ପାଣିଗ୍ରାହୀ, ସୋଲାଙ୍କି ଭୌମିକ, ଆରକେ, ପ୍ରୀତିରାଜ, ଗୁଲ୍ଲୁ, କୁନମୁନ, ନଳିନୀ ରାଉତ, ଅଞ୍ଜନା ଦାସ, ପୃଥ୍ୱୀରାଜ ନାୟକ ଏବଂ ମହେଶ ରାଓ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଚିତ୍ରଟି ଚଳିତ ମାସ ୨୦ରେ ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।



ରୁଦ୍ର–ସୋଲାଙ୍କି

# ବଲିଉଡ଼ ହାଲ୍‌ଚାଲ୍

- ସୋନାଲି ବେନ୍ଦ୍ରେଙ୍କ ମୁହଁରେ ଏବେ ପ୍ରିୟଙ୍କା ଚୋପ୍ରାଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। କାହିଁକି ନା, ପ୍ରିୟଙ୍କା ତାଙ୍କୁ ଯେଉଁ ବିୟୁଟି ଟିପ୍ସ ଦେଇଥିଲେ ତାହା ସୋନାଲିଙ୍କ ଲୁକ୍‌କୁ ଆହୁରି ଆଟ୍ରାକ୍ଟିଭ କରିଛି।
- ଅଜୟ ଦେବଗନଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ତନ୍ନାଜୀ'ରେ ଏକ ସପୋର୍ଟିଂ ରୋଲ୍‌ରେ ଆସୁଛନ୍ତି ସୈଫ ଅଲ୍ଲୀ ଖାଁ। ଏହି ଅଫରକୁ ସେ ବେଶ୍ କିଛି ମାସ ଝୁଲାଇ ରଖିବା ପରେ ରାଜି ହୋଇଛନ୍ତି।
- କରନ୍ ଜୋହର ଏବେ 'କୁଛ କୁଛ ହୋତା ହେ–୨'ର କାଷ୍ଟିଂକୁ ନେଇ ବ୍ୟସ୍ତ ଅଛନ୍ତି। ଏଥିରେ ସେ ରଣବୀର କପୁର, ଆଲିୟା ଭଟ୍ଟ ଏବଂ ଜାହ୍ନବୀ କପୁରଙ୍କୁ ସାଇନ୍ କରାଇବାକୁ ଯୋଜନା କରୁଛନ୍ତି।
- ଗଣେଶ ପୂଜା ଅବସରରେ ରିଲିଜ ହେଉଛି ହିନ୍ଦୀ ସିନେମା 'ୟୁ ଟର୍ନ', ଯାହାର ଫିମେଲ ଲିଡ୍‌ରେ ଭୂମିକା ଚାୱ୍‌ଲାଙ୍କୁ ଦେଖିବାକୁ ମିଳିବ।



ଜାହ୍ନବୀ



ହ୍ରିତିକ

# ଅବସର ମିଳିଲେ...

ଅବସର ମିଳିଲେ ହ୍ରିତିକ ରୋଶନ କ'ଣ କରନ୍ତି ? ତାଙ୍କର ନିଶ୍ଚୟ କିଛି ଅଲଗା ରୁଚି ଥିବ। ଯେତେବେଳେ ତାଙ୍କୁ ଶୁଟିଂରୁ ବିରତି ମିଳେ ସେ କ'ଣ କରନ୍ତି ଜାଣନ୍ତି ? କ୍ୟାମେରା ଧରି ଫଟୋଗ୍ରାଫିରେ ବ୍ୟସ୍ତ ରହନ୍ତି। କେବଳ ସେତିକି ନୁହେଁ, ସେ ଭାରି ରୋଷେଇ ପ୍ରିୟ। କିଛି ମନ ପସନ୍ଦର ଖାଦ୍ୟ ଖାଇବାକୁ ଇଚ୍ଛା ହେଲେ ସେ ସିଧା ଚାଲନ୍ତି କିଚେନ୍‌କୁ। ସେଠାରେ ପସନ୍ଦୀୟ ଖାଦ୍ୟ ପ୍ରସ୍ତୁତ କରନ୍ତି ଆଉ ନିଜେ ଖାଆନ୍ତି କେତେବେଳେ କେମିତି ନିଜ ସାଙ୍ଗମାନଙ୍କୁ ନିମନ୍ତ୍ରଣ କରି ଖୁଆନ୍ତି। ହ୍ରିତିକ ଏବେ 'ସୁପର ୩୦'ରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କୁ ଜଣେ ମ୍ୟାଥମେଟିକ ଟ୍ୟୁଟର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ।

# ଭାଗ୍ୟକୁ ନିନ୍ଦୁଛନ୍ତି କିଆରା

ଇତି ମଧ୍ୟରେ ଚାରିବର୍ଷ ବିତିଗଲାଣି। ସେ ପୁଣି ଥରେ ବଡ଼ ପରଦାରେ ମୁହଁ ଦେଖାଇବେ ବୋଲି ଗୋଡ଼ ଟେକି ବସିଛନ୍ତି। ହେଲେ କୌଣସି ପ୍ରଯୋଜକ ତାଙ୍କୁ ଆଡ଼ ଆଖିରେ ଅନାଉ ନାହାନ୍ତି। ତଥାପି ବଲିଉଡ୍‌ରେ ନିଜର ଆକ୍ଟିଂ କ୍ୟାରିୟରକୁ ନେଇ ଆଶାବାଦୀ ଅଛନ୍ତି କିଆରା ଆଡୱାନୀ। 'ଫୁଗଲି' (୨୦୧୪)ରେ ତାଙ୍କୁ ବ୍ରେକ୍ ମିଳିଥିଲା। ପ୍ରଥମ ସିନେମାକୁ ନେଇ ଅନେକ ରଙ୍ଗିନ ସ୍ୱପ୍ନ ଦେଖିଥିଲେ, ହେଲେ ସବୁ କିଛି ପାଣି ଫୋଟକା ପରି ମିଳାଇଗଲା। ପ୍ରଥମ ଫିଲ୍ମ ଫ୍ଲପ ହେଲା ସେ ନେଇ ମନଦୁଃଖ ନାହିଁ, ହେଲେ ତା'ପରେ ତାଙ୍କୁ ଗୋଟିଏ ହେଲେ ଅଫର ମିଳିଲା ନାହିଁ। 'ଆକ୍ଟିଂକୁ ନେଇ ମୋ ନିଜ ଉପରେ ଭରସା ରହିଛି। ହେଲେ ମୋତେ କ'ଣ ପାଇଁ ପ୍ରଯୋଜକ ଅଫର ଦେଉନାହାନ୍ତି ତାହାର କାରଣ ମୁଁ ଜାଣିପାରୁନାହିଁ। ଅବଶ୍ୟ ୟା ଭିତରେ ମୋତେ ଗୋଟିଏ ଫିଲ୍ମ ଅଫର ମିଳିଥିଲା, ହେଲେ କେତୋଟି ସିନ୍‌କୁ ନେଇ ମୁଁ ରାଜି ହୋଇ ନ ଥିଲି। ଏଥିରେ ମୋତେ ଅଯଥାରେ ୨–୩ଟି ବୋଲ୍ଡ ଶଟ୍ ଦେବାକୁ କୁହାଯାଇଥିଲା। ଯେହେତୁ ଏହି ଶଟ୍‌ଗୁଡ଼ିକର କାହାଣୀ ସହ କୌଣସି ସଂଯୋଗ ନ ଥିଲା ତେଣୁ ମୁଁ ରାଜି ହୋଇ ନ ଥିଲି ବୋଲି କହିଛନ୍ତି କିଆରା।' ନିକଟରେ କିଆରା ତାଙ୍କର ୨୬ତମ ଜନ୍ମଦିନ ପାଳନ କରିଥିଲେ। ଏହି ବାର୍ଥ ଡେ' ଫଙ୍କଶନ୍‌ରେ ବଲିଉଡ୍‌ର କେତେଜଣ ନାମୀ ପ୍ରଯୋଜକଙ୍କୁ ଦେଖିବାକୁ ମିଳିଥିଲା। ତେବେ କାରିଆ ହିନ୍ଦୀ ସିନେମାରେ ତାଙ୍କର ଆକ୍ଟିଂ କ୍ୟାରିୟରକୁ କେତେ ଆଗକୁ ନେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।



“ମାରୁତି ସୁଜୁକିର ଗୁଡ୍‌ଗାଓଁ ପ୍ଲାଣ୍ଟକୁ ସ୍ଥାନାନ୍ତର କରାଯିବ। ଏହି କାର୍ଯ୍ୟକୁ ପର୍ଯ୍ୟାୟକ୍ରମେ ହାତକୁ ନିଆଯିବ। ପ୍ଲାଣ୍ଟକୁ କମ ଜନସଂଖ୍ୟା ଥିବା ସ୍ଥାନରେ ଅବସ୍ଥାପିତ କରାଯିବା ଛଡା ଅନ୍ୟ ଉପାୟ ନାହିଁ।

– ଆର୍.ସି. ଭାର୍ଗବ, ଅଧ୍ୟକ୍ଷ, ମାରୁତି ସୁଜୁକି



“କ୍ଷୁଦ୍ର ପୁଞ୍ଜିନିବେଶକାରୀଙ୍କୁ ଶିକ୍ଷା ପ୍ରଦାନ ସହ ସେମାନଙ୍କ ପାଣ୍ଠିର ସୁରକ୍ଷା ପାଇଁ ଗଠିତ ଆଇଇପିଏଫର ନିୟମରେ ଆବଶ୍ୟକସ୍ଥଳେ କୋହଳ କରାଯିବ।

– ଇଞ୍ଜେଟି ଶ୍ରୀନିବାସ, କର୍ପୋରେଟ ବ୍ୟାପାର ସଚିବ

## ସଂକ୍ଷେପରେ

### ୧୦ ମାସର ସର୍ବନିମ୍ନ ସ୍ତରରେ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୨-୯:** ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଉଥିବା ବେଳେ ମୁଦ୍ରାସ୍ଫୀତି କ୍ଷେତ୍ରରେ ପ୍ରକାଶିତ ତଥ୍ୟ କେନ୍ଦ୍ର ସରକାରଙ୍କୁ ଆଶ୍ୱସ୍ତି ଆଣି ଦେଇଛି। ଅଗଷ୍ଟରେ କଞ୍ଜ୍ୟୁମର ପ୍ରାଇସ ଇଣ୍ଡେକ୍ସ(ସିପିଆଇ) ୧୦ ମାସର ସର୍ବନିମ୍ନ ସ୍ତର ୩.୬୯ ପ୍ରତିଶତରେ ପହଞ୍ଚିଛି। ସରକାରଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡିଛି ଯେ, ଜୁଲାଇରେ ସିପିଆଇ ୪.୧୭% ରହିଥିଲା। ଗତବର୍ଷ ସମାନ ଅବଧିରେ ଏହା ୩.୨୮% ରହିଥିଲା ବେଳେ ଅକ୍ଟୋବରରେ ୩.୫୮% ଥିଲା। ଏହାପରଠାରୁ ମୁଦ୍ରାସ୍ଫୀତି ଆର୍‌ବିଆଇର ଧାର୍ଯ୍ୟ ଲକ୍ଷ୍ୟ ୪% ଉପରେ ସର୍ବଦା ରହିଆସିଛି। ଅକ୍ଟୋବର ୫ରୁ ରିଜର୍ଭ ବ୍ୟାଙ୍କର ଏମ୍‌ପିସି କମିଟି ବୈଠକ ବସି ଦ୍ୱିମାସିକ ମୁଦ୍ରାନୀତି ସ୍ଥିର କରାଯିବ।

### ଜୁଲାଇରେ ଶିଳ୍ପ ଉତ୍ପାଦନ ୬.୬%

**ନୂଆଦିଲ୍ଲୀ,୧୨-୯:** ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ(ସିଏସଓ) ବା କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଜୁଲାଇର ଶିଳ୍ପ ଉତ୍ପାଦନ ସୂଚକାଙ୍କ(ଇଣ୍ଡେକ୍ସ ଅଫ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ବା ଆଇଆଇପି) ବା ଜାରି କରାଯାଇଛି। ଜୁନ୍‌ରେ ଏହା ୬.୯% ଥିବା ବେଳେ ଜୁଲାଇରେ ଏହା ୬.୬%କୁ ହ୍ରାସ ପାଇଛି। ଆଇଆଇପି ୭% ରହିବ ବୋଲି ଗତ ମାସରେ ଅନୁମାନ କରାଯାଇଥିଲେ ହେଁ ଏହାର ଅନୁମାନକୁ ଏବେ ୬.୮%କୁ ହ୍ରାସ କରାଯାଇଛି। ଆଲୋଚ୍ୟ ମାସରେ କଞ୍ଜ୍ୟୁମର ଡ୍ୟୁରେବଲ୍ସ ସେକ୍ଟରରେ ୧୪.୪%ର ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଯାଇଛି। ଗତ ବର୍ଷ ଏହି ସମୟରେ ଏଥିରେ ୨.୪% ଅଭିବୃଦ୍ଧି ଦେଖାଯାଇଥିଲା। ସେହିପରି ଗତବର୍ଷ କ୍ୟାପିଟାଲ ଗୁଡ୍ସରେ ଅଭିବୃଦ୍ଧି ୧.୧% ରହିଥିଲା ବେଳେ ଏବର୍ଷ ଜୁଲାଇରେ ଏହା ୩%ରେ ପହଞ୍ଚିଯାଇଛି। ଏପ୍ରିଲ-ଜୁଲାଇରେ ଆଇଆଇପି ବିକାଶ ୫.୪% ରହିଛି, ଯାହାକି ବର୍ଷକ ପୂର୍ବେ ୧.୭%ଥିଲା। ୨୩ ପ୍ରକାର ଶିଳ୍ପ ମଧ୍ୟରୁ ୨୨ଟିରେ ଅଭିବୃଦ୍ଧି ଦେଖାଯାଇଛି।

### ସୂଚନା କମିଶନଙ୍କ ନିର୍ଦ୍ଦେଶ ଜନଧନ ଆକାଉଣ୍ଟ୍‌ରେ ଅଚଳ ନୋଟ ଜମାର ହିସାବ ଦିଅ

**ନୂଆଦିଲ୍ଲୀ, ୧୨-୯(ପି.ଟି.):** ଜନଧନ ଆକାଉଣ୍ଟ୍‌ରେ କେତେ ପରିମାଣର ଅଚଳ ନୋଟ ଜମା ହୋଇଛି ତାହାର ତଥ୍ୟ ପ୍ରଦାନ କର। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରିବା ପରେ ଯେଉଁ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ ସବୁ ଜନଧନ ଆକାଉଣ୍ଟ୍‌ରେ ଜମା ହୋଇଛି, ତାହାର ଟିକିନିଖି ହିସାବ ଦିଅ। କେନ୍ଦ୍ରୀୟ ସୂଚନା ଆୟୋଗ(ସିଆଇସି) ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଖବର ଅନୁସାରେ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ଜନଧନ ଆକାଉଣ୍ଟ୍‌ରେ ମୋଟ ଜମା ପରିମାଣ ପ୍ରାୟ ୮୦ ହଜାର କୋଟି ଛୁଇଁ ସାରିଛି। ସୂଚନା କମିଶନର ସୁଧୀର ଭାର୍ଗବ ଆର୍‌ବିଆଇକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଜନଧନ ଆକାଉଣ୍ଟ୍‌ରେ ଜମା ହୋଇଥିବା ସମସ୍ତ ଅଚଳ ନୋଟର ପରିମାଣ ଓ ମୂଲ୍ୟ ପ୍ରଦାନ କର। ଆର୍‌ବିଆଇ ଏହି ତଥ୍ୟ ଦେଇ ନ ପାରିଲେ ଏ ସମ୍ପର୍କିତ ତଥ୍ୟ ଉପଲବ୍ଧ ନାହିଁ ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବାକୁ ହେବ ବୋଲି କମିଶନର ଦର୍ଶାଇଛନ୍ତି।

### ଆର୍ଥିକ ନୀତିର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ

# ଟଙ୍କା, ତେଲରେ ମିଳିପାରେ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୨-୯**



ଟଙ୍କାର କ୍ରମାଗତ ମୂଲ୍ୟହ୍ରାସ କେନ୍ଦ୍ର ସରକାରଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଭାରତୀୟ ମୁଦ୍ରାର ମୂଲ୍ୟ କମିବା କାରଣରୁ ଦେଶର ଅର୍ଥନୀତି ପ୍ରଭାବିତ ହେଉଛି। ଏହାକୁ ନେଇ ଚିନ୍ତିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ସପ୍ତାହରେ ଆର୍ଥିକ ନୀତିର ସମୀକ୍ଷା କରିବେ। ଏହି ବୈଠକ ପରେ କେନ୍ଦ୍ର ସରକାର ଟଙ୍କାକୁ ସମ୍ଭାଳିବା ଏବଂ ତୈଳ ମୂଲ୍ୟ ହ୍ରାସ ନେଇ ପଦକ୍ଷେପ ଘୋଷଣା କରିପାରନ୍ତି ବୋଲି ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ସୂଚନାଥାଉ କି, ଗତ ୩ ମାସ ହେଲା ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇଚାଲିଥିବା ବେଳେ ଗତ କିଛି ସପ୍ତାହ ହେବ ଏହି ଧାରା ଦ୍ରୁତ ହୋଇଛି। ଅନ୍ୟପକ୍ଷରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଟଙ୍କାକୁ ସ୍ଥିର ରଖିବା ଲାଗି କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ସମସ୍ତ ପଦକ୍ଷେପ ନେବ। ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି ଯେ, ଆଜି ଯାହା ଟଙ୍କାର ମୂଲ୍ୟ ରହିଛି ତାହା ପ୍ରକୃତ ମୂଲ୍ୟ ନୁହେଁ। ଚଳନ୍ତି ଜମା ନିଅଣ୍ଟ ବଢ଼ିବା ସହ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି କାରଣରୁ ସମସ୍ତ ବିକାଶଶୀଳ ରାଷ୍ଟ୍ରର ମୁଦ୍ରା ଭଳି ଟଙ୍କାର ମୂଲ୍ୟ ହ୍ରାସ ପାଇଚାଲିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ୧୫.୮ ବିଲିୟନ ଡଲାର ରହିଛି ଯାହାକି ଜିଡିପିର ୨.୪%। ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଯାଉଥିବା ନେଇ ସୂଚନା ମିଳିବା ପରେ ଟଙ୍କାର ମୂଲ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ବୁଧବାର ଟଙ୍କାର ମୂଲ୍ୟ ଏକ ସମୟରେ ୭୨.୯୧ସ୍ତର ଛୁଇଁ ଆଉ ଏକ ସର୍ବକାଳୀନ ରେକର୍ଡ କରିଥିଲା। ତେବେ ଏଥିରେ ସୁଧାର ଆସିବା ଦେଖାଯାଇଥିଲା। ଏହା ଶେଷରେ ୭୨.୨୬ ସ୍ତରରେ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ ଟଙ୍କାର ମୂଲ୍ୟ ବୃଦ୍ଧି ବନ୍ଦେ ଷ୍ଟକ ବଜାରରେ ଖୁସି ଆଣି ଦେଇଥିଲା। ବୁଧବାର ସେନସେକ୍ସ ୩୦୫ ପଏଣ୍ଟ ବୃଦ୍ଧି ସହ ୩୭,୭୧୭.୯୬ରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ମଧ୍ୟ ୮୨.୪୦ ପଏଣ୍ଟ ବୃଦ୍ଧି ଦେଖାଯାଇଥିଲା ଓ ଏହା ୧୧,୩୬୯.୯୦ରେ ବନ୍ଦ ହୋଇଥିଲା। ତେବେ ଘରୋଇ ସଂସ୍ଥାଗତ ନିବେଶକ ୭୪୯.୬୨ କୋଟି ଟଙ୍କାର ଶେୟାର କିଣିଥିବା ବେଳେ ବିଦେଶୀ ପୋର୍ଟଫୋଲିଓ ନିବେଶକ ୧,୪୫୪.୩୬କୋଟି ଟଙ୍କାର ଶେୟାର ବିକ୍ରି କରିଛନ୍ତି। ଗଣେଶ ଚତୁର୍ଥୀ କାରଣରୁ ଗୁରୁବାର ଷ୍ଟକ୍ ଏକ୍ସଚେଞ୍ଜ ବନ୍ଦ ରହିବ।

## ଉଦ୍ୟୋଗ ବିକାଶ ସ୍ୱପ୍ନକୁ ସତରେ ରୂପାନ୍ତରିତ କରିଛି ଜେଏସ୍‌ପିଏଲ୍: ଜିନ୍ଦଲ

**ଭୁବନେଶ୍ୱର,୧୨-୯**



**ମେକ୍ ଇନ୍ ଓଡିଶା ରୋଡ୍ ଶୋ’**

ଓଡିଶାରେ ଉଦ୍ୟୋଗ ବିକାଶ ଲାଗି ଓ.ପି. ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଓ.ପି. ଜିନ୍ଦଲଙ୍କର ସ୍ୱପ୍ନ ରହିଥିଲା। ଏନେଇ ସେ ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସ୍ୱପ୍ନକୁ ବର୍ତ୍ତମାନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍) ସତରେ ରୂପାନ୍ତରିତ କରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ‘ମେକ ଇନ୍ ଓଡିଶା’ ରୋଡ ଶୋ’ ଅବସରରେ ଅଭିଭାଷଣ ରଖି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏହା କହିଛନ୍ତି। ଏକ ଦାୟିତ୍ୱଭିତ୍ତିକ ଉଦ୍ୟୋଗୀକରଣ ଦ୍ୱାରା ରାଜ୍ୟର ବିକାଶଧାରାକୁ ସରକାର ପ୍ରୋତ୍ସାହିତ କରୁଥିବାରୁ ଏହାକୁ ନେଇ ଜିନ୍ଦଲ ଏହାକୁ ଆସ୍ଥା ପ୍ରକଟ କରିଛନ୍ତି।

ସେ କହିଛନ୍ତି, ଓଡିଶାରେ ଉଦ୍ୟୋଗ ବିକାଶ କ୍ଷେତ୍ରରେ ଜେଏସ୍‌ପିଏଲ୍ ଗତ ୭ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛି। ଗ୍ରୁପ ପକ୍ଷରୁ ଏଠାରେ ୪୫,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିବେଶ ହୋଇଛି। ଅନୁଗୋଳରେ ରହିଥିବା ବାର୍ଷିକ ୬ ନିୟୁତ ଟନ୍ ବିଶିଷ୍ଟ ଷ୍ଟିଲ ଉତ୍ପାଦନ ୟୁନିଟ ଓଡିଶାରେ ସର୍ବବୃହତ। ଅପରପକ୍ଷରେ କେନ୍ଦୁଝରର ବଡବିଲସ୍ଥିତ ବାର୍ଷିକ ୯ ନିୟୁତ ଟନ କ୍ଷମତା ବିଶିଷ୍ଟ ପେଲେଟ କମ୍ପ୍ଲେକ୍ସ ଦେଶରେ ପ୍ରମୁଖ ସ୍ଥାନରେ ରହିଛି। ଅନୁଗୋଳ ଜେଏସ୍‌ପିଏଲ୍ ପ୍ଲାଣ୍ଟର ବ୍ଲାଷ୍ଟ ଫର୍ଣ୍ଣେସ ଏବଂ କୋଲ୍ ଗ୍ୟାସିଫିକେଶନ ଟେକ୍ନୋଲୋଜି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ତଥା ତାଙ୍କ ଟିମ୍ ଯୋଗୁ ଏଭଳି ପଦକ୍ଷେପ ଲାଗି ସକ୍ଷମ ହୋଇଛୁ ବୋଲି ଜିନ୍ଦଲ କହିଛନ୍ତି।

## ଦୁରିଆନ୍ ଫର୍ନିଚରର ପାର୍ବଣ ଅଫର

**ଭୁବନେଶ୍ୱର,୧୨-୯(ବ୍ୟୁରୋ)**

Durian® SINCE 1985

ଗୃହ ଏବଂ ଅଫିସ୍ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଆସବାବପତ୍ର ମାନୁଫ୍ୟାକ୍ଚରିଂ ତଥା ବିକ୍ରି କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଦୁରିଆନ୍ ଫର୍ନିଚର ପାର୍ବଣ ଅଫର ଘୋଷଣା କରିଛି। ବିଶେଷକରି ଗଣେଶ ପୂଜା ଓ ନୂଆଖାଇକୁ ଦୃଷ୍ଟିରେ ରଖି ଦୁରିଆନ୍ ବିଭିନ୍ନ ବର୍ଗର ଆସବାବପତ୍ର ଉପରେ ଅଫର ଘୋଷଣା କରିଛି। ଏହି ସମୟରେ ହୋମ୍ ଫର୍ନିଚରଗୁଡ଼ିକରେ ୩୫% ସହିତ ୧୫% ଅଫର ପ୍ରଦାନ କରାଯିବ। ସେଥି ମଧ୍ୟରେ ସୋଫା ସେଟ୍, ଡାଇନିଂ ସେଟ୍, ବେଡ୍, ଟିଭି ୟୁନିଟ୍, ଡ୍ରେସିଂ ଟେବୁଲ୍, ରିକ୍ଲାଇନର ଚେୟାର ଆଦି ରହିଛି। ସେହିପରି ସୋଫା କ୍ଷେତ୍ରରେ ଲେଦର, ଫେବ୍ରିକ୍, ପିଓର ଲେଦର ଆଦି ବିଭିନ୍ନ କଞ୍ଚାମାଲ୍‌ରେ ପ୍ରସ୍ତୁତ ଆସବାବପତ୍ର ଦୁରିଆନ ଉପଲବ୍ଧ କରୁଛି। ଷ୍ଟୋରେଜ୍ ସୁବିଧା ଥିବା କିଙ୍ଗ୍ ଆଣ୍ଡ୍ କୁଇନ୍ ସାଇଜ୍ ବେଡ୍ ମଧ୍ୟ ରହିଛି। ସେହିପରି ଡାଇନିଂରେ ଗ୍ଲାସ୍, ମାର୍ବଲ ଏବଂ କାଠ ନିର୍ମିତ ଭଳିକି ଭଳି ବିକଳ୍ପ ରହିଛି। ଏହିସବୁ ଉତ୍ପାଦରେ କମ୍ପାନୀ ୫ ବର୍ଷର ୱାରେଣ୍ଟି ପ୍ରଦାନ କରୁଥିବା ବେଳେ ଗ୍ରାହକଙ୍କ ପାଇଁ କିସ୍ତି ସୁବିଧା ମଧ୍ୟ ପ୍ରଦାନ କରୁଛି। ଭୁବନେଶ୍ୱରସ୍ଥିତ ସାମନ୍ତରାୟପୁରଠାରେ ଏହାର ଶୋ’ରୁମ୍ ରହିଥିବା ବେଳେ ଗ୍ରାହକଙ୍କ ସୁବିଧା ପାଇଁ ଫ୍ରି ଡେଲିଭରି ବ୍ୟବସ୍ଥା ରହିଛି ବୋଲି କମ୍ପାନୀର ମ୍ୟାନେଜର(ଓଡିଶା) ଅଜୟ ଶର୍ମା ପ୍ରକାଶ କରିଛନ୍ତି। ଏହି ଅଫର ସୀମିତ ସମୟ ପାଇଁ ରହିଥିବା ବେଳେ ଏହାର ଲାଭ ଉଠାଇବା ପାଇଁ କମ୍ପାନୀ ଘୋଷଣା କରିଛି।

## ବାଲେଶ୍ୱରରେ ଖୋଲିଲା ଅଶ୍ୱିନୀ ହସ୍ପିଟାଲ ସେଣ୍ଟର

ASHWINI HOSPITAL empowered to heal... (Unit of Cuttack Hospitals Pvt. Ltd.)

**ଭୁବନେଶ୍ୱର,୧୨-୯**

ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ଏକ ଶାଖା ବାଲେଶ୍ୱରରେ ଖୋଲିଛି। ରାସ୍ତା ଦୁର୍ଘଟଣା ସମେତ ଅନ୍ୟାନ୍ୟ ଦୁର୍ଘଟଣାରେ ଆହତ ରୋଗୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ନିଆଯାଇଥିବା ହସ୍ପିଟାଲର ଅଧ୍ୟକ୍ଷ ଡ. ସୁବ୍ରତ ଜେନା ସୂଚନା ଦେଇଛନ୍ତି। ଗୁରୁତର ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ନୂଆ ଶାଖା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି। ପ୍ରମୁଖ କର୍ପୋରେଟ ହସ୍ପିଟାଲଗୁଡିକ କଟକ ଓ ଭୁବନେଶ୍ୱରରେ ରହିଥିବାରୁ ଦୂରଦୂରାନ୍ତ ସ୍ଥାନର ରୋଗୀ ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା ଲାଗି ଅସୁବିଧାର ସାମ୍ନା କରୁଛନ୍ତି। ଜାତୀୟ ରାଜପଥ କଡରେ ଉକ୍ତ ଶାଖା ରୋଗୀଙ୍କୁ ଚିକିତ୍ସା ସେବାକୁ ସୁଗମ କରିବ। ଅନୁଗୋଳରେ ଏଭଳି ଏକ ଶାଖା ଖୋଲିବା ନେଇ ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ଅପରପକ୍ଷରେ କଟକର ସିଡିଏଠାରେ ୧୦୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ସେଣ୍ଟର ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବା ନେଇ ଯୋଜନା ରହିଛି। ଏହା ପ୍ରଥମ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟରର ମାନ୍ୟତା ପାଇବ ବୋଲି ହସ୍ପିଟାଲ ପକ୍ଷରୁ ପ୍ରକାଶ।

## ବାଙ୍ଗାଲୋର୍‌ରେ ସାମ୍‌ସଙ୍ଗ ଉଦ୍‌ଘାଟନ କଲା ‘ଅପେରା ହାଉସ୍’




**ଭୁବନେଶ୍ୱର, ୧୨-୯**

ପ୍ରମୁଖ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ବାଙ୍ଗାଲୋରସ୍ଥିତ ବ୍ରିଗେଡ୍ ରୋଡ୍‌ଠାରେ ଏହାର ସର୍ବବୃହତ୍ ମୋବାଇଲ୍ ଏକ୍ସପେରିଏନ୍ସ ସେଣ୍ଟର ‘ଅପେରା ହାଉସ୍’କୁ ମଙ୍ଗଳବାର ଉଦ୍‌ଘାଟନ କରିଛି। ମୋବାଇଲ୍ ଫୋନ, ଟାବ୍‌ଲେଟ୍, କ୍ୟୁଏଲ୍‌ଇଡି ଟିଭି, ସ୍ମାର୍ଟ ଟିଭି, ରେଫ୍ରିଜିରେଟର ଠାରୁ ଆରମ୍ଭ କରି କମ୍ପାନୀର ବିଭିନ୍ନ ଅତ୍ୟାଧୁନିକ ଗ୍ୟାଜେଟ୍ ସବୁ ଏଠାରେ ପ୍ରଦର୍ଶିତ ହେବ। ସେହିପରି ଏଠାରେ ଥିବା ହୋମ୍ ଥିଏଟର ଜୋନ୍‌ରେ ପ୍ରି-ବୁକ୍ ମାଧ୍ୟମରେ ମାଗଣା ମୁଭି ଦେଖିବାର ସୁଯୋଗ ମଧ୍ୟ ମିଳିବ ବୋଲି ସାମ୍‌ସଙ୍ଗ ପକ୍ଷରୁ ପ୍ରକାଶ। ଏ ସମ୍ପର୍କରେ ସାମ୍‌ସାଙ୍ଗ ଇଣ୍ଡିଆର ମୋବାଇଲ୍ ବିଜ୍‌ନେସ୍ ବରିଷ୍ଠ ଉପସଭାପତି ମୋହନ୍ ଦୀପ୍ ସିଂ କହିଛନ୍ତି, ବାଙ୍ଗାଲୋର ପରେ ଆମେ ଆଉ ୭ରୁ ୮ ଟି ଏହିଭଳି ଏକ୍ସପେରିଏନ୍ସ ସେଣ୍ଟର ଉନ୍ମୋଚନ କରିବା ପାଇଁ ଯୋଜନା ରଖିଛୁ। ଅନ୍‌ଲାଇନ୍ ଗ୍ରାହକଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଲକ୍ଷ ଲକ୍ଷ ଗ୍ରାହକ ଟଚ୍ ଆଣ୍ଡ୍ ଫିଲ୍‌ର ଏକ୍ସପେରିଏନ୍ସ ପାଇଁ ଅଫ୍‌ଲାଇନ୍ ଷ୍ଟୋରକୁ ପସନ୍ଦ କରୁଥିବାରୁ ଏଭଳି ଏକ୍ସପେରିଏନ୍ସ ସେଣ୍ଟର ବ୍ୟବସ୍ଥା କରାଯାଇଛି। ସେହିପରି ସାମ୍‌ସଙ୍ଗର ଦକ୍ଷିଣ ପଶ୍ଚିମ ଏସିଆର ସଭାପତି ତଥା ସିଇଓ ଏଚ୍.ସି. ହଙ୍ଗ୍ କହିଛନ୍ତି, ବର୍ତ୍ତମାନର ଯୁବପିଢି ସବୁ କ୍ଷେତ୍ରରେ ସ୍ୱତନ୍ତ୍ର ଅନୁଭୂତି ଆଶା କରୁଛନ୍ତି। ସାମ୍‌ସଙ୍ଗର ସମସ୍ତ ଇଲେକ୍‌ଟ୍ରୋନିକ୍ ଉତ୍ପାଦରେ ସେମାନଙ୍କୁ ଏହି ସ୍ୱତନ୍ତ୍ରତା ପ୍ରଦାନ କରିବା ପାଇଁ ଅପେରା ହାଉସ୍‌କୁ ବିକଶିତ କରାଯାଇଛି।

## ଟାଟା ମୋଟର୍ସ ପକ୍ଷରୁ ଲିମିଟେଡ ଏଡିଶନ ନେକ୍ସନ କ୍ରେଜ୍




**ଭୁବନେଶ୍ୱର,୧୨-୯**

ଟାଟା ମୋଟର୍ସ ପକ୍ଷରୁ ଏହାର ନେକ୍ସନ ବ୍ରାଣ୍ଡର ଏକ ବର୍ଷ ପୂର୍ତ୍ତି ପାଳିତ ହୋଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଲିମିଟେଡ ଏଡିଶନ ‘ନେକ୍ସନ କ୍ରେଜ୍’ବଜାରକୁ ଆସିଛି। ୱାର୍ଲଡ ଅଫ୍ ସ୍ପୋର୍ଟ ଭଳି ପ୍ରସଙ୍ଗକୁ ଆଧାର କରି କମ୍ପାନୀ ଏହି ମଡେଲକୁ ଆଣିଛି। ଯୁବବର୍ଗଙ୍କୁ ପ୍ରାଥମିକତା ଦେଇ ଏଥିରେ ନିୟୁ ଷ୍ଟାଇଲିଂ ଡିଜାଇନ ତଥା ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଆସିଥିବା କମ୍ପାନୀ ପ୍ରକାଶ କରିଛି। ଏହା କ୍ରେଜ୍ ଓ କ୍ରେଜ୍ ପ୍ଲସ ଭଳି ଦୁଇଟି ଭାରିଆଣ୍ଟରେ ଉପଲବ୍ଧ। ମଡେଲଟିର ଭୁବନେଶ୍ୱର ଏକ୍ସଶୋ’ରୁମ ମୂଲ୍ୟ ୭.୩୯ ଲକ୍ଷ (ପେଟ୍ରୋଲ ମଡେଲ) ଏବଂ ୮.୩୯ ଲକ୍ଷ(ଡିଜେଲ ମଡେଲ) ରହିଛି। ଏହାର ଟ୍ରୋମସୋ ବ୍ଲାକ ବଡି କଲର, ସ୍ପୋର୍ଟି ସୋନିକ ସିଲ୍‌ଭର, କଲର ଡୁଆଲ ଟୋନ୍ ରୁଫ୍, ଶକ୍ତିଶାଳୀ ଏସ୍‌ୟୁଭି ପର୍‌ଫର୍‌ମାନ୍ସ, ୬ ସ୍ପିଡ୍ ମାନୁଆଲ ଟ୍ରାନ୍ସମିଶନ, ୪ ଷ୍ଟାର ସେଫଟି ରେଟିଂ, ଫାଷ୍ଟ ଇନ କ୍ଲାସ ଡ୍ରାଇଭ ମୋଡ ଏବଂ ବେଷ୍ଟ ଇନ୍ କ୍ଲାସ ଗ୍ରାଉଣ୍ଡ କ୍ଲିୟରାନ୍ସ ଲାଭ କରିପାରିବେ। ଗ୍ରାହକଙ୍କୁ ସ୍ୱତନ୍ତ୍ର ଷ୍ଟ୍ରାଇକିଂ ଭର୍ସନ ପ୍ରଦାନ ଲାଗି ଏଭଳି ମଡେଲ ବଜାରକୁ ଆଣିଛୁ ବୋଲି କମ୍ପାନୀର ସଭାପତି (ପିଭିବିୟୁ) ମୟାଙ୍କ ପାରିକ ସୂଚନା ଦେଇଛନ୍ତି।

## କୋବ୍‌ର ନୂତନ ଷ୍ଟୋର ଉଦ୍‌ଘାଟିତ



**ଭୁବନେଶ୍ୱର,୧୨-୯(ବ୍ୟୁରୋ)**

ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ କୋବ୍ ପକ୍ଷରୁ ଭୁବନେଶ୍ୱରର ପାଲ୍‌ହାଇଟ୍ସ ଠାରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ୫୪୦ ବର୍ଗଫୁଟ ଅଞ୍ଚଳରେ ଅବସ୍ଥିତ। ପଦ୍ମଶ୍ରୀ ରଘୁନାଥ ମହାପାତ୍ର , କମ୍ପାନୀର ଡାଇରେକ୍ଟର ଜେନେରାଲ ମାର୍କେଟିଂ (ଭାରତ) ମୋହସିନ ସେଖ ତଥା ସମାଜସେବୀ ଡି.ପ୍ରକାଶ ରାଓ ନୂଆ ଷ୍ଟୋରକୁ ଉନ୍ମୋଚନ କରିଥିଲେ। ଏହା ଓଡିଶାରେ କମ୍ପାନୀର ତୃତୀୟ ଷ୍ଟୋର। ପୂର୍ବରୁ ପୁରୀ ଓ କଟକଠାରେ ନୂଆ ଷ୍ଟୋର ଉନ୍ମୋଚନ ହୋଇଛି। ଏହି ଅବସରରେ କମ୍ପାନୀ ଓପନିଂ ଧମାକା ସେଲ୍ ଆରମ୍ଭ କରିଛି। ଏଥିରେ ଗ୍ରାହକ ‘ବାଏ ଟୁ ଗେଟ୍ ୬’ଅଫର ପାଇପାରିବେ ବୋଲି କମ୍ପାନୀ ସୂଚନା ଦେଇଛି। ୨୦୨୦ ଶେଷ ସୁଦ୍ଧା ଏହା ଓଡିଶାରେ ୫୦ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରଖିଛି। ଶୀଘ୍ର ଯାଜପୁରରେ ନୂଆ ଷ୍ଟୋର ଖୋଲିବ ବୋଲି ସେଖ୍ ସୂଚନା ଦେଇଛନ୍ତି। ଘରୋଇ ବଜାରରେ ବର୍ତ୍ତମାନ ସୁଦ୍ଧା କୋବ୍ ୨୦୦ରୁ ଉର୍ଦ୍ଧ୍ୱ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟଲେଟ ଏବଂ ୭୫ରୁ ଅଧିକ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ଉପସ୍ଥିତି ଜାହିର କରିଛି। ଉକ୍ତ ଷ୍ଟୋରରେ ଗ୍ରାହକମାନେ ସାର୍ଟ, ଟ୍ରାଉଜର, ଡେନିମ, ଟି-ସାର୍ଟ, ସୁଟ୍ ଓ ବ୍ଲେଜର ପାଇପାରିବେ।

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER[CM]**
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

## ଶୃଙ୍ଖଳିତ, ନିୟମିତ ନିବେଶରେ ହାସଲ ହେବ ଆର୍ଥିକ ଲକ୍ଷ୍ୟ

**ମୋର ବୟସ ୩୫ ବର୍ଷ ଓ ମୋ ସ୍ତ୍ରୀଙ୍କର ବୟସ ୩୧ ବର୍ଷ। ଆମ ଝିଅକୁ ବର୍ଷେ ପୂରଣ ହୋଇଛି। ଆମର ସମୁଦାୟ ବାର୍ଷିକ ରୋଜଗାର ମୋଟାମୋଟି ହିସାବ କଲେ ୨୫ ଲକ୍ଷ ଟଙ୍କାରୁ ଅଧିକ। ବର୍ତ୍ତମାନ ସ୍ଥିତିରେ ଆମର ୧.୫ ଲକ୍ଷ ଟଙ୍କାର ବ୍ୟାଙ୍କ ସ୍ଥାୟୀ ଜମା ରହିଛି। ମ୍ୟୁଚଆଲ ଫଣ୍ଡରେ ୧ଲକ୍ଷ ଟଙ୍କା ନିବେଶ ରହିଥିବା ବେଳେ ଏବେ ଏସ୍‌ଆଇପି ପ୍ରଡକ୍ଟରେ ମାସିକ ୧୦୦୦ ଟଙ୍କାର ପ୍ରିମିୟମ ପ୍ରଦାନ କରୁଛୁ। କିନ୍ତୁ ଜୀବନବୀମା, ସ୍ୱାସ୍ଥ୍ୟବୀମା ଓ ବାର୍ଦ୍ଧକ୍ୟ ସମୟ ପାଇଁ କୌଣସି ଯୋଜନାବଦ୍ଧ ସଞ୍ଚୟ ନାହିଁ। ଝିଅର ଭବିଷ୍ୟତ ପାଇଁ ମଧ୍ୟ ସଞ୍ଚୟ କରିବାକୁ ଚାହୁଁଛୁ। ଏସବୁ ପାଇଁ ଆପଣଙ୍କ ପରାମର୍ଶ ଦେବାକୁ ଅନୁରୋଧ।**

**– ପ୍ରଦୀପ କୁମାର ମାଝୀ, ବାଲେଶ୍ୱର**

ଯେକୌଣସି ଅର୍ଥିକ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆପଣଙ୍କୁ ଶୃଙ୍ଖଳିତ ଭାବରେ ନିୟମିତ ସଞ୍ଚୟ କରିବା ନିହାତି ଆବଶ୍ୟକ ଓ ଉଚିତ ମଧ୍ୟ। ଆପଣ ଅତି କମରେ ଆପଣଙ୍କ ବାର୍ଷିକ ଆୟର ୨୫ ରୁ ୩୦ ପ୍ରତିଶତ ସଞ୍ଚୟ କରିବା ଉଚିତ। ଆପଣ ଜାଣିରଖିବା ଉଚିତ ଯେ, ବ୍ୟାପକ ଆର୍ଥିକ ଯୋଜନାର ମୂଳ ଦିଗ ହେଉଛି ରିସ୍କ ପରିଚାଳନା। ପରିବାରକୁ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ରଖିବା ପାଇଁ ଆପଣ ଉଭୟଙ୍କ ପାଇଁ ଜୀବନବୀମା କ୍ରୟ କରି ସଞ୍ଚୟ ଆରମ୍ଭ କରନ୍ତୁ। ଯାହାକି ଅତିକମରେ ଆପଣଙ୍କ ବାର୍ଷିକ ଆୟର ୧୦ ରୁ ୧୫ ଗୁଣା ହେବା ଜରୁରୀ। ଏହା ପରେ ସ୍ୱାସ୍ଥ୍ୟବୀମା ନିଅନ୍ତୁ। ଏହା ୧ ଲକ୍ଷ ଟଙ୍କାର ଫ୍ୟାମିଲି ଫ୍ଲୋଟର ପଲିସି। ଆପଣ ଓ ଆପଣଙ୍କର ସ୍ତ୍ରୀଙ୍କ ପାଇଁ ଗୁରୁତର ରୋଗ ସୁବିଧା (କ୍ରିଟିକାଲ ଇଲନେସ୍ ରାଇଡର) ପଲିସିର ସଂଯୋଗ କରିବା ଠିକ୍ ହେବ। **ସଞ୍ଚୟ କରିବା ପାଇଁ କିଛି ସୂଚନା:** ପ୍ରଥମ କଥା ହେଉଛି ଘରର ଆୟ ବ୍ୟୟର ହିସାବ କରନ୍ତୁ। ଆଉ ଦେଖନ୍ତୁ ଆପଣଙ୍କ ହାତରେ କେତେ ଅର୍ଥ ବଳକା ରହୁଛି। ଯଦି ଖର୍ଚ୍ଚ ପରେ ଆପଣଙ୍କ ହାତରେ କିଛି ବି ବଳକା ଅର୍ଥ ରହୁନାହିଁ ତେବେ କିଛି ଖର୍ଚ୍ଚକାଟ କରନ୍ତୁ ଅଥବା ଅଧିକ ରୋଜଗାର କରିବା ପାଇଁ ଚେଷ୍ଟା କରନ୍ତୁ। ଆପଣଙ୍କ ଘରର ମାସିକ ଖର୍ଚ୍ଚର ସର୍ବନିମ୍ନ ୬ ଗୁଣାର ଏକ ଜରୁରିକାଳୀନ ପାଣ୍ଠି ଗଠନ କରନ୍ତୁ। ଯାହାକି ବ୍ୟାଙ୍କ ସଞ୍ଚୟ ଜମାଖାତା କିମ୍ବା ମ୍ୟୁଚୁଆଲ ଫଣ୍ଡ ଲିକୁଇଡ୍ ଫଣ୍ଡରେ ନିବେଶ କରନ୍ତୁ। ଝିଅର ଭବିଷ୍ୟତ ଉଚ୍ଚଶିକ୍ଷା ଖର୍ଚ୍ଚ ଓ ବାହାଘର ଖର୍ଚ୍ଚ ପାଇଁ ଏବେଠୁ ସଞ୍ଚୟ ଆରମ୍ଭ କରନ୍ତୁ। ଯଦି ଝିଅ ନାମରେ ଚାଇଲଡ଼ ପ୍ଲାନ କରି ନାହାନ୍ତି, ତେବେ ଏକ ଚାଇଲଡ଼ ପ୍ଲାନ ଏବେ କିଣି ନିଅନ୍ତୁ। ଏହା କିଣିବା ଦ୍ୱାରା ଝିଅର ଭବିଷ୍ୟତ ସୁରକ୍ଷିତ କରିପାରିବେ। ଯଦି କିଛି ବଳକା ଅର୍ଥ ରହେ ତେବେ ଆପଣ ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି ଆରମ୍ଭ କରନ୍ତୁ।

**ପ୍ରଃ ମୁଁ ମ୍ୟୁଚୁଆଲ ଫଣ୍ଡରେ ଦୀର୍ଘକାଳୀନ ହିସାବରେ ନିବେଶ କରିବା ପାଇଁ ଚାହୁଁଛି। ପ୍ରାୟତଃ ସବୁ ଫଣ୍ଡ ହାଉସ ସମାନ ସ୍କିମ୍ ରଖୁଛନ୍ତି। କମ୍ ନେଟ୍ ଏସେଟ୍ ଭାଲ୍ୟୁ (NAV) ଥିବା ଫଣ୍ଡ ପସନ୍ଦ କରି ନିବେଶ କରିବା ଠିକ୍ ହେବ କି? ଏ ବିଷୟରେ ପରାମର୍ଶ ଦେବା ପାଇଁ ଅନୁରୋଧ।**

**–ସୁମିତ୍ରା ସ୍ୱାଇଁ, ଛତ୍ରପୁର**

କୌଣସି ୨ଟି ମ୍ୟୁଚୁଆଲ ଫଣ୍ଡର ଏନ୍‌ଏଭି (NAV) ମୂଲ୍ୟ ଯଦି ୧୦ ଟଙ୍କା କିମ୍ବା ୫୦ ଟଙ୍କା ରହିଛି ତେବେ ଏହାର ଅର୍ଥ ନୁହେଁ ୫୦ ଏନ୍‌ଏଭି ବିଶିଷ୍ଟ ଫଣ୍ଡ ଭଲ ଏବଂ ୧୦ ଏନ୍‌ଏଭି ବିଶିଷ୍ଟ ଫଣ୍ଡ ମନ୍ଦ। ପ୍ରକୃତ କଥା ହେଲା ଫଣ୍ଡର ବିଗତ ବର୍ଷର ପ୍ରଦର୍ଶନକୁ ଦୃଷ୍ଟି ଦେବା ଉଚିତ। କାରଣ ଆପଣଙ୍କ ନିବେଶ ରାଶିର ସମୃଦ୍ଧି ମ୍ୟୁଚୁଆଲ୍ ଫଣ୍ଡ୍ ସ୍କିମ୍‌ର ନିବେଶ ପୋର୍ଟଫୋଲିଓରେ ଥିବା ଶେୟାରଗୁଡିକର ବିଗତ ବର୍ଷର କାର୍ଯ୍ୟଦକ୍ଷତା ଉପରେ ନିର୍ଭରେ କରେ। ଶେୟାର ବଜାରର ଦୋଳାୟିତ ଅବସ୍ଥାରେ ଅପରିବର୍ତ୍ତିତ ଲାଭ ପ୍ରଦାନର କ୍ଷମତା ଅନୁଯାୟୀ ଏକ ଫଣ୍ଡକୁ ପସନ୍ଦ କରିବା ଉଚିତ।

**ମୋ ଘରକୁ ବୀମାଭୁକ୍ତ କରିବା ପାଇଁ ଚାହୁଁଛି। ପ୍ରିମିୟମ ରାଶି ଉପରେ ଆୟକର ଛାଡ ଦାବି କରିପାରିବି କି? ଦୟାକରି ଏ ବିଷୟରେ ପରାମର୍ଶ ଦିଅନ୍ତୁ।**

**–ସୁବ୍ରତ ସାହୁ, ରାୟଗଡ଼ା**

ଆପଣଙ୍କ ଘରକୁ ବୀମାଭୁକ୍ତ କରିବା ପାଇଁ ପ୍ରିମିୟମ ଦେୟ ରାଶି ଉପରେ ଆୟକର ଛାଡ ଦାବି କରିପାରିବେ ନାହିଁ। କିନ୍ତୁ ଆପଣଙ୍କ ନିଜର ଜୀବନବୀମା ପଲିସି ପାଇଁ ପ୍ରିମିୟମ ରାଶିକୁ ଆୟକର ନିୟମ ୟୁ/ଏସ୍ ୮୦ସି ଅନୁଯାୟୀ ଛାଡ଼ ଦାବି କରିପାରିବେ।

**ଆମ ଠିକଣା**

ବିଜ୍‌ନେସ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦

“ଟେଷ୍ଟ କ୍ରିକେଟ ଇତିହାସରେ ବିଶ୍ୱର ସବୁଠାରୁ ସଫଳ ଦ୍ରୁତ ହୋଇଥିବାରୁ ଜେମ୍ସ ଆଣ୍ଡରସନଙ୍କୁ ଅଭିନନ୍ଦନ। ସେ ସର୍ବଦା ବ୍ୟାଟ୍ସମ୍ୟାନଙ୍କ ପାଇଁ ଆତଙ୍କ ସାଜନ୍ତୁ।
–ଜୋ ରୁଟ୍, ଇଂଲଣ୍ଡ ଅଧିନାୟକ



“ଟେଷ୍ଟ କ୍ରିକେଟକୁ ଭଲ ପାଉଥିବା ଖେଳାଳିଙ୍କ ମଧ୍ୟରେ ଆଲିଷ୍ଟର କୁକ୍ ଅନ୍ୟମାନଙ୍କ ଉଦାହରଣ ଏବଂ ଏହି ଫର୍ମାଟ୍ ପାଇଁ ସେ ଜଣେ ଆମ୍ବାସାଡର।
–ବିରାଟ କୋହଲି, ଭାରତୀୟ ଦଳର ଅଧିନାୟକ



## ସଂକ୍ଷେପରେ

### ପୂର୍ବାଞ୍ଚଳ ଜୁନିୟର ଆଥ୍ଲେଟିକ୍ସ ଭାଗନେବେ ଓଡ଼ିଶାର ୭୩

କଟକ ଅଫିସ,୧୨।୯- ବିହାରର ପାଟନାଠାରେ ସେପ୍ଟେମ୍ବର ୧୫ ଓ ୧୬ ଦୁଇ ଦିନ ଧରି ୩୦ତମ ପୂର୍ବାଞ୍ଚଳ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ୧୪ବର୍ଷରୁ କମ୍, ୧୬ବର୍ଷରୁ କମ୍, ୧୮ବର୍ଷରୁ କମ୍ ଓ ୨୦ବର୍ଷରୁ କମ୍ ବୟସ ବର୍ଗରେ ରାଜ୍ୟର ମୋଟ୍ ୭୩ଜଣ ପ୍ରତିଯୋଗୀ ଏହି ଚାମ୍ପିୟନଶିପ୍‌ରେ ଭାଗ ନେବେ । ଏମାନଙ୍କ ମଧ୍ୟରେ ୩୭ଜଣ ବାଳକ ଓ ୩୬ଜଣ ବାଳିକା ପ୍ରତିଯୋଗୀ ରହିଛନ୍ତି । ଦଳର ମ୍ୟାନେଜର ଭାବେ ଚିତ୍ତରଞ୍ଜନ ମହାପାତ୍ର, ଅନୁରାଧା ବିଶ୍ୱାଳ ଓ ଲିପିକା ମହାପାତ୍ର ପାଟନା ଯିବେ। ଗୁରୁବାର ପ୍ରତିଯୋଗୀ ମାନେ ବିହାର ଅଭିମୁଖେ ଯାତ୍ରା କରିବେ ବୋଲି ଓଡ଼ିଶା ଆଥ୍ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି ।

### ଜାତୀୟ ଫେନ୍ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ



କଟକ ଅଫିସ,୧୨।୯- ଓଡ଼ିଶା ରାଜ୍ୟ ଫେନ୍ସିଂ ଆସୋସିଏଶନ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୦ତମ ସବଜୁନିୟର ଓ ୧୫ତମ କ୍ୟାଡେଟ୍ ଜାତୀୟ ଫେନ୍ସିଂ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ୧୪ବର୍ଷରୁ କମ୍ ବାଳିକା ସାବେର୍ ବିଭାଗ ଫାଇନାଲରେ ମହାରାଷ୍ଟ୍ରର କଶିକ ଦୀପକ ଭରଦ ୧୫-୬ରେ ମଣିପୁରର ଲାବି ଦେବୀଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି । ସେମିଫାଇନାଲରେ କଶିକ ୧୫-୫ରେ ଗୌରୀ ମଙ୍ଗଳସିଂଙ୍କୁ ଓ ଲାବି ୧୫-୧୩ରେ ଏନ ଜେସିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଫେନ୍ସିଂ ଆସୋସିଏଶନ ସଭାପତି ଅନଙ୍ଗ ଉଦୟ ସିଂଦେଓ, ଫେନ୍ସିଂ ଆସୋସିଏଶନ ଅଫ ଇଣ୍ଡିଆ ସଭାପତି ରାଜୀବ ମେହେତା, କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ଅମୀୟ କୁମାର ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜ୍ୟ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆନ୍ତଃ ଜିଲା ଫୁଟବଲ ଟେନିସ୍ ୨୨ରେ

କଟକ ଅଫିସ,୧୨।୯- ଓଡ଼ିଶା ରାଜ୍ୟ ଫୁଟବଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ କନ୍ଧମାଳର ସାରଙ୍ଗ ଗଡ଼ ଠାରେ ଆନ୍ତଃ ଜିଲା ସିନିୟର ଫୁଟବଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଖେଳାଳି ପଞ୍ଜୀକରଣ ନିମନ୍ତେ ୧୦୦ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରତିଯୋଗିତାର ପ୍ରବେଶିକା ଶୁଳ୍କ ପୁରୁଷ ଖେଳାଳିଙ୍କ ନିମନ୍ତେ ୩୦୦ଟଙ୍କା ଓ ମହିଳା ଖେଳାଳିଙ୍କ ନିମନ୍ତେ ୨୦୦ଟଙ୍କା ରହିଛି । ପ୍ରତିଯୋଗିତା ସମ୍ପର୍କରେ ଅଧିକ ବିବରଣୀ ନିମନ୍ତେ କନ୍ଧମାଳ ଜିଲା ଫୁଟବଲ ଟେନିସ ଆସୋସିଏଶନ ସମ୍ପାଦକ ମହମ୍ମଦ ଜିଆଉଦ୍ଦିନଙ୍କ ସହ ଯୋଗାଯୋଗ କରିବାକୁ ରାଜ୍ୟ ସଂଘ ପକ୍ଷରୁ କୁହାଯାଇଛି ।

## ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ୍

# କୋହଲି ଶୀର୍ଷରେ

ଦୁବାଇ, ୧୨।୯(ପି.ଟି.)

ସଦ୍ୟ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‌ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୪-୧ରେ ପରାସ୍ତ ହୋଇଥିଲେ ମଧ୍ୟ କୋହଲି ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ସେ ସିରିଜରେ ୫୯.୩ ରନ ହାରରେ ୫୯୩ ରନ ସଂଗ୍ରହ କରିଥିଲେ। ଏହି ସିରିଜ ପୂର୍ବରୁ କୋହଲି ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍‌ଙ୍କ ପଛକୁ ରହି କୋହଲି ୨୭ ହାସଲ କରିଥିଲେ। ତେବେ ବର୍ତ୍ତମାନ ସେ ସ୍ମିଥ୍‌ଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଛନ୍ତି। ଏଥି ସହିତ ସେ ତଙ୍କ ଶୀର୍ଷ ସ୍ଥାନକୁ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଅକ୍ଟୋବର ୪ ତାରିଖରୁ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜରେ କୋହଲି ତାଙ୍କ ପ୍ରଦର୍ଶନ ବଜାୟ ରଖି ଶୀର୍ଷସ୍ଥାନକୁ ଆହୁରି ଦୃଢ କରିବେ ବୋଲି ଆଶା କରାଯାଉଛି।

ଭାରତର ରିଷଭ ପନ୍ତ ଓ ଲୋକେଶ ରାହୁଲ ବ୍ୟାଟିଂ ତାଲିକାରେ ଉନ୍ନତି କରିଛନ୍ତି। ରାହୁଲ ୧୬ଟି ସ୍ଥାନ ଉପରକୁ ଉଠି ୧୯ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ତିମ ଟେଷ୍ଟରେ ସେ ୧୪୯ ରନର ପାଳି ଖେଳି ଉପରକୁ ଉଠିଛନ୍ତି। ସେହିପରି ୧୧୪ ରନର ଶତକୀୟ ପାଳି ଖେଳିଥିବା ରିଷଭ ୬୩ଟି ସ୍ଥାନ ଉପରକୁ ଉଠି ୧୧୧ ତମ ସ୍ଥାନ ଅଧିକାର କରିଛନ୍ତି। କ୍ୟାରିୟର ତୃତୀୟ ଟେଷ୍ଟରେ ସେ ଏହି ଶତକ ହାସଲ କରିଥିଲେ। ସେହିପରି ପ୍ରଥମ ଇନିଂସରେ ଅପରାଜିତ ୮୬ ରନର ପାଳି ଖେଳିଥିବା ରବୀନ୍ଦ୍ର ଜାଡେଜା ୧୨ଟି ସ୍ଥାନ ଉପରକୁ ଉଠି ୫୮ ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସେ ଅଲରାଉଣ୍ଡର ତାଲିକରେ ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।



ଅନ୍ୟମାନଙ୍କ ମଧ୍ୟରେ ଅବସର ଘୋଷଣା କରିଥିବା ଇଂଲଣ୍ଡ ଓପନର ଆଲିଷ୍ଟର କୁକ୍ ଓଭାଲ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ହାସଲ କରି ଟପ୍-୧୦ରେ ସ୍ଥାନ ପାଇଛନ୍ତି। ଏହି ଟେଷ୍ଟର ପ୍ରଥମ ଇନିଂସରେ ସେ ୭୧ ଓ ଦ୍ୱିତୀୟ ଇନିଂସରେ ସେ ୧୪୭ ରନର ପାଳି ଖେଳିଥିଲେ। ସେ ୧୧ଟି ସ୍ଥାନ ଉପରକୁ ଉଠି ଦଶମ ସ୍ଥାନରେ ରହିଛନ୍ତି। ୨୦୧୧ ସେପ୍ଟେମ୍ବରରେ କୁକ୍ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଭାରତ ବିପକ୍ଷ ଏଜବାଷ୍ଟନ ଟେଷ୍ଟରେ ସେ ୨୯୪ ରନର ଦ୍ୱିଶତକୀୟ ପାଳି ଖେଳି ଏହି ସଫଳତା ପାଇଥିଲେ। ଏହି ବର୍ଷ ସେ ଆଇସିସି ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ।

ସେହିପରି ଇଂଲଣ୍ଡ ଅଧିନାୟକ ଜୋ ରୁଟ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ଅନ୍ତିମ ଟେଷ୍ଟର ଦ୍ୱିତୀୟ ଇନିଂସରେ ୧୨୫ ରନର ଶତକୀୟ ପାଳି ଖେଳି ଏହି ସଫଳତା ହାସଲ କରିଥିଲେ। ସେହିପରି ଜୋଶ ବଟଲର ୯ଟି ସ୍ଥାନ ଉପରକୁ ଉଠି ୨୩ ଓ ମୋଇନ ଅଲୀ ୫ଟି ସ୍ଥାନ ଉପରକୁ ଉଠି ୪୩ତମ ସ୍ଥାନରେ ରହିଥିଲେ।

ଅପରପକ୍ଷରେ ବୋଲିଂ ତାଲିକାରେ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ତାଙ୍କର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସ୍ପିନର ଆଦିଲ ରସିଦ ୬ଟି ସ୍ଥାନ ଉପରକୁ ଉଠି ୪୪, ସାମ କୁରାନ ୪ଟି ସ୍ଥାନ ଉପରକୁ ଉଠି ୫୧ତମ ସ୍ଥାନରେ ରହିଛନ୍ତି।

# କଳିଙ୍ଗ ଷ୍ଟାଡିୟମରେ ଜାତୀୟ ହକି କ୍ୟାମ୍ପ୍ ୧୬ରୁ

ନୂଆଦିଲ୍ଲୀ, ୧୨।୯(ପି.ଟି.)

ଅନ୍ତର୍ଜାତୀୟ ହକି କାର୍ଯ୍ୟସୂଚୀରେ ଆଗାମୀ ୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ୍ ଲାଗି ଭାରତୀୟ ହକି ଦଳର ପ୍ରସ୍ତୁତି ଶିବିର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ଶିବିର ଲାଗି ହକି ଇଣ୍ଡିଆ ପକ୍ଷରୁ ବୁଧବାର ୨୫ ଜଣିଆ କୋର୍ ଗ୍ରୁପ୍ ତାଲିକା ଘୋଷଣା କରାଯାଇଛି। ଏସିଆନ ହକି ଚାମ୍ପିୟନଶିପ୍ ଆସନ୍ତା ଅକ୍ଟୋବର ୧୮ରୁ ୨୮ ତାରିଖ ପର୍ଯ୍ୟନ୍ତ ଓମାନର ରାଜଧାନୀ ମସ୍କଭାଟ୍‌ରେ ଅନୁଷ୍ଠିତ ହେବ। ଏଥିରେ ଏସିଆନ ଗେମ୍ସର ଶ୍ରେଷ୍ଠ ୬ଟି ଦଳ ଅଂଶଗ୍ରହଣ କରିବେ। ସେହିଭଳି ହକିର ମେଗା ଇଭେଣ୍ଟ ବିଶ୍ୱକପ୍ ନଭେମ୍ବର ୨୬ରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ସେମିଫାଇନାଲରୁ ପରାସ୍ତ ହୋଇ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଥିଲା। ତେବେ ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲା। ‘ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିବା ଆମ ପାଇଁ ସାନ୍ତ୍ୱନାମୂଳକ ସଦୃଶ। ପରାଜୟ ପରେ ପଛକୁ ଦେଖିବାର ଏବେ କୌଣସି କାରଣ ନାହିଁ। ବର୍ତ୍ତମାନ କିନ୍ତୁ ଆମକୁ ତାଜା ଓ ସକରାତ୍ମକ ସହିତ ଆଗକୁ ବଢ଼ିବାର ଅଛି’ ବୋଲି ଭାରତୀୟ ସିନିୟର ପୁରୁଷ ହକି ଦଳର କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ, ସେପ୍ଟେମ୍ବର ୧୬ରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଭାରତୀୟ ସିନିୟର ପୁରୁଷ ହକି ଦଳର ପ୍ରସ୍ତୁତି ଶିବିର ଚାଲିବ। ଆଘାତ ସମସ୍ୟା ଲାଗି ଅଭିଜ୍ଞ ଓଡ଼ିଆ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଏହି କୋର୍ ଗ୍ରୁପ୍‌ରେ ସ୍ଥାନ ପାଇନାହାନ୍ତି।

### ଭାରତୀୟ କୋର୍ ଗ୍ରୁପ୍

ପି.ଆର୍. ଶ୍ରୀଜେଶ, ସୂରଜ କେର୍‌କେରା ଓ କ୍ରିଷ୍ଣା ପାଠକ (ସମସ୍ତେ ଗୋଲକିପର), ହର୍‌ମନପ୍ରୀତ୍ ସିଂ, ରୁପିନ୍ଦର ପାଲ୍ ସିଂ, ଗୁରିନ୍ଦର ସିଂ, ବରୁଣ କୁମାର, କୋଠଜିତ୍ ସିଂ ଖଡଙ୍ଗବାମ୍, ସୁରେନ୍ଦ୍ର କୁମାର, ଜର୍‌ମନପ୍ରୀତ୍ ସିଂ, ପ୍ରଦୀପ ସିଂ (ସମସ୍ତେ ଡିଫେଣ୍ଡର), ମନ୍‌ପ୍ରୀତ୍ ସିଂ, ଚିଙ୍ଗଲେନସାନ ସିଂ କାଙ୍ଗୁଜାମ, ସୁମିତ୍, ସିମରନଜିତ୍ ସିଂ, ନୀଳକଣ୍ଠ ଶର୍ମା, ହାର୍ଦ୍ଦିକ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ବିବେକ ସାଗର ପ୍ରସାଦ (ସମସ୍ତେ ମିଡ୍‌ଫିଲ୍ଡର), ଏସ୍.ଭି. ସୁନୀଲ, ଆକାଶଦୀପ୍ ସିଂ, ଗୁର୍‌ଜାନ୍ତ ସିଂ, ମନ୍‌ଦୀପ୍ ସିଂ, ଦିଲପ୍ରୀତ୍ ସିଂ ଓ ସୁମିତ୍ କୁମାର (ସମସ୍ତେ ଫର୍‌ୱାର୍ଡ)।

### ପନ୍ତ ୪ର୍ଥ ଭାରତୀୟ

ନୂଆଦିଲ୍ଲୀ,୧୨।୯

ଛକା ମାରି କ୍ୟାରିୟର ଆରମ୍ଭ କରିଥିବା ଭାରତୀୟ ଟେଷ୍ଟ ଦଳର ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଶବ ପନ୍ତ ଇଂଲଣ୍ଡ ବିପକ୍ଷ ଅନ୍ତିମ ତଥା ଓଭାଲ ଟେଷ୍ଟରେ ନିଜ କ୍ୟାରିୟରର ପ୍ରଥମ ଶତକ ମାରିଛନ୍ତି। ପନ୍ତ ଓଭାଲଠାରେ ଛକା ମାରି ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି। ଛକା ମାରି ଶତକ ପୂରଣ କରିବାରେ ସେ ୪ର୍ଥ ଭାରତୀୟ। ତାଙ୍କ ପୂର୍ବରୁ କପିଳ ଦେବ, ହରଭଜନ ସିଂ ଓ ଇର୍ଫାନ ପଠାନ ଛକା ସହ ଶତକ ପୂରଣ କରିଥିଲେ।

# ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ



ସ୍ପୋର୍ଟ୍ସ ହଷ୍ଟେଲ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

କଟକ ଅଫିସ,୧୨।୯

### ଫାଓ ଲିଗ୍

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ବୁଧବାର ୨ଟି ମ୍ୟାଚ୍ ଖେଳାଯାଇଥିଲା । ଉଦ୍‌ଘାଟନୀ ଦିବସରେ ପୂର୍ବତଟ ରେଲୱେ ଓ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଖେଳାଯାଇ ନଥିବା ମ୍ୟାଚ୍‌ଟି ବୁଧବାର ଖେଳାଯାଇଥିବା ବେଳେ ଏଥିରେ ସ୍ପୋର୍ଟସ ହଷ୍ଟେଲ ୧-୦ ଗୋଲରେ ବିଜୟୀ ହୋଇଛି । ଅତିରିକ୍ତ ୭୩ତମ ମିନିଟରେ ଭାବଗ୍ରାହୀ ପଡ଼ିହାରୀ ସ୍ପୋର୍ଟସ ହଷ୍ଟେଲ ପକ୍ଷରୁ ବିଜୟସୂଚକ ଗୋଲଟି ଦେଇଥିଲେ। ଏସ୍‌ବିଆଇ ଓ ଆଜାଦ ହିନ୍ଦ କ୍ଲବ ମଧ୍ୟରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ଟି ୨-୨ ଗୋଲରେ ଡ୍ର ରହିଥିଲା । ଆଜାଦ ହିନ୍ଦ କ୍ଲବ ପକ୍ଷରୁ ୮ମ, ୪୯ତମ ମିନିଟରେ କେଶବ ମାଝୀ ୨ଟି ଗୋଲ ଦେଇଥିବା ବେଳେ ଏସ୍‌ବିଆଇ ପକ୍ଷରୁ ସନ୍ତୋଷ ବେହେରା ୧୪ତମ ମିନିଟରେ ଓ ରାଜେନ୍ଦ୍ର ପ୍ରସାଦ ସିଂ ୬୬ତମ ମିନିଟରେ ଏକ ଗୋଲ ଦେଇଥିଲେ ।

# ବିଶ୍ୱ ଚାମ୍ପିୟନଶିପ୍ ନ ଖେଳିଲେ ଅଲିମ୍ପିକ ପ୍ରସ୍ତୁତି ପ୍ରଭାବିତ ହେବ: ରାକେଶ

ନୂଆଦିଲ୍ଲୀ,୧୨।୯ (ପି.ଟି.)

ଆସନ୍ତା ମାସରେ ଆୟୋଜନ ହେବାକୁଥିବା ଅର୍ଟିଷ୍ଟିକ ଜିମ୍ନାଷ୍ଟିକ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟଙ୍କ ଅଂଶଗ୍ରହଣ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ ନ କଲେ ଅଲିମ୍ପିକ୍ ପ୍ରସ୍ତୁତି ପ୍ରଭାବିତ ହେବ ବୋଲି ତାରକା ଜିମ୍ନାଷ୍ଟ ରାକେଶ ପାତ୍ର କହିଛନ୍ତି। ଜିମ୍ନାଷ୍ଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ)କୁ ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ ଅନୁସାରେ ବାସନ୍ଦ କରାଯାଇଛି ଓ ଫେଡେରେଶନଠାରୁ ସ୍ୱୀକୃତି ପ୍ରତ୍ୟାହାର କରିନିଆଯାଇଛି। ଫଳରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ ଜିମ୍ନାଷ୍ଟଙ୍କୁ ଅନୁମତି ଦେବାକୁ ମନା କରିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ଆସନ୍ତା ଅକ୍ଟୋବର ୨୫ରୁ ନଭେମ୍ବର ୩ ତାରିଖ ମଧ୍ୟରେ ଦୋହାରେ ୪୮ତମ ଜିମ୍ନାଷ୍ଟିକ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

ଗତ ଅଗଷ୍ଟରେ ତୁର୍କୀରେ ଅନୁଷ୍ଠିତ ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ୍ କପ୍‌ର ରିଙ୍ଗ୍ ଇଭେଣ୍ଟରେ ରାକେଶ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।



ରାକେଶ ପାତ୍ର।

ଯଦି ଭାରତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ନ କରେ ତେବେ ଅଲିମ୍ପିକ୍ ପ୍ରସ୍ତୁତିରେ ଜବରଦସ୍ତ ଝଟ୍‌କା ଲାଗିବ ଓ ବିଶ୍ୱ ର୍‌ୟାଙ୍କିଙ୍ଗ୍ ଚାର୍ଟରେ ଆମେ କେଉଁଠି ରହିଛୁ ତାହା ଆମକୁ ଜଣାପଡିବ ନାହିଁ ବୋଲି ରାକେଶ ସ୍ପଷ୍ଟ କରିଛନ୍ତି। ତେଣୁ ଅଲିମ୍ପିକ୍ ପାଇଁ ଆମକୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ହେବ ବୋଲି ସେ କହିଛନ୍ତି।

ଆସନ୍ତା ବର୍ଷ ଷ୍ଟର୍ଟଗାର୍ଟରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ହେବ ଓ ଏହା ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଏକ କ୍ୱାଲିଫାଇଂ ଇଭେଣ୍ଟ ଭାବେ ବିବେଚିତ ହେଉଛି। ତେବେ ଏହି ମାମଲା ଚାଲୁ ରହିଲେ ଖେଳାଳିମାନେ କ୍ଷତିଗ୍ରସ୍ତ ହେବେ ଓ ଭାରତର ଖ୍ୟାତିରେ ଆଞ୍ଚ୍ ଆସିବ।

ପାତ୍ରଙ୍କୁ ବାଦ୍ ଦେଲେ ଜିମ୍ନାଷ୍ଟିକ ଦଳରେ ସ୍ଥାନ ପାଇଥିବା ଅରୁଣା ବୁଦ୍ଧା ରେଡ୍ଡୀ ୨୦୧୮ ମେଲବୋର୍ନ ବିଶ୍ୱକପ୍ ଜିମ୍ନାଷ୍ଟିକ୍‌ରେ ମହିଳା ଭଲ୍ଟ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ସେହିପରି ଆଶିଷ କୁମାର ୨୦୧୦ ନୂଆଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ପଦକ ହାସଲ କରିଥିଲେ। ସେ ମଧ୍ୟ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ୍ ଜିତିଥିଲେ। ପଶ୍ଚିମବଙ୍ଗର ପ୍ରଣତି ନାୟକ ମଧ୍ୟ ପଦକ ହାସଲ କରିଥିଲେ। ଦୀପା କର୍ମକାରଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦି ମଧ୍ୟ ଏ ନେଇ ଆଗକୁ କ’ଣ ହେଉଛି ସେ ନେଇ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି। ସେପ୍ଟେମ୍ବର ୨୫ କଟ୍ ଅଫ୍ ଡେଟ୍ ହୋଇଥିବାରୁ ଖୁବଶୀଘ୍ର ଏ ନେଇ ଏକ ସମାଧାନ ପନ୍ଥା ବାହାରିବ ବୋଲି ରାକେଶ ଆଶା ପ୍ରକାଶ କରିଛନ୍ତି। ଏବେ ଆମେ ନିଜ ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ ଜାରି ରଖିଛୁ। ମୁଁ ଏବେ ମୁମ୍ବାଇରେ ଓ ଦୀପା ଏବେ ଅଗରତାଲାରେ ରହିଛନ୍ତି ବୋଲି ରାକେଶ କହିଛନ୍ତି। ତେବେ ବର୍ତ୍ତମାନର ପରିସ୍ଥିତି ଆମକୁ ନିରାଶ କରିଛି ବୋଲି ରାକେଶ କହିଛନ୍ତି।

## ଆନ୍ତଃ ମହାବିଦ୍ୟାଳୟ ବାସ୍କେଟବଲ

# ପୁରୁଷ, ମହିଳାରେ ନୟାପଲ୍ଲୀ ଚାମ୍ପିୟନ

ଭୁବନେଶ୍ୱର, ୧୨।୯(ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ବାଣୀବିହାରଠାରେ ଅନୁଷ୍ଠିତ ହୋଇଥିବା ଆନ୍ତଃ ମହାବିଦ୍ୟାଳୟ ମହଳା ଓ ପୁରୁଷ ବାସ୍କେଟବଲ ପ୍ରତିଯୋଗିତାରେ ଡି.ଆର. ନୟାପଲ୍ଲୀ ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ନୟାପଲ୍ଲୀ କଳିଙ୍ଗ ଷ୍ଟାଡିୟମରେ ଥିବା ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଜି.ସି.ପିକୁ ୨୧- ୧୯ରେ ପରାସ୍ତ କରି ଟାଇଟଲ ହାସଲ କରିଛି। ସେହିପରି ପୁରୁଷ ଫାଇନାଲ ମ୍ୟାଚରେ ନୟାପଲ୍ଲୀ କଟକର ରଘୁନାଥ ଜୀଉ ମହାବିଦ୍ୟାଳୟକୁ ୨୧-୧୯ରେ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଛି। ସେପ୍ଟେମ୍ବର ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୧୩ଟି ମହାବିଦ୍ୟାଳୟର ପୁରୁଷ ଦଳ ଓ ୭ଟି ମହାବିଦ୍ୟାଳୟର ମହିଳା ଦଳ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ପରିଷଦ ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରମୋଦ କୁମାର ନାୟକ, ପ୍ରବୀର କୁମାର ମହାନ୍ତି, ପ୍ରଦୀପ କୁମାର ସାମନ୍ତସିଂହାର, ଦକ୍ଷ ବ୍ରହ୍ମା ରାଉତରାୟ, ବେଣୁଧର ଦାସ, ଚତୁର୍ଭୁଜ ଜେନା, ରାଜେନ୍ଦ୍ର କୁମାର ପାଣି, ସ୍ମରିତା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାକୁ ଦେବପ୍ରସାଦ ସାହୁ, ମହମ୍ମଦ ସଇଦ, ଚିରଞ୍ଜିତ କରଣ ପରିଚାଳନା କରିଥିଲେ।





ଆନ୍ତଃ ମହାବିଦ୍ୟାଳୟ ମହଳା ଓ ପୁରୁଷ ବାସ୍କେଟବଲ ପ୍ରତିଯୋଗିତାରେ ଚାମ୍ପିୟନ ଡି.ଆର. ନୟାପଲ୍ଲୀ ମହାବିଦ୍ୟାଳୟ ଦଳ।



“ଭୁବନେଶ୍ୱରରେ ପ୍ରଶିକ୍ଷଣ ପରିସ୍ଥିତି ସହ ଖାପଖୁଆଇବା ପାଇଁ ଅନୁକୂଳ। କଳିଙ୍ଗ ଷ୍ଟାଡିୟମରେ ନବନିର୍ମିତ ଟର୍ଫରେ ଖେଳିବା ପାଇଁ ମଧ୍ୟ ଆମେ ଅପେକ୍ଷାରତ ।
–ହରେନ୍ଦ୍ର ସିଂ, ଭାରତୀୟ ହକି ଦଳର ପ୍ରଶିକ୍ଷକ



“ଦୋହାରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ନ କରିବା ଟୋକିଓ ଅଲିମ୍ପିକ୍ସ ପାଇଁ ଦେଶର ପ୍ରସ୍ତୁତିରେ ବାଧକ ସାଜିବ ।
–ରାକେଶ ପାତ୍ର, ଶ୍ରେଷ୍ଠ ଭାରତୀୟ ଜିମ୍ନାଷ୍ଟ

## ସଂକ୍ଷେପରେ

### ଖେଳରତ୍ନ ଲାଗି ନୀରଜ, ଚାନୁଙ୍କ ନାମ ସୁପାରିସ

ନୂଆଦିଲ୍ଲୀ,୧୨।୯- ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ବିଶ୍ୱ ଚାମ୍ପିୟନଶିପ୍ ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଥିବା ମୀରାବାଇ ଚାନୁଙ୍କ ନାମକୁ ରାଜୀବ ଗାନ୍ଧୀ ଖେଳରତ୍ନ ସମ୍ମାନ ଲାଗି ସୁପାରିସ କରାଯାଇଛି। ନୀରଜ ଉଭୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଲାଗି ଆଥ୍‌ଲେଟଙ୍କ ନାମ ସୁପାରିସ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ସେହିଭଳି କୋଚ୍‌ଙ୍କ ନିମନ୍ତେ ଉଦ୍ଦିଷ୍ଟ ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ସମ୍ମାନ ପାଇଁ ମଧ୍ୟ କମିଟି ଗଠନ ହୋଇଛି। ଏଥିସହ ମନ୍ତ୍ରଣାଳୟ ପକ୍ଷରୁ ଖେଳରତ୍ନ ଓ ଅର୍ଜୁନ ସମ୍ମାନ ସୁପାରିସ ନିୟମରେ ପରିବର୍ତ୍ତନ କରାଯାଇଛି। ଯାହାଫଳରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ପଦକ ଜିତିଥିବା ଆଥ୍‌ଲେଟ୍‌ଙ୍କ ନାମ ଉଭୟ ସମ୍ମାନ ନିମନ୍ତେ ସୁପାରିସ କରାଯାଇପାରିବ। ଦିଲ୍ଲୀ ହାଇକୋର୍ଟ ବିଚାରପତି ଇନ୍ଦରମିତ କାଉଲ କୋଚାରଙ୍କ ଅଧ୍ୟକ୍ଷତାରେ ଖେଳରତ୍ନ ପାଇଁ କମିଟି ଗଠନ ହୋଇଥିବାବେଳେ ଅଶ୍ୱିନୀ ନାଚାପ୍ପା, କମଲେଶ ମେହେଟ୍ଟା, ସମରେଶ ଜୁଙ୍ଗ ଓ ବିମଲ କୁମାର ସଦସ୍ୟ ରହିଛନ୍ତି। ଦ୍ରୋଣାଚାର୍ଯ୍ୟ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଗଠିତ କମିଟିରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଜଷ୍ଟିସ୍ ମୁକୁଲ ମୁଦଗଲଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି।

### ଅଲିମ୍ପିକ୍ ପଦକଧାରୀ ଯୋଡ଼ିକୁ ହରାଇଲେ ମନୁ-ସୁମିତ

ଟୋକିଓ,୧୨।୯(ପି.ଟି.)- ଭାରତୀୟ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ମନୁ ଅତ୍ରି ଓ ବି. ସାଇ ପ୍ରଣୀଥ ଏଠାରେ ଚାଲିଥିବା ୭ ଲକ୍ଷ ପୁରସ୍କାର ରାଶି ବିଶିଷ୍ଟ ଜାପାନ ଓପନରେ ବୁଧବାର ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଭାରତୀୟ ଯୋଡ଼ି ଅଲିମ୍ପିକ୍ ପଦକ ବିଜେତା ଗୋହ ଭି ଶେମ ଓ ତାମ ୱି କିଓଙ୍ଗଙ୍କ ଯୋଡ଼ିକୁ ପରାସ୍ତ କରି ଦେଇଛନ୍ତି। ପ୍ରି-କ୍ୱାର୍ଟର ମୁକାବିଲାକୁ ଜାତୀୟ ଚାମ୍ପିୟନ ମନୁ ଓ ସୁମିତ ୧୫-୨୧, ୨୩-୨୧, ୨୧-୧୯ ଗେମ୍‌ରେ ଜିତି ନେଇଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଦୁଇ ଭାରତୀୟ ଖେଳାଳି ପ୍ରଥମ ଗେମ୍‌ରେ ପରାଜିତ ହେବା ପରେ ୨ୟ ଗେମ୍‌ରେ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଅନ୍ତିମ ଗେମ୍‌କୁ ୨୧-୧୯ ବ୍ୟବଧାନରେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟ ଲାଗି ୫୪ ମିନିଟ୍ ଲାଗିଥିଲା। ଏହି ଭାରତୀୟ ଯୋଡ଼ି ସେମିଫାଇନାଲରେ ସ୍ଥାନ ପକ୍କା କରିବାକୁ ହେଲେ ଚାଇନାର ହେ ଜିଟିଙ୍ଗ ଓ ଟାମ କିଆଙ୍ଗଙ୍କୁ ହରାଇବାକୁ ପଡ଼ିବ। ଅନ୍ୟପକ୍ଷରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଠୀଙ୍କ ପୁରୁଷ ଡବଲ୍ସ ଏବଂ ଅଶ୍ୱିନ ପୁନପ୍ପା ଓ ଏନ୍. ସିକି ରେଡ୍ଡୀଙ୍କ ମହିଳା ଡବଲ୍ସ ଯୋଡ଼ି ପରାଜୟ ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଉଲ୍ଲେଖଥାଉ କି, ମାଲେସିଆର ଭି ଶେମ ଓ ତାମ ୱିଙ୍କ ଯୋଡ଼ି ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ।

### ବାହାରେ ହୋଇପାରେ ଆଗାମୀ ଆଇପିଏଲ୍

ନୂଆଦିଲ୍ଲୀ,୧୨।୯- ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପରବର୍ତ୍ତୀ ସଂସ୍କରଣ ବିଦେଶରେ ଆୟୋଜିତ ହେବାର ବିଶେଷ ସମ୍ଭାବନା ରହିଛି। କାରଣ ୨୦୧୯ରେ ସାଧାରଣ ନିର୍ବାଚନ ହେବାର ଅଛି। ତେବେ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଲିଗ୍ ୨୦୦୯ରେ ଦକ୍ଷିଣ ଆଫ୍ରିକା ଓ ୨୦୧୪ରେ ୟୁଏଇଠାରେ ଖେଳାଯାଇଥିଲା। ଦୁଇ ଥର ଯାକ ସାଧାରଣ ନିର୍ବାଚନ ଯୋଗୁ ହିଁ ଲିଗ୍ ବାହାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ସାଧାରଣ ନିର୍ବାଚନ ତାରିଖ ସମ୍ପର୍କରେ ଘୋଷଣାକୁ ଅପେକ୍ଷା କରାଯାଇଛି। ‘‘ଯଦି ନିର୍ବାଚନ ତାରିଖ ଆଇପିଏଲ କାର୍ଯ୍ୟସୂଚୀ ମେଳ ଖାଏ, ତେବେ ଲିଗ୍‌କୁ ନିଶ୍ଚିତ ବିଦେଶରେ ଆୟୋଜନ କରାଯିବ। କିନ୍ତୁ ଏବେ ଆମେ ନିର୍ବାଚନ କମିଶନଙ୍କ ଘୋଷଣାକୁ ଅପେକ୍ଷା କରିଛୁ’’ ବୋଲି ଆଇପିଏଲ ଅଧ୍ୟକ୍ଷ ରାଜିବ ଶୁକ୍ଳା କହିଛନ୍ତି। ବିଶ୍ୱର ସବୁଠୁ ବିତ୍ତଶାଳୀ ଲିଗ୍‌ର ପ୍ରସାରଣ ଅଧିକାର ଷ୍ଟାର ସ୍ପୋର୍ଟ୍ସ ୧୬,୩୪୭.୫୦ କୋଟି ଟଙ୍କାରେ ଖରିଦ କରିଛି।

# ସର୍ଦ୍ଦାର ସିଂଙ୍କ ଅବସର

ନୂଆଦିଲ୍ଲୀ, ୧୨।୯(ପି.ଟି.)



- ନାମ: ସର୍ଦ୍ଦାର ପୁରସ୍କାର ସିଂ
- ବୟସ: ୩୨
- ଉଚ୍ଚତା: ୫ ଫୁଟ ୯ ଇଞ୍ଚ୍
- ପ୍ଲେଇଂ ପୋଜିଶନ: ହାଫ୍‌ବ୍ୟାକ୍
- ଆନ୍ତର୍ଜାତିକ ମ୍ୟାଚ: ୩୫୦

ଭାରତୀୟ ପୂର୍ବତନ ହକି ଅଧିନାୟକ ସର୍ଦ୍ଦାର ସିଂ ଅବସର ଘୋଷଣା କରିଛନ୍ତି। ଫଳରେ ତାଙ୍କର ୧୨ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରର ଅନ୍ତ ଘଟିଛି। ବୁଧବାର ଏ ସଂକ୍ରାନ୍ତରେ ସେ ଅବସର ଘୋଷଣା କରିଛନ୍ତି। ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେବା ପାଇଁ ଅବସର ଗ୍ରହଣ କରିବାକୁ ନିଷ୍ପତ୍ତି ନେଉଛି ବୋଲି ସେ କହିଛନ୍ତି। ଗତ ଏସିଆନ ଗେମ୍ସରେ ଭାରତ ଟାଇଟଲ ବଜାୟ ରଖିବାକୁ ବିଫଳ ହୋଇଥିଲା ଓ ବ୍ରୋଞ୍ଜ ପଦକ ହାସଲ କରିଥିଲା। ତେବେ ଏହି ଫଳାଫଳ ମୋତେ ନିରାଶ କରିଥିଲା। ଏହା ପରେ ମୁଁ ଅବସର ନେବାକୁ ମନସ୍ଥ କରିଥିଲି ବୋଲି ସର୍ଦ୍ଦାର କହିଛନ୍ତି। ବୟସ ବଢ଼ିବା ସାଙ୍ଗକୁ ଦ୍ରୁତ ଗତିରେ ଦୌଡ଼ିବା ତାଙ୍କ ପାଇଁ ସମ୍ଭବ ନ ଥିଲା। ଫଳରେ ଦଳରେ ତାଙ୍କର ସ୍ଥାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ଗତ ୧୨ ବର୍ଷ ମଧ୍ୟରେ ମୁଁ ବହୁତ ହକି ଖେଳିଛି। ଏବେ ଅବସର ନେବାର ସମୟ ଉପନୀତ ହୋଇଛି। ଏବେ ଯୁବ ଖେଳାଳିମାନେ ଆଗକୁ ଆସିବା ଉଚିତ ଓ ସେମାନଙ୍କୁ ବାଟ ଛାଡ଼ିବା ଉଚିତ। ଚଣ୍ଡିଗଡ଼ରେ ମୋ ପରିବାର, ହକି ଇଣ୍ଡିଆ ଓ ବନ୍ଧୁମାନଙ୍କ ସହ ଆଲୋଚନ କରିବା ପରେ ମୁଁ ଏହି ନିଷ୍ପତ୍ତି ନେଇଛି ବୋଲି ସର୍ଦ୍ଦାର କହିଛନ୍ତି। ଗତ ଏସିଆନ ଗେମ୍ସ ଅବସରରେ ସର୍ଦ୍ଦାର ସେତେବେଳେ ଭିନ୍ନ ମତ ପୋଷଣ କରିଥିଲେ। ଏବେ ମୋ ପାଖରେ ବହୁତ ହକି ବାକି ଅଛି ଓ ୨୦୨୦ ଟୋକିଓ ଅଲିମ୍ପିକ୍ସ ଖେଳିବାକୁ ଚହେଁ ବୋଲି ସେ କହିଥିଲେ। ତେବେ ଜାତୀୟ ପ୍ରଶିକ୍ଷଣ ଶିବିର ପାଇଁ ହକି ଇଣ୍ଡିଆ ଦ୍ୱାରା ବୁଧବାର ଘୋଷିତ ହୋଇଥିବା ୨୫ ଜଣିଆ ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା। ଏହା ପରେ ତାଙ୍କର ହୃଦୟ ପରିବର୍ତ୍ତନ ହୋଇଥିଲା।

୨୦୦୬ରେ ପାକିସ୍ତାନ ବିପକ୍ଷରେ ସେ ସିନିୟର ହକିରେ ପଦାର୍ପଣ କରିଥିଲେ। ସେବେଠାରୁ ସେ ଭାରତୀୟ ମିଡଫିଲ୍ଡର ମେରୁଦଣ୍ଡ ହୋଇ ରହିଥିଲେ। ୩୨ ବର୍ଷୀୟ ସର୍ଦ୍ଦାର ଭାରତ ପାଇଁ ମୋଟ ଉପରେ ୩୫୦ଟି ଆନ୍ତର୍ଜାତିକ ମ୍ୟାଚ ଖେଳିଛନ୍ତି ଓ ୨୦୦୮ରୁ ୨୦୧୬ ପର୍ଯ୍ୟନ୍ତ ସେ ଭାରତୀୟ ଦଳର ଅଧିନାୟକ ହିସାବରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କ ପରେ ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଥିଲା।

୨୦୦୮ରେ ସୁଲତାନ ଆଜଲାନ ଶାହ କପ୍‌ରେ ସେ ସର୍ବକନିଷ୍ଠ ଭାରତୀୟ ଖେଳାଳିଭାବେ ଭାରତର ନେତୃତ୍ୱ ନେଇଥିଲେ। ସେ ୨୦୧୨ରେ ଅର୍ଜୁନ ଓ ୨୦୧୫ରେ ପଦ୍ମଶ୍ରୀ ପୁରସ୍କାର ହାସଲ କରିଥିଲେ। ସେ ଦୁଇଥର ଭାରତ ପାଇଁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ଜଣେ ଲଢୁଆ ଖେଳାଳିଭାବେ ସର୍ଦ୍ଦାର ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦଳରୁ ବାଦ୍ ପଡିବା ପରେ ସେ କଠିନ ପରିଶ୍ରମ କରି ଫିଟନେସ ଫେରିପାଇବା ସହିତ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଚାମ୍ପିୟନ୍ସ ଟ୍ରଫି ଦଳରେ ସ୍ଥାନ ପାଇ ଓ ରୌପ୍ୟ ପଦକ ହାସଲ କରିଥିଲେ। ବୟସାଧିକ ସତ୍ତ୍ୱେ ସେ ଦଳରେ ସବୁଠାରୁ ଫିଟ୍ ଖେଳାଳି ବିବେଚିତ ହେଉଥିଲେ। ତେବେ ଫିଟ୍‌ନେସ କାରଣରୁ ନୁହଁ, ବରଂ ପ୍ରକୃତ ସମୟ ଉପନୀତ ହୋଇଥିବାରୁ ମୁଁ ଅବସର ନେଉଛି ବୋଲି ସର୍ଦ୍ଦାର କହିଛନ୍ତି। ଏ ନେଇ ସେ କୋଚ୍ ହରେନ୍ଦ୍ର ସିଂଙ୍କୁ ଅବଗତ କରାଇଥିଲେ।

ହରିୟାଣାର ସିର୍ସାରୁ ଆସିଥିବା ସର୍ଦ୍ଦାରଙ୍କ କ୍ୟାରିୟର ବେଶ୍ ବିବାଦୀୟ ଥିଲା। ଜଣେ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ ମହିଳା ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ତେବେ ଏ ନେଇ ଲୁଧିଆନା ପୋଲିସ ତାଙ୍କୁ କ୍ଲିନ୍ ଚିଟ୍ ପ୍ରଦାନ କରିଥିଲା। ୫ ଫୁଟ ୯ ଇଞ୍ଚ୍ ବିଶିଷ୍ଟ ସର୍ଦ୍ଦାର ୨୦୧୦ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସେ ୨୦୦୭ ଓ ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୨୦୧୩ରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୨୦୧୪ ଏସିଆନ ଗେମ୍ସରେ ସେ ସ୍ୱର୍ଣ୍ଣ, ୨୦୧୦ ଓ ୨୦୧୮ ସଂସ୍କରଣରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୫ ୱାର୍ଲ୍ଡ ଲିଗ୍‌ରେ ସେ ସ୍ୱର୍ଣ୍ଣ ଜିତିଥିବା ବେଳେ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟୁର୍ନାମେଣ୍ଟରେ ସେ ୨୦୧୧ରେ ରୌପ୍ୟ, ୨୦୦୭ ଓ ୨୦୦୯ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

■ ପ୍ୟାସିଫିକ୍ ମାଷ୍ଟର୍ସ ଚାମ୍ପିୟନଶିପ୍

# ପାର୍ବତୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ମାଲେସିଆର ପେନାଙ୍ଗଠାରେ ଚାଲିଥିବା ପ୍ୟାସିଫିକ୍ ମାଷ୍ଟର୍ସ ଚାମ୍ପିୟନଶିପ୍‌ର ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଡିସ୍‌ସକ୍ ଥ୍ରୋରେ ଓଡ଼ିଶାର ପାର୍ବତୀ ସେଠୀ ସ୍ୱର୍ଣ୍ଣ ଓ ନମିତା ପଟେଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ଏହି ପ୍ରତିଯୋଗିତାରେ ପାର୍ବତୀଙ୍କ ପଦକ ସଂଖ୍ୟା ୨ରେ ପହଞ୍ଚିଛି। ପୂର୍ବରୁ ସେ ଶଟ୍‌ପୁଟ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୩ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଡିସ୍‌କସ୍ ଥ୍ରୋରେ ବ୍ରୋଞ୍ଜ ଜିତିଥିବା ନମିତା ପୂର୍ବରୁ ଜାଭେଲିନ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ। ଫଳରେ ତାଙ୍କୁ ମଧ୍ୟ ଡବଲ ସଫଳତା ମିଳିଛି। ଅନ୍ୟତମ ପ୍ରତିଯୋଗୀ ରେଖା ଦେ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ତିନିଜଣଯାକ ପ୍ରତିଯୋଗୀ ଏତିହାସିକ ସଫଳତା ଅର୍ଜନ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏଥିପାଇଁ ପାର୍ବତୀଙ୍କ କୋଚ୍ ଅରୁଣ ଦାଶ, ରେଖାଙ୍କ କୋଚ୍ ସୁସ୍ମିତା ଦତ୍ତ, ଜୁଗଲ ସିଂ, ଅନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟ୍ କେଶବ ମିଶ୍ର(ସଭାପତି–ଏମଜିଏଫଓ), ସୁନ୍ଦରମଣୀ ବାରିକ, ମାଷ୍ଟର୍ସ ଗେମ୍ ଆସୋସିଏଶନ ସମ୍ପାଦକ ଶିବ ପ୍ରସାଦ ମିଶ୍ର, ଏବଂ ମାଷ୍ଟର୍ସ ଆଥଲେଟିକ୍ ଆସୋସିଏଶନ ଅଫ୍ ଓଡ଼ିଶାର କର୍ମକର୍ତ୍ତାମାନେ ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପାସିଫିକ୍ ମାଷ୍ଟର୍ସ ଚାମ୍ପିୟନଶିପ୍‌ର ମହିଳା ଡିସ୍‌ସକ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଓଡ଼ିଶାର ପାର୍ବତୀ ସେଠୀ।



ସର୍ବଭାରତୀୟ ଜାପାନ ସୋତୋକାନ କରାଟେ କାନିନଜୁକୁ ଜାତୀୟ ପ୍ରତିଯୋଗିତାରେ ପଦକ ବିଜୟୀ ଭିଭି କରାଟେ ସ୍କୁଲର ପ୍ରତିଯୋଗୀମାନେ।

# ଭିଭି କରାଟେ ସ୍କୁଲକୁ ୨୮ ପଦକ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ବିଶାଖାପଟନମ୍‌ର ସ୍ୱର୍ଣ୍ଣଭାରତୀ ଏସି ଇନ୍‌ଡୋର ଷ୍ଟାଡିୟମରେ ଚଳିତମାସ ୭ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ୫ମ ସର୍ବଭାରତୀୟ ଜାପାନ ସୋତୋକାନ କରାଟେ କାନିନଜୁକୁ ଜାତୀୟ ପ୍ରତିଯୋଗିତାରେ ଭାଲେନା ଭାଲେଣ୍ଟିନାଙ୍କଦ୍ୱାରା ପରିଚାଳିତ ଭିଭି କରାଟେ ସ୍କୁଲକୁ ସଫଳତା ମିଳିଛି। ପ୍ରତିଯୋଗିତାରେ ଏହି ସ୍କୁଲର ମୋଟ ୨୫ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନେ ୧୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ଜିତି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଲିସା ସୁବୁଦ୍ଧି ଏକାକୀ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସ୍ୱର୍ଣ୍ଣ ବିଜେତା ଅନ୍ୟ ପ୍ରତିଯୋଗୀମାନେ ହେଲେ ଭାଲେଣ୍ଟିନା, ଚିନ୍ମୟ ସୁବୁଦ୍ଧି, ବେଦାନ୍ତ ଦାସ, ବିଦ୍ୟା କିରଣ, ସୁରୋମିତା ସିହ୍ନା, ଦିବ୍ୟାକ ନାୟକ, ରୁଦ୍ର ପ୍ରସାଦ, ଜସ୍ମିନ ପି. ମିଶ୍ର, ଶ୍ରୀଲେଖା ସ୍ୱାଇଁ, ଅଙ୍କିତ ସିଂ, ସାଇସିମରନ ପଟ୍ଟନାୟକ, ସମ୍ରିତା ପ୍ରଧାନ, ସମ୍ଭାବୀ ପଣ୍ଡା, ସାଇ ଜ୍ୟୋତି ମହାନ୍ତି। ସେହିପରି ଦତ୍ତାତ୍ରେୟ ସାମଲ ୨ଟି ରୌପ୍ୟ ପଦକ ପାଇଥିବାବେଳେ ଅଂଶିକା ମହାପାତ୍ର, ଅଲିଶା ଦାସ, ସାଇଶିବ ନାରାୟଣ, ଆର୍ଯ୍ୟମାନ ମିଶ୍ର ଗୋଟିଏ ଲେଖାଏ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ରୋଞ୍ଜ ବିଜେତାମାନେ ହେଲେ ସୋନାକ୍ଷୀ ସାମନ୍ତରାୟ, ଶ୍ୟାମଳୀ ବୋଷ, ହ୍ରିତିକ୍ କୁମାର ମିଶ୍ର, ଆର୍ଯ୍ୟମାନ ମିଶ୍ର ଓ ଅମରେଶ୍ ଦେ।

## ବିଶ୍ୱକପ୍ ଚାମ୍ପିୟନ ଲୋରିସ୍‌ଙ୍କୁ ଜରିମାନା

ଲଣ୍ଡନ,୧୨।୯(ଏପି)

ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ଗୋଲକିପର ହ୍ୟୁଗୋ ଲୋରିସଙ୍କୁ ୫୦ ହଜାର ପାଉଣ୍ଡ ଜରିମାନା ଦେବାକୁ ପଡ଼ିଛି, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୪୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ। ଆର୍ଥିକ ଦଣ୍ଡାଦେଶ ସହ ତାଙ୍କ ଗାଡ଼ି ଚଳାଇବା ଉପରେ ୨୦ ମାସ ଲାଗି ପ୍ରତିବନ୍ଧକ ଲଗାଯାଇଛି। ସେ ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଗତ ମାସରେ ଟୋଟେନହାମ କ୍ଲବର ଗୋଲକିପର ସେଣ୍ଟ୍ରାଲ ଲଣ୍ଡନଠାରେ ଟ୍ରାଫିକ ନିୟମ ଭଙ୍ଗ କରିଥିଲେ। ପୋଲିସ ତାଙ୍କ ପୋର୍ଶକୁ ଠାବ କରିବା ବେଳକୁ ଲୋରିସ ଗାଡ଼ିରେ ଚେତା ହରାଇ ବସିଥିଲେ। ପୋଲିସ କର୍ମୀମାନେ ତାଙ୍କୁ ସୁରକ୍ଷିତ ଅବସ୍ଥାରେ ମେଡିକାଲ ନେଇଥିଲେ। ଏ ସମ୍ପର୍କରେ ଲଣ୍ଡନର ଏକ କୋର୍ଟରେ ବୁଧବାର ଅନୁଷ୍ଠିତ ଶୁଣାଣିରେ ସେ ନିଜ ଦୋଷ ସ୍ୱୀକାର କରିଛନ୍ତି।

# ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୧୨।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ତୃତୀୟ ଚରଣପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ବୁଧବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଫ୍ଲାଗ୍‌ଅଫ୍ କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କ୍ରୀଡ଼ା ସଚିବ ବିଶାଲ ଦେବ ଓ ଟାଟା ଷ୍ଟିଲ୍ ଆଡ୍‌ଭେଞ୍ଚର ଫାଉଣ୍ଡେଶନ(ଟିଏସଏଏଫ)ର କର୍ମକର୍ତ୍ତା ଉପସ୍ଥିତ ଥିଲେ। ୨୦୧୬ରେ ବିଜୁ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଏବେ କ୍ରୀଡ଼ା ବିଭାଗର ବାର୍ଷିକ କାର୍ଯ୍ୟସୂଚୀରେ ସାମିଲ ହୋଇ ଯାଇଛି। ଯୁବକଙ୍କ ମଧ୍ୟରେ ଦୁଃସାହସିକତା, ଶୃଙ୍ଖଳା, ଟିମ୍‌ସ୍ପିରିଟ୍ ଏବଂ ନେତୃତ୍ୱ ନେବାର ମନୋଭାବ ଭରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ।

ଏଥରର ହିମାଳୟାନ ଅଭିଯାନ ଚଳିତମାସ ୧୬ରୁ ଆରମ୍ଭ ହୋଇ ୨୯ରେ ଶେଷ ହେବାର ଯୋଜନା ରହିଛି। ଅଭିଯାତ୍ରୀମାନେ ଉତ୍ତରାଖଣ୍ଡର ଗଙ୍ଗୋତ୍ରୀ ତୁଷାର ପରିବେଷ୍ଟିତ ୧୯,୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ମାଉଣ୍ଟ ରୁଦୁଗାଇରା ଆରୋହଣ କରିବେ। ଟିଏସଏଏଫର ବୈଷୟିକ ସହାୟତା କ୍ରମେ ଏହି ଆରୋହଣ ହେବ। ଅଭିଯାତ୍ରୀ ଦଳ ମନୋନୟନ ପାଇଁ ୨ଟି ପର୍ଯ୍ୟାୟରେ ଚୟନ ଏବଂ ପ୍ରସ୍ତୁତି ଅନୁଷ୍ଠିତ ହୋଇଥିଲା। ଶେଷରେ ୫ ବାଳିକା ଓ ୧୦ ବାଳକ ରୁଦୁଗଇରା ଆରୋହଣ ପାଇଁ ମନୋନୀତ ହୋଇଛନ୍ତି। ଏହି ଅଭିଯାନ ପ୍ରଥମ ଭାରତୀୟ ମହିଳା ଭାବେ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିବା ଏବଂ ଟାଟା ଷ୍ଟିଲ୍ ଆଡ୍‌ଭେଞ୍ଚର ଫାଉଣ୍ଡେଶନର ନିର୍ଦ୍ଦେଶକଥିବା ପଦ୍ମଶ୍ରୀ ବଚ୍ଛେନ୍ଦ୍ରୀ ପାଲ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ତାଙ୍କ ସହିତ ପ୍ରଥମ ଭାରତୀୟ ମହିଳା ଭାବେ ସମସ୍ତ ୭ଟି ମହାଦେଶୀୟ ଉଚ୍ଚତମ ଶୃଙ୍ଗ ଆରୋହଣ କରିଥିବା ପଦ୍ମଶ୍ରୀ ପ୍ରେମଲତା ଅଗ୍ରୱାଲ, ଏଭରେଷ୍ଟ ଆରୋହଣକାରୀ ରାଜେନ୍ଦ୍ର ସିଂ ପାଲ୍ ଓ ଗଣେଶଚନ୍ଦ୍ର ଜେନା ଏହି ଅଭିଯାନର ଟିମ୍ କୋଅର୍ଡିନେଟର ରହିବେ।

ଏହି ଅଭିଯାନରେ ସାମିଲ ହେବାପାଇଁ ଗତ ଫେବୃୟାରୀରେ ବିଜ୍ଞାପନ ଦିଆ ଯାଇଥିଲା। ଏଥିପାଇଁ ମୋଟ ୧୪୪ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୯୯ ଜଣ ମାର୍ଚ୍ଚରେ କଳିଙ୍ଗ ଷ୍ଟାଡିୟମରେ ଫିଟ୍‌ନେସ୍ ଟେଷ୍ଟ ଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ୧୦ ବାଳିକା ଓ ୨୦ ବାଳକ ଟିଏସଏଏଫରେ କଣ୍ଡିଶନିଂ କ୍ୟାମ୍ପ ପାଇଁ ମନୋନୀତ ହୋଇଥିଲେ। ଜାମସେଦପୁରରେ ଏହି କ୍ୟାମ୍ପ ଏପ୍ରିଲ ୨୬ରୁ ମେ ୪ ପର୍ଯ୍ୟନ୍ତ ଚାଲିଥିଲା। ଟିଏସଏଏଫର ବୈଷୟିକ ସହାୟତାକ୍ରମେ ପ୍ରି–ସିଲେକ୍ସନ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ୩୦ ଜଣଙ୍କ ମଧ୍ୟରୁ ୧୫ (୫ ବାଳିକା, ୧୦ ବାଳକ) ରୁଦୁଗାଇରା ଆରୋହଣ ପାଇଁ ମନୋନୀତ ହୋଇଥିଲେ।

### ଅଭିଯାତ୍ରୀ ଦଳ

ମୋନିକା ବେକ୍(ସମ୍ବଲପୁର), ସସ୍ମିତା ସାହୁ(ଜଗତସିଂହପୁର), ସଂଘମିତ୍ରା ଦଳାଇ(ଯାଜପୁର), ଲିପ୍ସାମୟୀ ଦୁବେ(କଳାହାଣ୍ଡି), କ୍ଷୀରୋଦିନୀ ବେହେରା (ଦେବଗଡ଼), ଚିନ୍ମୟ ମହାରଣା (ଖୋର୍ଦ୍ଧା), ଦେବଦତ୍ତ ସାମନ୍ତରାୟ (ଖୋର୍ଦ୍ଧା), ଧନପତି ବାଗ୍(କଳାହାଣ୍ଡି), ସୋମନାଥ ମୁଣ୍ଡାରୀ(ସୁନ୍ଦରଗଡ଼), ରାହୁଲ ପଧାନ(କଳାହାଣ୍ଡି), ରାଜେନ୍ଦ୍ର ମାଝି(କଳାହାଣ୍ଡି), ଜୟନାରାୟଣ ମହାକୁଡ଼ (ସମ୍ବଲପୁର), ସାନ୍ତା ସରଣ ପ୍ରଧାନ(ଗଞ୍ଜାମ), ଅନିମେଶ ସାହୁ(ଖୋର୍ଦ୍ଧା), ଚନ୍ଦନ କୁମାର ପ୍ରଧାନ(ବୌଦ୍ଧ)। ଟିମ୍ ଲିଡର: ଗଣେଶ ଚନ୍ଦ୍ର ଜେନା।




କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଫ୍ଲାଗ୍‌ଅଫ୍ କରି ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ଶୁଭାରମ୍ଭ କରୁଛନ୍ତି।

# ଜନହିତକର କାର୍ଯ୍ୟ କଲେ ପୁରସ୍କୃତ ହେବେ ତହସିଲଦାର



ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ ।

### ଜିଲା ରାଜସ୍ୱ ସମୀକ୍ଷା ବୈଠକ

- ବେଆଇନ୍ କାରବାର ରୋକିବାକୁ ନିର୍ଦ୍ଦେଶ
- କାମରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୧୨।୯(ଡି.ଏନ.ଏ):

ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ରାଜସ୍ୱ କର୍ମଚାରୀ ବିଶେଷକରି ତହସିଲଦାରମାନଙ୍କୁ ମାଜିଷ୍ଟ୍ରେଟ୍ ଅଧିକାର ଦିଆଯାଇଥିବାରୁ ସେମାନେ ଯେ କୌଣସି ପରିସ୍ଥିତିକୁ ମୁକାବିଲା କରିବାକୁ ସକ୍ଷମ । ଯେଉଁ ତହସିଲଦାରମାନେ ଜନହିତକର କାର୍ଯ୍ୟ କରି ପ୍ରଶଂସାଭାଜନ ହୋଇଛନ୍ତି, ସେମାନଙ୍କୁ ପୁରସ୍କୃତ କରାଯିବା ସହ ତାଙ୍କ କାର୍ଯ୍ୟାବଳୀ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ କହିଥିଲେ । କାର୍ଯ୍ୟରେ ଅବହେଳା କରୁଥିବା ତହସିଲଦାରଙ୍କୁ ଏପରି ଦଣ୍ଡବିଧାନ କରାଯିବ, ଯାହାକି ଚର୍ଚ୍ଚାର ବିଷୟ ହେବ । ତହସିଲରେ ସର୍ବସାଧାରଣଙ୍କ ଆବେଦନର ଠିକ ହିସାବ ଜାଣିବା ପାଇଁ ଗଞ୍ଜାମ ଜିଲା ତରଫରୁ ଏକ ସ୍ୱତନ୍ତ୍ର କମ୍ପ୍ୟୁଟର ସଫ୍ଟୱେର ପ୍ରସ୍ତୁତ କରାଯାଇଛି । ଯାହାଦ୍ୱାର କେତେ କାର୍ଯ୍ୟ ବଳକା ରହୁଛି ତାହା ଜିଲାପାଳଙ୍କ କାର୍ଯ୍ୟାଳୟ ଜାଣିପାରିବ । ତେଣୁ ତହସିଲଦାର ତଥା ଅନ୍ୟ କର୍ମଚାରୀମାନେ ସବୁ ସମୟରେ ସଜାଗ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସୈରାତ ଉତ୍ସଗୁଡିକ ରିତିମତ ନିଲାମ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଚୋରା ବାଲି, ପଥର, ମୋରମ ନେଉଥିବା ଗାଡି ଉପରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କରିବାକୁ କୁହାଯାଇଛି । ଏଥିସହ ଚୋରା ମଦ କାରବାର ଉପରେ ନଜର ରଖିବାକୁ କୁହାଯାଇଛି। ଏଥିରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରାଯିବ । ଅବକାରୀ ଅଧୀକ୍ଷକମାନେ ସିଧା ଜିଲାପାଳଙ୍କ ନିକଟରେ ଉତ୍ତରଦାୟୀ ରହିବେ । ୨୦୧୮–୧୯ରେ ଜିଲା ଅବକାରୀ ବିଭାଗକୁ ୫୮ କୋଟି ଟଙ୍କା ଧାର୍ଯ୍ୟ ଦିଆଯାଇଥିବା ବେଳେ ଅଗଷ୍ଟ ସୁଦ୍ଧା ବିଭାଗ ୨୦ କୋଟି ୬୦ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରିଛି । ମାପ ଓଜନ ବିଭାଗର ଅଧିକାରୀ ଜିଲାପାଳଙ୍କୁ ତାଙ୍କର ମାସିକ ଧର ପଗଡ ବିବରଣୀ ପ୍ରଦାନ କରିବେ । ତହସିଲଗୁଡିକରେ ଜନସାଧାରଣଙ୍କ ଆବଶ୍ୟକ ତଥ୍ୟ ଓଡିଆରେ ବଡ ସୂଚନା ଫଳକରେ ଲିପିବଦ୍ଧ କରାଯିବ । ସିଙ୍ଗଲ ୱିଣ୍ଡୋରେ ବସୁଥିବା କର୍ମଚାରୀଙ୍କ ନାମ ଓ ଟେଲିଫୋନ ନମ୍ବର ତାହା ସାମ୍ନାରେ ଲେଖାଯିବ । ଜନସାଧାରଣ ନିଜେ ସେମାନଙ୍କ ଦରଖାସ୍ତ ତହସିଲରେ ପ୍ରଦାନ କରିବା ପାଇଁ ଜିଲାପାଳ କହିଛନ୍ତି । ସରକାରୀ ଜମିକୁ ଯେଉଁ ମୁଷ୍ଟିମେୟ ବ୍ୟକ୍ତି ଦଖଲ କରି ନ୍ୟାୟାଳୟ ଯାଇଛନ୍ତି, ସେମାନଙ୍କୁ ବେଦଖଲ କରିବା ପାଇଁ ସମସ୍ତ ପ୍ରଚେଷ୍ଟା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଜୟ କୁମାର ଦାଶ, ଭଞ୍ଜନଗର ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଶା କର୍ମୀ ସଂଘର ଦାବିପତ୍ର ପ୍ରଦାନ

ପୋଲସରା/ ଧରାକୋଟ, ୧୨।୯ (ଡି.ଏନ.ଏ.)

ପୋଲସରା ବ୍ଲକ ଆଶା କର୍ମୀ ଓ ଆଶାସାଥୀମାନେ ବୁଧବାର ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ରବି ନାରାୟଣ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅଗଷ୍ଟ ମାସର ପାରିତୋଷକ ପ୍ରଦାନ, ଅଫିସ ନିୟମିତ ଖୋଲିବା, ରାଜ୍ୟ ସରକାର ଘୋଷଣା କରିଥିବା ପ୍ରୋତ୍ସାହନ ରାଶି ୧୦ ହଜାର ଟଙ୍କା ଆଶାମାନଙ୍କୁ ପ୍ରଦାନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ରର ନକଲ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟକୁ ପଠାଯାଇଛି । ଦାବିପତ୍ର ପ୍ରଦାନ ବେଳେ ପୋଲସରା ଆଶା ସଂଘ ସଭାନେତ୍ରୀ ଗୀତା କୁମାରୀ ଗୌଡ଼, ଆଶାସାଥୀ ଉର୍ମିଳା ପ୍ରଧାନ, ସଂଯୁକ୍ତା ପ୍ରଧାନ, ଚନ୍ଦ୍ରମା ଗୌଡ଼, ମମତା ପ୍ରଧାନ, ମଞ୍ଜୁଲତା ପ୍ରଧାନ, ଶାନ୍ତିଲତା ପାତ୍ର, ନିବାସିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଧରାକୋଟ ବ୍ଲକ ଆଶା କର୍ମୀ ସଂଘ ପକ୍ଷରୁ ୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଓ ଧରାକୋଟ ବିଡିଓଙ୍କୁ ପ୍ରଦାନ ସହ ମେଡିକାଲ ସମ୍ମୁଖରେ ଧାରଣା ଦିଆଯାଇଛି । ସଂଘ ବ୍ଲକ ସଭାପତି ଝୁଲିଦାସ ଓ ସମ୍ପାଦକ ଇନ୍ଦୁମତି ମହାରଣାଙ୍କ ନେତୃତ୍ୱରେ ବ୍ଲକର ୧୦୩ ଜଣ ଆଶାକର୍ମୀ, ଆଶାସାଥୀ ଉପସ୍ଥିତ ଥିଲେ ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ